ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୧୯
୧୫ ଜାନୁଆରୀ, ୨୦୨୬ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 219
15th January, 2026 Thursday
Bhubaneswar

ODISHA EXPRESS  SIGHTS TRUTH WRITES TRUTH  ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in  E-mail : odishaexpress@gmail.com  RNI Regd. No. ODIODI/2006/23033  Postal Regd. No. : BN/169/13-15  ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି
ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି ।**

ବିପଦ ଆପଦ ପାଇଁ ଧନ ସଞ୍ଚୟ କରିବା ସଂଗେ ସଂଗେ ସେହି ଧନ ବିନିମୟରେ ପତ୍ନୀକୁ ପାଳନ କରିବା ଉଚିତ । କିନ୍ତୁ ଆବଶ୍ୟକ ପଡ଼ିଲେ ପତ୍ନୀ ଓ ଧନ ବିନିମୟରେ ନିଜକୁ ସର୍ବତୋଭାବେ ରକ୍ଷା କରିବା ଉଚିତ । ତେଣୁ ଯଥାକ୍ରମେ ଧନ, ଦାରା ଓ ଆତ୍ମରକ୍ଷା ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ

ଅମ୍ବିକା ପ୍ରସାଦ ଦାସଙ୍କ
‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ

**ମିଛ କହୁଥିବା ଲୋକ ଦିନେ ନା ଦିନେ ଖାଲରେ ପଡ଼େ**

# ଇରାନ ଛାଡ଼ିବାକୁ ଭାରତୀୟଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଇରାନରେ ଆରମ୍ଭ ହୋଇଥିବା ସରକାରୀ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ବିକ୍ଷୋଭ ଯୋଗୁ ୨୫୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ଇରାନର ଖାମେନେଇ ସରକାର ଦମନଲୀଳା ଜାରି ରଖିଛନ୍ତି । ଏହା ବିରୋଧରେ ଆମେରିକା କ୍ରମାଗତ ଭାବେ ଇରାନକୁ ଆକ୍ରମଣର ଧମକ ଦେଇ ଚାଲିଛି । ଏହାକୁ ନେଇ ଇରାନ ସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଛି ।

ଏଥିପାଇଁ ଇରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ନିଜ ଦେଶର ନାଗରିକଙ୍କୁ ଜାରି କରାଯାଇଛି କଡା ପରାମର୍ଶ । ଇରାନରେ ଥିବା ଭାରତୀୟ ଶିକ୍ଷାର୍ଥୀ, ଶ୍ରଦ୍ଧାଳୁ, ବ୍ୟବସାୟୀ ଓ ପର୍ଯ୍ୟଟକମାନେ ତୁରନ୍ତ ଉପଲବ୍ଧ ଥିବା



ସମସ୍ତ ବ୍ୟବସ୍ଥାକୁ ଆପଣାଇ ସ୍ୱଦେଶ ଫେରି ଆସନ୍ତୁ । ସେମାନେ ବ୍ୟବସାୟିକ ବିମାନ ମଧ୍ୟ ଭାରତ ଆସିବା ପାଇଁ ବ୍ୟବହାର କରିପାରିବେ ବୋଲି ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ଦୀର୍ଘ ୨୦ ଦିନ ତଳେ ଇରାନରେ ଆରମ୍ଭ ହୋଇଥିବା ସରକାରୀ ବିରୋଧୀ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ବିକ୍ଷୋଭକାରୀଙ୍କୁ ଇରାନ ସରକାର ହତ୍ୟା କରିବାରେ ଲାଗିଥିଲେ ହେଁ ସେମାନେ ପଛଘୁଞ୍ଚା ଦେଉ ନାହାନ୍ତି । ଏହାକୁ ନେଇ ଦେଶ ଭିତରେ ଗୋଟିଏ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ବିବାଦ ଚରମସୀମାରେ ପହଞ୍ଚି ଥିବା ବେଳେ ଏବେ ଭାରତୀୟମାନଙ୍କୁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି ।

ଇରାନରେ ଥିବା ଭାରତୀୟମାନଙ୍କୁ ବିକ୍ଷୋଭ ହେଉଥିବା ସ୍ଥାନରୁ ଦୂରେଇ ରହିବା ସହ ସହ ତେହରାନ ସ୍ଥିତ ଦୂତାବାସ ସହ ଯୋଗାଯୋଗରେ ରହିବାକୁ କୁହାଯାଇଛି । ସେହିପରି ସମସ୍ତଙ୍କୁ ଯାତ୍ରା ଓ ପରିଚୟ ସଂକ୍ରାନ୍ତ ଦସ୍ତାବିଜ ପ୍ରସ୍ତୁତ କରି ରଖିବାକୁ ମଧ୍ୟ ନିର୍ଦ୍ଦେଶ ମିଳିଛି ।

ଯେଉଁ ଭାରତୀୟମାନେ ଦୂତାବାସ ନିକଟରେ ନିଜର ପଞ୍ଜିକରଣ କରି ନାହାନ୍ତି, ସେମାନଙ୍କୁ ତୁରନ୍ତ ଏପରି କରିବାକୁ ପରାମର୍ଶ ଦିଆଯାଇଛି । ସମସ୍ତ ପ୍ରକାରର ସହାୟତା ଓ ସୂଚନା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ଜରୁରୀ ହେଲପ ଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି ।

ଇରାନର ମୁଦ୍ରାସ୍ଫୀତି ଦୁଇ ସଂଖ୍ୟାରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଆ ଭାଷାରେ ହେବ ସରକାରୀ କାମ

**ଭୁବନେଶ୍ୱର, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଏଣିକି ଓଡ଼ିଆ ଭାଷାରେ ହେବ ସମସ୍ତ ସରକାରୀ କାର୍ଯ୍ୟ । ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟମାନଙ୍କରେ ତଥା ବ୍ଲକ, ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବ । ଏନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଅଧସ୍ତନ କାର୍ଯ୍ୟାଳୟ, ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଅନୁଷ୍ଠାନ ଯେପରିକି ବିଭିନ୍ନ ନିଗମ, ପୌରସଂସ୍ଥା ଓ ସ୍ୱୟଂଚାଳିତ ସଂସ୍ଥା ଇତ୍ୟାଦି ଏହି ନିର୍ଦ୍ଦେଶକୁ ପାଳନ କରିବେ । ଯେଉଁ ଅଧିକାରୀ ଏହାର ଖିଲାପ କରିବେ ତାଙ୍କୁ ତାଗିଦ୍ କରାଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବ ।

ସୂଚନାଯୋଗ୍ୟ, ସରକାରୀ ଅଫିସରେ ୪୦-୫୦ ଜଣ ଅଣ ଓଡ଼ିଆଙ୍କୁ ଛାଡିଦେଲେ ବାକି ସବୁ ଓଡିଆ । ଯେଉଁମାନେ ଅଧିକାଂଶ ଓଡିଆ ମାଧ୍ୟମରେ ପାଠ ପଢ଼ିଛନ୍ତି । ହେଲେ ଓଡିଆ ଲେଖିବାକୁ କାହିଁକି କୁଣ୍ଠାବୋଧ କରୁଛନ୍ତି ତାହା ଜଣାପଡୁନାହିଁ । ଓଡିଆଙ୍କୁ ଓଡିଆରେ ଲେଖିବାକୁ କଷ୍ଟ ହେଉଛି କି ନା ମାତୃଭାଷାକୁ ନେଇ ବାବୁଙ୍କ ମନରେ ହୀନମନ୍ୟତା ରହିଛି ? ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ହିଁ କଣ୍ଟା ସାଜୁଛନ୍ତି ଓଡିଆ ଭାଷା ପାଇଁ । ଓଡିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ନିର୍ଦ୍ଦେଶାନାମା ଖାଲି ଚିଠିରେ ସୀମିତ ରହିଯିବ ନା ବାସ୍ତବରେ ଏହା କାର୍ଯ୍ୟକାରୀ ହେବ ତାହା ଦେଖିବାକୁ ବାକି ରହିଲା ।

## ବିକ୍ରି ଶିଶୁକନ୍ୟା କଟକରୁ ଉଦ୍ଧାର

**କଟକ, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକରେ ବିକ୍ରି ହୋଇଥିବା ଶିଶୁ କନ୍ୟାକୁ କଟକରୁ ଉଦ୍ଧାର ହୋଇଛି । ଉଦ୍ଧାର ଶିଶୁକୁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସ୍ୱାସ୍ଥ୍ୟ ଯାଂଚ ପରେ ଶିଶୁ ମଂଗଳ କମିଟିରେ ପୋଲିସ ଶିଶୁଟିକୁ ହାଜର କରିବ । ଅଭିଯୋଗ ଅନୁସାରେ ସୋମବାର ସକାଳ ପ୍ରାୟ ୯ଟାରେ ପୁଅ ଓ ବୋହୂ ଏକ ମାସର ନାତୁଣୀକୁ ଚିକିତ୍ସା ପାଇଁ ନେଉଥିବା କହି ଘରୁ ବାହାରି ଯାଇଥିଲେ । ରାତି ପ୍ରାୟ ୮ଟା ବେଳକୁ ପୁଅ ଓ ବୋହୂ ଘରକୁ ଫେରିଥିଲେ । ହେଲେ ଶିଶୁ କନ୍ୟା ସାଂଗରେ ନଥିଲା । ଜେଜେମା ନାତୁଣୀ ସଂପର୍କରେ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ମାଡ଼ ଧମକ ଦେଇଥିଲେ । ଘରେ ବୋହୂଙ୍କ ମା’ ତଥା ତାଙ୍କ ସମୁଦୁଣୀ ମଧ୍ୟ ରହୁଛନ୍ତି । ପୁଅବୋହୂ ଓ ସମୁଦୁଣୀ ମିଶି ଷଡ଼ଯନ୍ତ୍ର କରି ନାତୁଣୀକୁ ବିକି ଦେଇଥିବା ଅଥବା ମାରିଦେଇଥିବା ଜେଜେମା ସନ୍ଦେହ କରିଥିଲେ । ଏ ନେଇ ମଂଗଳବାର ସେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେଶ ନଂ ୧୭/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଭଣ୍ଡାରିପୋଖରୀ ଥାନାଧିକାରିଣୀଙ୍କ ନେତୃତ୍ୱରେ ସନ୍ଧ୍ୟାରେ ଭଣ୍ଡାରିପୋଖରୀ ପୋଲିସ କଟକ ରାଜାବଗିଚା ଅଂଚଳରୁ ଶିଶୁ କନ୍ୟାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା । ଅପର ପକ୍ଷରେ ଶିଶୁର ବାପା ମା ଋଣ ଶୁଝିବା ପାଇଁ ଶିଶୁକୁ ବିକି ଦେଇଥିବା ପ୍ରକାଶ କରିଛନ୍ତି । ଜଣେ ସଂପର୍କୀୟ ମାଉସୀଙ୍କର ପିଲା ନଥିବାରୁ ତାଙ୍କୁ ୩୫ହଜାର ଟଙ୍କାରେ ଝିଅକୁ ବିକ୍ରି କରିଥିବା ଝିଅର ମା’ କହିଛନ୍ତି । ଅଭିଯୁକ୍ତ ବାପା ଓ ମା ପୋଲିସ ହେପାଜତରେ ରହିଥିବା ଜଣାପଡ଼ିଛି ।

## ଆଦିତ୍ୟ ସାହୁ ଝାଡ଼ଖଣ୍ଡ ବିଜେପି ମୁଖିଆ

**ରାଞ୍ଚି, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସଭା ସଦସ୍ୟ ଆଦିତ୍ୟ ସାହୁଙ୍କୁ ବିଜେପି ଝାଡ଼ଖଣ୍ଡ ୟୁନିଟର ନୂତନ ସଭାପତି ନିଯୁକ୍ତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏହା ଘୋଷଣା କରିଛନ୍ତି । ଆଦିତ୍ୟ ସାହୁ ଓବିସି ସମ୍ପ୍ରଦାୟର । ଓରାମ ରାଜ୍ୟରୁ ଜାତୀୟ ପରିଷଦ ସଦସ୍ୟଙ୍କ ନାମ ମଧ୍ୟ (ଶେଷ ପୃଷ୍ଠା ଦେଖନ୍ତୁ)

## ମାଞ୍ଜାସୂତା ଲାଗି କଟିଲା ନାକ

**ଢେଙ୍କାନାଳ, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାଞ୍ଜାସୂତା ଲାଗି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ଢେଙ୍କାନାଳ ସହରର ପ୍ରମୁଖ ବଜାର ମୀନାବଜାର ଅଂଚଳରେ ବୁଧବାର ଅପରାହ୍ନରେ କିଛି ଯୁବକ ମାଞ୍ଜା ସୂତା ଲଗାଇ ଗୁଡି ଉଡାଉଥିଲେ । ସେହି ସମୟରେ ପ୍ରମୁଖ ରାସ୍ତାରେ ବାଇକରେ ଯାଉଥିବା ଅଭିଷେକ ସାହୁ (୨୩) ନାମକ ଜଣେ ଯୁବକଙ୍କ ମୁହଁରେ ମାଞ୍ଜାସୂତା ଆସି ଲାଗି ଯାଇଥିଲା । ଏଥିରେ ତାଙ୍କର ନାକ ଓ ଆଙ୍ଗୁଠି କଟିଯାଇଥିବା ନେଇ ସୂଚନା ରହିଛି ।


ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତାଙ୍କ ଘର ସଦର ଥାନା ସାଇଁବିରି ଅଞ୍ଚଳରେ ବୋଲି ଜଣାପଡିଛି । ସେହିପରି ଏହି ଘଟଣାରେ ବାଜିଚୌକ ଅଂଚଳର ବ୍ରହ୍ମାନନ୍ଦ ସାହୁ ନାମକ ଜଣେ ଯୁବକ ଅଳ୍ପକେ (ଶେଷ ପୃଷ୍ଠା ଦେଖନ୍ତୁ)

# ବିଷ ଇଞ୍ଜେକସନ ଦେଇ ୫୦୦ ବୁଲା କୁକୁରଙ୍କୁ ହତ୍ୟା

**ହାଇଦ୍ରାବାଦ, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଲା କୁକୁରଙ୍କ ସଂହାର । ତେଲଙ୍ଗାନାର ବିଭିନ୍ନ ଗାଁରେ ବୁଲା କୁକୁରଙ୍କୁ ବିଷ ଇଞ୍ଜେକସନ ଦେଇ କରାଯାଉଛି ହତ୍ୟା । ୧୫ ଦିନ ମଧ୍ୟରେ ୫୦୦ଟି ବୁଲା କୁକୁରଙ୍କ ଜୀବନ ଯିବା ପରେ ଆକ୍ସନ ମୋଡକୁ ଆସିଛି ପୁଲିସ୍ । ବୁଲା କୁକୁରମାନଙ୍କ ସଂହାର ଘଟଣାରେ ପୁଲିସ ୧୫ ଜଣଙ୍କ ବିରୋଧରେ ଆରମ୍ଭ କରିଛି ଆଇନଗତ କାର୍ଯ୍ୟାନୁଷ୍ଠାନ । ଏମାନଙ୍କ ମଧ୍ୟରେ ହାନମକୋଣ୍ଡା ଓ କାମାରେଡ୍ଡୀ ଜିଲ୍ଲାରେ ଥିବା ୭ ଗାଁର ମୁଖିଆ ବି ରହିଛନ୍ତି । ସେମାନଙ୍କୁ ପୁଲିସ ପକ୍ଷରୁ ନୋଟିସ କରାଯାଇଛି । ନୂଆ ବର୍ଷର ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ଏତେ ସଂଖ୍ୟକ ବୁଲା କୁକୁରଙ୍କୁ ବିଷ ଓ ଇଞ୍ଜେକେସନ ଦେଇ ହତ୍ୟା କରିବା ତେଲଙ୍ଗାନା ତଥା ଦେଶ ଇତିହାସରେ ପ୍ରଥମ ଘଟଣା । ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି । ସ୍ଥାନୀୟ ନିର୍ବାଚନ ବେଳେ କିଛି ଜନ ପ୍ରତିନିଧି ଗାଁକୁ ବୁଲା କୁକୁର ମୁକ୍ତ କରିବାର ଗୋଟିଏ ଆଶ୍ଚର୍ଯ୍ୟଜନକ ପ୍ରତିଶ୍ରୁତି ଦେଇଥିଲେ । ଏବେ ଏହାକୁ ପୂରଣ କରିବା ପାଇଁ ନିରୀହ ବୁଲା କୁକୁରଙ୍କ ସଂହାର କରାଯାଉଥିବା ଜଣାପଡିଛି ।

ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ,



ଗ୍ରାମ ପଞ୍ଚାୟତ ନିର୍ବାଚନ ବେଳେ ଏକାଧିକ ପ୍ରାର୍ଥୀ ଲୋକମାନଙ୍କୁ ବୁଲା କୁକୁର ମୁକ୍ତ ଗାଁର ପ୍ରତିଶ୍ରୁତି ଦେଇଥିଲେ । ବିଭିନ୍ନ ଗାଁରେ ବୁଲା କୁକୁର ଆତଙ୍କ ବଢୁଥିବାରୁ ସ୍ଥାନୀୟ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ନିର୍ବାଚନ ଜିତିବା ଅନେକ ଜନ ପ୍ରତିନିଧି ଗାଁକୁ ବୁଲା କୁକୁର ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି ।

ବୁଲା କୁକୁରମାନଙ୍କୁ ହତ୍ୟା କରିବା ପାଇଁ ଏମିତି ଏକ ବିଷାକ୍ତ ଇଞ୍ଜେକସନ ଦିଆଯାଉଛି, ଯାହା ତୁରନ୍ତ ସେମାନଙ୍କ ଜୀବନ ନେଇ ଯାଉଛି ।

ଏହାର ଗୋଟିଏ ଭିଡିଓ ମଧ୍ୟ ଜଗତିୟାଲ ଜିଲ୍ଲାର ଧରମାପୁରୀ ପୌର ପାଳିକାରୁ ଆସିଛି । ଭିଡିଓରେ ଜଣେ ବ୍ୟକ୍ତି ଗୋଟିଏ କୁକୁରକୁ ବିଷାକ୍ତ ଇଞ୍ଜେକସନ ଦେଉଛନ୍ତି । ଇଞ୍ଜେକସନ ନେବା ପରେ ହିଁ ବୁଲା କୁକୁରଟି ଟଳି ପଡୁଛି । ରାସ୍ତାରେ ଆଉ ୨ଟି ବୁଲା କୁକୁରଙ୍କ ମୃତଦେହ ପଡିଥିବା ଭିଡିଓରେ ଦେଖାଯାଉଛି । ୨ ସପ୍ତାହ ମଧ୍ୟରେ ଏଠାରେ ପ୍ରାୟ ୫୦ଟି କୁକୁରଙ୍କୁ ହତ୍ୟା କରାଯାଇଛି ।

ଏହାବାଦ ହାନମକୋଣ୍ଡାରେ ମାଟି ତଳୁ ୧୧୦ଟି କୁକୁରଙ୍କ ମୃତଦେହକୁ ଖୋଳି ବାହାର କରାଯାଇଛି । କିଛି କୁକୁରଙ୍କ ଶବକୁ ବ୍ୟବଚ୍ଛେଦ କରି ମୃତ୍ୟୁର କାରଣ ଜାଣିବାକୁ ଚେଷ୍ଟା କରାଯାଇଥିବା ଜଣେ ପୁଲିସ୍ ଅଧିକାରୀ ସୂଚନା ଦେଇଛନ୍ତି ।

ବୁଲା କୁକୁରଙ୍କ ସଂହାର ଘଟଣାରେ ପୁଲିସ୍ ୧୫ ଜଣଙ୍କୁ ଚିହ୍ନଟ କରିଛି । ଏମାନଙ୍କ ମଧ୍ୟରେ ରହିଛନ୍ତି ୭ ଜଣ ସରପଞ୍ଚ । ନିକଟରେ ଶେଷ ହୋଇଥିବା ଗ୍ରାମ ପଞ୍ଚାୟତ ନିର୍ବାଚନରେ ଏମାନେ ବିଜୟୀ ହୋଇଥିଲା । ଶାୟାମପେଟ, ଆରେପାଲ୍ଲୀ ଓ ପାଲୱାଞ୍ଚା ଅଞ୍ଚଳରୁ ଏମାନେ ଜିତିଥିଲେ ।

ପୁଲିସ୍ ଜାଣିବାକୁ ପାଇଛି ଯେ ଗ୍ରାମ ପଞ୍ଚାୟତ ସଚିବ ଓ କର୍ମଚାରୀମାନେ ହତ୍ୟାକାଣ୍ଡ ପାଇଁ ସବୁ ପ୍ରକାରର ସହାୟତା (ଶେଷ ପୃଷ୍ଠା ଦେଖନ୍ତୁ)

## ବିଶୃଙ୍ଖଳିତ ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ

**ଭୁବନେଶ୍ୱର, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**


ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ନୀତି ବନ୍ଦ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଏକାମ୍ର ବିଧାୟକ ବାବୁ ସିଂହ । ସେ କହିଛନ୍ତି, ସେବାୟତମାନେ ସେବା କରିବାକୁ ଅଛନ୍ତି, ନିଷ୍ପତ୍ତି ନେବାକୁ ନୁହେଁ । ବିଶୃଙ୍ଖଳିତ ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ନୀତିବନ୍ଦ ଅତି ଦୁର୍ଭାଗ୍ୟଜନକ । ଏହି ଘଟଣା ପାଇଁ ମୁଁ ଲଜ୍ଜିତ ଓ ଦୁଃଖିତ । ଆଜି ଅବଶ୍ୟ ଶ୍ରଦ୍ଧାଳୁ ମାହାପ୍ରଭୁଙ୍କ ଦର୍ଶନ କରୁଛନ୍ତି । ଏଣେ ସଂସ୍କୃତି ଗବେଷକ ଦାମୋଦର ପ୍ରଧାନୀ କହିଛନ୍ତି, ସରକାରୀ ସ୍ଥାଣୁତା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଛି । ତେଣେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି, ସେବାୟତମାନଙ୍କ ଭିତରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ପାଇଁ ଭକ୍ତିଭାବ ନାହିଁ । ଯେଉଁ ଦିନ ଭକ୍ତସମାଜ ଜାଗ୍ରତ ହେବେ, ସେହି ଦିନ ଏଭଳି ବିଶୃଙ୍ଖଳା ବନ୍ଦ ହେବ ।

ବିବାଦ ଯୋଗୁ ଗତକାଲି ସନ୍ଧ୍ୟାଧୂପ ପୂର୍ବରୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ନୀତି ବନ୍ଦ ରହିଛି । ନୀତି ହୋଇ ନ ପାରିବାରୁ ରାତି ସାଢ଼େ ୯ଟାରେ ବଡୁ ସେବାୟତ ଠାକୁରଙ୍କ ପହୁଡ ପକାଇଥିଲେ । ଫଳରେ ରାତିସାରା ଠାକୁରେ ଉପାସରେ ରହିଛନ୍ତି । ସୂଚନାଯୋଗ୍ୟ ଯେ ଠାକୁରଙ୍କୁ ଶୀତ ହେଉଥିବାରୁ ମକର ସଂକ୍ରାନ୍ତିରୁ କୁମ୍ଭ ସଂକ୍ରାନ୍ତି ପର୍ଯ୍ୟନ୍ତ ଔଷଧି ପ୍ରଦାନ ପୂର୍ବକ ଘୃତଲେପନ କରାଯିବା ବିଧି ରହିଛି । (ଶେଷ ପୃଷ୍ଠା ଦେଖନ୍ତୁ)

# ପଶ୍ଚିମବଙ୍ଗରେ ନିପା ଆକ୍ରାନ୍ତ ଚିହ୍ନଟ ପରେ ଓଡ଼ିଶାରେ ଭୟ

**ଭୁବନେଶ୍ୱର, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମବଙ୍ଗରେ ଆକ୍ରାନ୍ତ ଚିହ୍ନଟ ପରେ ଓଡିଶାକୁ ବଢିଲା ନିପା ଭୟ । ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ନିପା ଭୂତାଣୁ ଚିହ୍ନଟ ହୋଇନାହାଁନ୍ତି । ହେଲେ ପଶ୍ଚିମବଙ୍ଗରୁ ଓଡିଶାକୁ ପ୍ରତିଦିନ ଲୋକଙ୍କ ଯିବା ଆସିବା ଲାଗି ରହିଛି । ତେଣୁ ରାଜ୍ୟରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି । ପଶ୍ଚିମବଙ୍ଗରେ ସଂକ୍ରମଣ ରୋକିବାକୁ ଏକ ଜାତୀୟ ଯୁଗ୍ମ ସଂକ୍ରମଣ ରେସପନ୍ସ ଦଳ ଗଠନ ହୋଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି ଯେ, ଓଡିଶାରେ ପୂର୍ବରୁ




କେବେ ନିପା ଭୂତାଣୁ ଚିହ୍ନଟ ହୋଇନି । କେନ୍ଦ୍ର ସରକାର ଯଦି କୌଣସି ନିର୍ଦ୍ଦେଶାବଳୀ ଜାରି କରନ୍ତି ତାହେଲେ ରାଜ୍ୟ ସରକାର ମଧ୍ୟ ନିର୍ଦ୍ଦେଶାବଳୀ ଜାରି କରିବେ । ବର୍ତ୍ତମାନ ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନଥିବା ସେ କହିଛନ୍ତି ।

ପଶୁ, ସଂକ୍ରମିତ ଖାଦ୍ୟ କିମ୍ବା ସିଧାସଳଖ ମଣିଷକୁ ନିପା ଭୂତାଣୁ ବ୍ୟାପିଥାଏ । ସଂକ୍ରମିତ ଲାଳ, ମଳ, ମୂତ୍ର ଓ ରକ୍ତ ଜରିଆରେ ଏହା ବ୍ୟାପିବାର ଆଶଙ୍କା ଅଧିକ । ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଜ୍ୱର ସହ ମୁଣ୍ଡବିନ୍ଧା, ଗଳା ଦରଜ, ଡାଇରିଆ, ବାନ୍ତି, ମାଂସପେଶୀରେ ଯନ୍ତ୍ରଣା ଓ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି ହୋଇଥାଏ । ଗୁରୁତର ଆକ୍ରାନ୍ତ ବ୍ୟକ୍ତି କୋମାକୁ ଚାଲିଯିବାର ଆଶଙ୍କା ରହିଛି । ତେଣୁ ନିୟମିତ ହାତ ଧୋଇବା ସହ ସଂକ୍ରମିତ ଘୁଷୁରି ଓ ବାଦୁଡିଙ୍କ ଠାରୁ ଦୂରେଇ ରହିବା ଆବଶ୍ୟକ ।

ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ (ଶେଷ ପୃଷ୍ଠା ଦେଖନ୍ତୁ)

# ମଦ ପିଆଇ ଟ୍ୟୁମର ପୀଡିତାଙ୍କୁ ଗଣବଳାତ୍କାର

**ପାଟନା, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରର ପୂର୍ଣ୍ଣିଆରୁ ଏକ ଚାଞ୍ଚଲ୍ୟକର ଗଣଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି । ସହରର ନେଭାଲାଲ ଚୌକରୁ ଜଣେ ଯୁବତୀଙ୍କୁ ଅପହରଣ କରି ୨୦ କିଲୋମିଟର ଦୂର ବ୍ୟାରିଅର ଚୌକକୁ ନେଇ ସେଠାରେ ଛଅଜଣ ଗଣବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣା ଜାନୁଆରୀ ୧୦ତାରିଖରେ ଘଟିଥିଲା । ପୀଡିତାଙ୍କ ଉଦ୍ଧାରର ଏକ ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେଉଛି । ଯେଉଁଥିରେ ଜଣେ ଲୁହଭରା ପୀଡିତା ତାଙ୍କ ଦୁଃଖଦ ଘଟଣା ବର୍ଣ୍ଣନା କରୁଥିବା ଦେଖାଯାଉଛି ।

ପୀଡିତା ପୋଲିସକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରୁଛନ୍ତି । ତାଙ୍କ କଣ୍ଠସ୍ୱରରେ ଥିବା ଯନ୍ତ୍ରଣା ସ୍ପଷ୍ଟ ଭାବେ ବାରି ହୋଇପଡୁଛି । ଅଭିଯୋଗ ଅନୁସାରେ, ଅର୍କେଷ୍ଟ୍ରା



କଳାକାରମାନେ ପ୍ରଥମେ ପୀଡିତାଙ୍କୁ ମଦ୍ୟପାନ କରିବାକୁ ବାଧ୍ୟ କରିଥିଲେ ଏବଂ ତା’ପରେ ତାଙ୍କୁ ନାଚ କରାଇଥିଲେ । ତା’ପରେ, ଜଣ ଜଣ କରି ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ । ବଳାତ୍କାର ସମୟରେ ତାଙ୍କୁ ମଧ୍ୟ ମାଡ଼ ମରାଯାଇଥିବା ଜଣାପଡିଛି । (ଶେଷ ପୃଷ୍ଠା ଦେଖନ୍ତୁ)


# ଘରୋଇ ଶିକ୍ଷାନୁଷ୍ଠାନରେ ପରୀକ୍ଷା ପୂର୍ବରୁ ନାମ ଲେଖା

**ଭୁବନେଶ୍ୱର, ୧୪।୧**
**ତଥ୍ୟ**

ଚଳିତ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ ହେଉଥିବାବେଳେ କେତେକ ଶିକ୍ଷାନୁଷ୍ଠାନରେ କିନ୍ତୁ ଯୁକ୍ତ ଦୁଇ ନାମଲେଖା ଆରମ୍ଭ ହୋଇଗଲାଣି । ଏହିସବୁ ଘରୋଇ ଶିକ୍ଷାନୁଷ୍ଠାନମାନେ ମୋଟା ଅଙ୍କର ଅର୍ଥ ନେବା ସହିତ ପିଲାଙ୍କ ପାଇଁ ଆସନ ସଂରକ୍ଷିତ କରିବାରେ ଲାଗିଛନ୍ତି ।

ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବାପରେ ଯୁକ୍ତ ଦୁଇରେ ନାମଲେଖା ଆରମ୍ଭ ହୋଇଥାଏ । ଏଥିପାଇଁ ସାମ୍ବାଦରେ ବିଜ୍ଞାପନ ପ୍ରକାଶ ପାଇବା ସହିତ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥାଏ । ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଏହି ନାମଲେଖାକୁ ନିୟନ୍ତ୍ରଣ କରିଥାନ୍ତି । ଫଳରେ ମେଧାବୀ ଛାତ୍ରଛାତ୍ରୀମାନେ ସେମାନଙ୍କ ମନ ପସନ୍ଦର ଶିକ୍ଷାନୁଷ୍ଠାନରେ ପଢିବାର ସୁଯୋଗ ପାଇଥାନ୍ତି ।

ହେଲେ କିଛି ନାମୀ ଦାମୀ ଘରୋଇ ଶିକ୍ଷାନୁଷ୍ଠାନ ଏବେଠାରୁ ଯୁକ୍ତ ଦୁଇ ପାଇଁ ନାମଲେଖା ଆରମ୍ଭ କରିଦେଇଛନ୍ତି । ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ପ୍ରବର୍ତ୍ତାଇ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଏହାକୁ ଅତ୍ୟନ୍ତ ଗୁପ୍ତ ରଖାଯାଉଛି । ପରୀକ୍ଷା



ସରିବାପରେ ଫଳ ପ୍ରକାଶନ ପୂର୍ବରୁ ଏହିସବୁ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ପାଠପଢା ଆରମ୍ଭ ହୋଇଯିବ ।

ଏଥି ସହିତ କେତେକ କୋଚିଂ ସେଣ୍ଟର ମଧ୍ୟ ପିଲାଙ୍କ ଯୁକ୍ତ ଦୁଇନାମଲେଖା ପାଇଁ ଲାଗି ପଡିଛନ୍ତି । ଏହିସବୁ କେନ୍ଦ୍ରରେ କୋଚିଂପାଇଁ ଯେଉଁମାନେ ନାମ ଲେଖାଉଛନ୍ତି ଘରୋଇ ଶିକ୍ଷାନୁଷ୍ଠାନରେ ସେମାନେ କିଭଳି ଯୁକ୍ତ ଦୁଇ ପଢିବେ ତାହାର ବ୍ୟବସ୍ଥା କରିଦେଉଛନ୍ତି । ଫଳରେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଏବେ ଶତାଧିକ ଛାତ୍ରଛାତ୍ରୀ ଆଗତୁରା ମାଟ୍ରିକ ପରୀକ୍ଷା ପୂର୍ବରୁ ନାମ ଲେଖାରେ ଲାଗି ପଡିଛନ୍ତି ।

ଶିକ୍ଷାବିତ୍‌ମାନଙ୍କ ମତରେ ଘରୋଇ ଶିକ୍ଷାନୁଷ୍ଠାନର ଏଭଳି ଆଗତୁରା ନାମଲେଖା ଅନେକ ମେଧାବୀଙ୍କୁ ହତୋତ୍ସାହିତ କରିବା ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ଅସମାନତା ସୃଷ୍ଟି କରିବ । କାରଣ ଆର୍ଥିକ ଅନଗ୍ରସର ଶ୍ରେଣୀର ଯେଉଁ ଛାତ୍ରଛାତ୍ରୀମାନେ ଅଧିକ ନମ୍ବର ରଖି ଏହିସବୁ ଘରୋଇ ଶିକ୍ଷାନୁଷ୍ଠାନରେ ପଢିବାରେ ଲକ୍ଷ୍ୟ ରଖିଛନ୍ତି ସେମାନେ ଆଉ ସୁଯୋଗ ପାଇବେ ନାହିଁ ।

ଯୁକ୍ତ ଦୁଇ ପାଠପଢା ଏବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହାତରେ ରହିଥିବାବେଳେ ତୁରନ୍ତ ଏଭଳି ଆଗୁଆ ନାମଲେଖା ଉପରେ ନଜର ରଖିବାକୁ ମତପ୍ରକାଶ ପାଉଛି । ଘରୋଇ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ଓ କିଛି କୋଚିଂ ସେଣ୍ଟର ଯେଭଳି ନିଜ ନିଜର ବ୍ୟବସାୟ ପାଇଁ ଆଗତୁରା ନାମଲେଖା ପର୍ବ ଆରମ୍ଭ କରିଛନ୍ତି ତାହା ଆଗାମୀ ଦିନରେ ବହୁ ମେଧାବୀଙ୍କ ବାଟ ଓଗାଳିବା ଏକ ପ୍ରକାର ନିଶ୍ଚିତ । ସମସ୍ତ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ସାମସ୍ ଅଧିନରେ ଆସୁଥିବାବେଳେ ଆଗତୁରା କିଭଳି ଯୁକ୍ତ ଦୁଇରେ ସ୍ଥାନ ସଂରକ୍ଷଣ ଓ ନାମଲେଖା ସହିତ ପାଠପଢା ହୋଇପାରୁଛି ତାହା ଏବେ ଅନେକ ଶିକ୍ଷାବିତ୍‌ଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ସହିତ ଏହାର ବିଧିବଦ୍ଧ ତଦନ୍ତ ପାଇଁ ସେମାନେ ମତ ରଖୁଛନ୍ତି ।

## ସାକ୍ଷୀଗୋପିନାଥ ମନ୍ଦିରରେ ମକର ଚାଉଳ ଭୋଗଲାଗି

**ସାକ୍ଷୀଗୋପାଳ, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ ସାକ୍ଷୀଗୋପାଳ ମନ୍ଦିରରେ ବର୍ଷକୁ ଥରେ ପରମ୍ପରା କ୍ରମେ ମକର ଚାଉଳ ଭୋଗ ଲାଗି କରାଯାଇଛି । ମାସନ୍ତ ଦିନ ମହାଲକ୍ଷ୍ମୀଙ୍କ ବାପଘରୁ ଆସିଥିବା ମକର ଭାରରେ ମନ୍ଦିର ମାଳି ସେବାୟତମାନେ ମକର ଚାଉଳ ପ୍ରସ୍ତୁତ କରିଥିଲେ । ମକରଭାର ସହିତ ଆସିଥିବା ନୂତନ ବସ୍ତ୍ର ସାକ୍ଷୀଗୋପାଳ ଓ ରାଧାରାଣୀ ପରିଧାନ କରିଥିଲେ । ମନ୍ଦିର ଚୂଡାରେ ନେତ ବନ୍ଧା ଯାଇଥିଲା । ଚୂନପାଣି ପକାଯାଇ ବେଢ଼ା ଶୋଧ କରାଯିବା ପରେ ରୁପା ପିଙ୍ଗଳରେ ମକର, ସାକର, ଦଧି ଓ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା । ଛତିତ୍ରାସ, ବାଜା, ମହୁରୀ, କାହାଳୀ, ଘଣ୍ଟ ବଜାଇ ଠାକୁରଙ୍କୁ ଆଳତି ଓ ଉପଚାର କରି ପୂଜାପଣ୍ଡା (ଶେଷ ପୃଷ୍ଠା ଦେଖନ୍ତୁ)



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୫ ଜାନୁଆରୀ ୨୦୨୬ । ଗୁରୁବାର




## ବ୍ୟବସାୟୀଙ୍କ ଘରେ ଜିଏସଟି ରେଡ୍

**ଅନୁଗୁଳ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୁଳର ବ୍ୟବସାୟୀ ସୁନିଲ ଅଗ୍ରୱାଲଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ଜିଏସଟି ଚଢ଼ାଉ। ୧୨ ଘଣ୍ଟାରୁ ଅଧିକ ସମୟ ଧରି କେନ୍ଦ୍ରୀୟ ଜିଏସଟି ଗୁଇନ୍ଦା ଶାଖାର ଖୋଳତାଡ଼। ଜିଏସଟି ଟିମ୍ ହାତରେ ଲାଗିଛି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍। ବ୍ୟବସାୟ ପ୍ରତିଷ୍ଠାନରେ ଥିବା କମ୍ପ୍ୟୁଟର, ଲାପଟପ୍ ସମେତ ଗୋଟି ଗୋଟି କରି କାଗଜପତ୍ରର ଯାଞ୍ଚ କରିଛନ୍ତି ୧୨ ଜଣିଆ ଟିମ୍। ବ୍ୟବସାୟୀ ସୁନିଲ ଅଗ୍ରୱାଲ ଓ ତାଙ୍କ ସଂସ୍ଥାର କର୍ମଚାରୀଙ୍କୁ ବି କରିଛନ୍ତି ପଚରାଉଚରା।

ନିକଟରେ ପୁରୀ ଜିଲ୍ଲାର ଗୋପ ଏବଂ ନିମାପଡା ଅଞ୍ଚଳରେ ଚାଲିଥିବା ବେଆଇନ କାଠ କାରବାର ଉପରେ ବନ ବିଭାଗ ପକ୍ଷରୁ ଏକ ବଡ ଧରଣର ଚଢ଼ାଉ କରାଯାଇଛି । ଗୁପ୍ତ ସୂଚନା ଆଧାରରେ ବନ ବିଭାଗର ଦୁଇଟି ସ୍ୱତନ୍ତ୍ର ଟିମ୍ ଏହି ଅଭିଯାନ ଚଳାଇ ଏକ ବେଆଇନ କାଠ ମିଲ୍‌ର ପର୍ଦ୍ଦାଫାଶ କରିଛନ୍ତି। ନିମାପଡା ଅଞ୍ଚଳରେ ଦୀର୍ଘ ଦିନ ଧରି କୌଣସି ବୈଧ ଅନୁମତି ବିନା ଏହି କାଠ ମିଲ୍‌ଟି ଚାଲୁଥିଲା। ବନ ବିଭାଗର ଅଧିକାରୀମାନେ ଅଚାନକ ସେଠାରେ ପହଞ୍ଚି ଚଢ଼ାଉ କରିବା ସମୟରେ ବିପୁଳ ପରିମାଣର କାଠ ଗଣ୍ଡି ଓ ପ୍ରସ୍ତୁତ କାଠ ଜବତ କରିଛନ୍ତି। ଏହା ସହିତ ମିଲ୍‌ରେ ବ୍ୟବହୃତ ହେଉଥିବା ଲକ୍ଷାଧିକ ଟଙ୍କାର କାଠ କଟା ମେସିନ୍ ଏବଂ ଯନ୍ତ୍ରାଂଶକୁ ମଧ୍ୟ ଜବତ କରାଯାଇଛି। କାଠ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ଏକ କାଠ ବୋଝେଇ ଟ୍ରାକ୍ଟରକୁ ମଧ୍ୟ ବନ ବିଭାଗ ନିଜ ହେପାଜତକୁ ନେଇଛି।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା

**ସାଲେପୁର: ଏକ୍ସପ୍ରେସ ନ୍ୟୁଜ୍**

କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା। ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର। କଟକ ଜିଲ୍ଲା ସାଲେପୁର ଥାନା କେନ୍ଦ୍ରାପଡ଼ା କେନାଲ ରାସ୍ତାର କେନ୍ଦୁପାଟଣା ନିକଟରେ ହୋଇଛି ଦୁର୍ଘଟଣା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ ଯେ, ସାଲେପୁର ନେମାଳ ଅଞ୍ଚଳର ରବୀନ୍ଦ୍ର ସାହୁ ଏବଂ ଦୁର୍ଗାରାଣୀ ସାହୁ ବାଇକ୍ ଯୋଗେ କେନ୍ଦ୍ରାପଡ଼ା କେନାଲ ରୋଡ଼ରେ ସାଲେପୁର ଆସୁଥିଲେ। ସେହି ସମୟରେ କେନ୍ଦୁପାଟଣା ନିକଟରେ କାର୍ ବାଇକକୁ ଧକ୍କା ହେବାରୁ ରବୀନ୍ଦ୍ର ସାହୁ ଏବଂ ଦୁର୍ଗାରାଣୀ ସାହୁ ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ଗୁରୁତରଙ୍କୁ ଚିକିତ୍ସା ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଉଭୟେ ଗୁରୁତର ପ୍ରଥମେ ସାଲେପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାସ୍ଥଳରେ ସାଲେପୁର ପୋଲିସ ପହଞ୍ଚି ବାଇକ୍ ଓ କାରକୁ ଜବତ କରି ତଦନ୍ତ ଚଳାଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ଏକ ମର୍ମନ୍ତୁଦ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ମାଲକାନଗିରି ଜିଲ୍ଲା ବାଲିମେଳା ଆଖଣ୍ଡଳମଣି ମନ୍ଦିର ଲାଇନର ପ୍ରଣବ କିଶୋର ଖାଡେଙ୍ଗା (୨୨) ବୋଲି ଜଣାପଡିଛି। ଦୁର୍ଘଟଣାଟି କୋରୁକୋଣ୍ଡା ବ୍ଲକ ଚିତାପାରି-୩ ଗ୍ରାମ ନିକଟସ୍ଥ ବୁଲାଣି ନିକଟରେ ଘଟିଛି। ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବାଇକ (ଓଡି ୩୦ଏ ସି୪୪୭୩) ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ସୁରକ୍ଷା ପାଚେରୀକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀ ଗୁରୁତର ଆହତ ଅବସ୍ଥାରେ ପଡିରହିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଏବଂ ଖବର ପାଇ ଓର୍କେଲ୍ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଭାବେ ଆହତ ହୋଇଥିବା ଯୁବକଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ନହେବାରୁ ଡାକ୍ତର ତାଙ୍କୁ କୋରାପୁଟ ସହୀଦ ଲକ୍ଷଣ ନାୟକ ମେଡ଼ିକାଲ କଲେଜକୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପଠାଇ ଦେଇଥିଲେ। କୋରାପୁଟ ଯିବା ରାସ୍ତାରେ ବୈପାରିଗୁଡା ନିକଟରେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା। ଏନେଇ ମୃତ ଯୁବକଙ୍କ ମାମୁଁ କାର୍ତ୍ତିକେଶ୍ୱର ପଣ୍ଡା ଓର୍କେଲ୍ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ୧୩/୨୦୨୬ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଣବ କିଶୋରଙ୍କ ମୃତ୍ୟୁରେ ବାଲିମେଳାରେ ଶୋକର ଛାୟା ଖେଳିଯାଇଛି।

## ଦାମୀ କାର୍ ସହ ୭୫ କିଲୋ ଗଞ୍ଜେଇ ଜବତ




**ଫିରିଙ୍ଗିଆ: ଏକ୍ସପ୍ରେସ ନ୍ୟୁଜ୍**

ଫିରିଙ୍ଗିଆ ପୋଲିସକୁ ବଡ ସଫଳତା। ଦୁଇ ଦାମୀ କାର ସହ ୭୫ କିଲୋ ଗଞ୍ଜେଇ ଜବତ। ୪ ଜଣଙ୍କୁ ଗିରଫ କରିଛି ପୋଲିସ। ଗଞ୍ଜେଇ କାରବାର ପାଲଟିଥିବା କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଥାନା ଅଞ୍ଚଳରେ ଚାଲିଛି ଗଞ୍ଜେଇ କାରବାର। ବିଗତ ମାସେ ଧରି ଫିରିଙ୍ଗିଆ ପୋଲିସ କୋଟି କୋଟି ଟଙ୍କାର ଗଞ୍ଜେଇ ଗଛକୁ ଅପରେସନ ନିଳ ଜହର ଅଭିଯାନରେ ନଷ୍ଟ କରିଛି। ହେଲେ ଥାନା ଅଞ୍ଚଳର କିଛି ଗଞ୍ଜେଇ ମାଫିଆ ପୋଲିସର କଡା ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ବାହାର ଜିଲ୍ଲାକୁ ଚାଲାଣ କରିବାରେ ଲାଗିଛନ୍ତି। ତେବେ ଦୀର୍ଘଦିନ ପରେ ଫିରିଙ୍ଗିଆ ପୁଲିସ ଗଞ୍ଜେଇ ଚାଲାଣ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି।

ତେବେ କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବରପାଇ ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ ଏସଆଇ ଅଜୟ କୁମାର ସାହୁଙ୍କ ସହ ଏକ ଟିମ ଫୁଲବାଣୀ ବାଲିଗୁଡା ମୁଖ୍ୟ ରାସ୍ତାର ଫିରିଙ୍ଗିଆ କାଳିଆ ସାହି ପେଟ୍ରୋଲ ପମ୍ପ ନିକଟରେ ଛକି ରହିଥିଲା। ଦ୍ରୁତ ଗତିରେ ଆସୁଥିବା ୨ଟି କାରରୁ ଅଟକାଇଥିଲା ପୋଲିସ। ଏହାପରେ ଗାଡିକୁ ଯାଞ୍ଚ କରି ସେଥିରୁ ପୁଳାପୁଳା ଗଞ୍ଜେଇ ବାହାର କରାଯାଇଥିଲା। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିବା ବେଳେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେପଟେ ଅଭିଯୁକ୍ତମାନଙ୍କ ମଧ୍ୟରେ ତିନିଜଣ ଫିରିଙ୍ଗିଆ ଥାନା ବନ୍ଧଗଡ଼ ପଞ୍ଚାୟତ ବକାପାଲି ଗାଁର ପିଙ୍କୁ ଦିଗାଳ, ଚିଣ୍ଟୁ ଦିଗାଳ ଓ ସାନନ୍ଦ ଦିଗାଳ ବୋଲି ଜଣାପଡିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଧୀନରେ ଥିବା ବାଲିପଦର ଗାଁର ଆଶିଷ ଦିଗାଳ ବୋଲି ଜଣାପଡିଛି। ପୋଲିସର ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ବନ୍ଧଗଡ଼ ଅଞ୍ଚଳରୁ ରାଜଧାନୀ ଭୁବନେଶ୍ୱରକୁ ଦୁଇଟି ଚାଲାଣ କରାଯାଇଛି।

## କାର୍ ଧକ୍କାରେ ୨ ଗୁରୁତର



**ଆଠମଲ୍ଲିକ: ଏକ୍ସପ୍ରେସ ନ୍ୟୁଜ୍**

ଅନୁଗୋଳ ଜିଲ୍ଲା କିଆକଟା ଥାନା ଅନ୍ତର୍ଗତ ଶଂଖାମାଳ ନିକଟରେ ବୁଧବାର ସକାଳେ ସଡ଼କ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ କିଆକଟା ଥାନା ଅନ୍ତର୍ଗତ ଶଂଖାମାଳ ଗ୍ରାମର ପପୁନ ସାହୁ ଓ ଅନ୍ତର୍ଯ୍ୟାମୀ ନାୟକ। ଆହତ ଦ୍ୱୟଙ୍କୁ ପ୍ରଥମେ ଚିକିତ୍ସା ନିମନ୍ତେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ତାଙ୍କର ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଘଟଣାରୁ ଜଣା ଯାଇଛି ଯେ ଏକ ସ୍ୱିଫ୍ଟ କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ବୌଦ୍ଧ ପୋଲିସ ସ୍ୱିଫ୍ଟ କାରକୁ ପିଛା କରି ଆଠମଲ୍ଲିକ ଉପଖଣ୍ଡର କିଆକଟା ଥାନା ଅଞ୍ଚଳକୁ ପଶି ଆସିଥିଲା। ପୋଲିସ ପିଛା କରିବା ସମୟରେ ସ୍ୱିଫ୍ଟ କାରଟି ଶଂଖାମାଳ ନିକଟରେ ଦୁର୍ଘଟଣା ଘଟାଇ ଥିଲା। ଦୁଇ ଜଣ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ଉତ୍ୟକ୍ତ ଜନତା ୪ ଘଣ୍ଟା ଧରି ଶଂଖାମାଳ ଠାରେ ରାସ୍ତା ରୋକ କରିଥିଲେ। କିଆକଟା ପୋଲିସ କାରରେ ଯାତ୍ରା କରୁଥିବା ଜଣେ ବ୍ୟକ୍ତିଙ୍କୁ ଏବଂ ବୌଦ୍ଧ ପୋଲିସକୁ କିଆକଟା ଥାନାରେ ରଖି ତଦନ୍ତ ଜାରି ରଖିଛି।

## ବ୍ରାଉନ ସୁଗର, ଦେଶୀ ବନ୍ଧୁକ ଜବତ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଖୋର୍ଦ୍ଧା ପୋଲିସ ପକ୍ଷରୁ ନିଶାମୁକ୍ତି ଅଭିଯାନ ଜାରି ରହିଛି। ନିଶା କାରବାର ମାମଲାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଫାଣ୍ଡି ନିକଟରେ ଚଢ଼ାଉ କରି ୫୨ ଗ୍ରାମ ବ୍ରାଉନ ସୁଗର, ଦେଶୀ ୭ ଏମଏମ୍ ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ନଗଦ ୧୧ ହଜାର ଟଙ୍କା ଏବଂ ହୋଣ୍ଡା ବାଇକ ସହ ଏକ ମୋବାଇଲ ଫୋନ ଜବତ କରାଯାଇଛି।

ଅଭିଯୁକ୍ତ ଜଣକ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ମାଣିକପୁର ଗାଁର ବୋଲି ଜଣାପଡ଼ିଛି। ଏହି ଘଟଣାରେ ବୋଲଗଡ଼ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ଓ ଆମର୍ସ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାର ଉପରେ ପୋଲିସର କଡ଼ା ନଜର ରଖିଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଆହୁରି ଜୋରଦାର ହେବ ବୋଲି ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି।

## ଧାନ କିଣାରେ ବିଳମ୍ବ: ଚିନ୍ତାରେ ଚାଷୀ

**ଧାମନଗର: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ଧାମନଗର ଅଞ୍ଚଳରେ ଖରିଫ ଧାନ କିଣା ପ୍ରକ୍ରିୟା ଦୀର୍ଘ ଦିନ ଧରି ଆରମ୍ଭ ନ ହେବାରୁ ଚାଷୀମାନେ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ଚଳିତ ମାସ ୫ ତାରିଖରୁ ଧାନ କିଣା ଆରମ୍ଭ ହେବାକୁ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଧାନ କିଣା ହୋଇପାରିନାହିଁ। ଏଣୁ ୧୫ ଦିନ ଧରି ବିଳମ୍ବ ହୋଇଛି, ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଭୟ ଓ ଚିନ୍ତା ବଢିଛି। ଏନେଇ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ସମିତି ସଂଘ ପକ୍ଷରୁ ଧାମନଗରରେ ଏକ ପ୍ରତିକ୍ରିୟା ରଖାଯାଇଛି। ସଂଘର ସମ୍ପାଦକ ଅରୁଣ ଉଦୟ ପାତ୍ର କହିଛନ୍ତି ଯେ ଧାନ କିଣାରେ ହେଉଥିବା ବିଳମ୍ବ ଦ୍ୱାରା ଚାଷୀମାନେ ଗଭୀର ଚିନ୍ତାରେ ରହିଛନ୍ତି। ତେଣୁ ସରକାର ଧାନ କିଣା ପାଇଁ ୧୫ ଦିନ ଅଧିକ ସମୟ ସୀମା ବଢାଇବାକୁ ସେ ଦାବି କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ଏଫଏକ୍ୟୁ ମାନଦଣ୍ଡରେ ଧାନ କିଣା ହେବାକୁ ଥିଲେ ମଧ୍ୟ ମାନ ଯାଞ୍ଚ ପାଇଁ ଟେକ୍ନିସିଆନ ଓ କ୍ୱାଲିଟି ଆନାଲାଇଜର ନଥିବାରୁ କାର୍ଯ୍ୟ ପ୍ରକ୍ରିୟା ଆଗକୁ ବଢିପାରୁନାହିଁ। ଏହା ସହ ମିଲର, ନୋଡାଲ ଅଫିସର ଓ ଏସଏମପିସି କମିଟି ମଧ୍ୟରେ ଠିକ୍ ଭାବରେ ସମନ୍ୱୟ ସୃଷ୍ଟି କରିବାକୁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି। ଅନ୍ୟପଟେ ଅନେକ ଚାଷୀଙ୍କ ଫାର୍ମର କୋର୍ଡ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥିବାରୁ ସେମାନେ ଟୋକନ ପାଇବାରେ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଫାର୍ମର କୋର୍ଡ ପ୍ରସ୍ତୁତ କରି ତତ୍କାଳ ଟୋକନ୍ ଜାରି କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ ଧାମନଗର ବ୍ଲକର ମୋଟ ୧୨ଟି ସେବା ସମବାୟ ସମିତିରେ ୬,୪୩୩ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ସତ୍ତ୍ୱେ ଧାନ କିଣା ଆରମ୍ଭ ନ ହେବାରୁ ଚାଷୀମାନଙ୍କ ମନରେ ଭୟ ଓ ଅନିଶ୍ଚିତତା ବଢିଛି। ତେଣୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ୧୫ ଦିନ ଅଧିକ ସମୟ ସୀମା ବଢାଇ ଧାନ କିଣା ଆରମ୍ଭ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିରେ ସଂଘର ସମ୍ପାଦକ ଅରୁଣ ଉଦୟ ପାତ୍ରଙ୍କ ସମେତ ରାମଚନ୍ଦ୍ର କର, ପ୍ରକାଶ ରାଉତ, ସ୍ୱାଗତିକା ରାଉତ, ବସନ୍ତରାଜ ସାହୁ, ଜ୍ୟୋତି ଶଙ୍କର ଦାସ, ସୁବାଷ ସାହୁ, ବୈଲୋଚନ ଜେନା, ସୁବଧ ରଞ୍ଜନ ନାୟକ, ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ୍ୟୁ

**ଉଦଳା: ଏକ୍ସପ୍ରେସ ନ୍ୟୁଜ୍**

ହାଡ଼ଭଙ୍ଗା ଶୀତରେ ନାତୁଣୀକୁ ଘୋଡାଇ ଧରିଛି ଜେଜେମା’। ନାତୁଣୀର ମୃତ୍ୟୁ ହୋଇଛି ତାକୁ ସହଜରେ ଗ୍ରହଣ କରିପାରୁ ନାହିଁ। ଆଉ ନାତୁଣୀକୁ କାହାକୁ ଦେଉ ନାହାନ୍ତି। ନିଜେ ନେଇ ଶବଗୃହରେ ନାତୁଣୀର ମୃତଦେହକୁ ଘୋଡାଇ ରଖି ଶବଗୃହ ବାହାରେ ବସି ଆଖିରୁ ଲୁହ ଗଡାଉଛନ୍ତି। ଉଦଳା ମେଡିକାଲ ପରିସରରେ ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ଯେ, ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା କୁସୁନପୁର ଗ୍ରାମରେ ପାଣିରେ ବୁଡ଼ି ଅଢେଇ ବର୍ଷ ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ମୃତ ଶିଶୁ ଉକ୍ତ ଗ୍ରାମର ଜିତେନ୍ କୁମାର ଦାସଙ୍କ ଅଢେଇ ବର୍ଷର ଝିଅ। ୪ ମାସ ପୂର୍ବରୁ ଜିତେନଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସୁକାନ୍ତି ସାମାନ୍ୟ ମାନସିକ ବିକାରଗ୍ରସ୍ତ। ଏଭଳି ଅବସ୍ଥାରେ ଝିଅ ଜେଜେମା’ଙ୍କ ପାଖରେ ରହୁଥିଲା। ବୁଧବାର ଶିଶୁକନ୍ୟା ଘର ବାଡ଼ିରେ ଖେଳୁଥିବା ବେଳେ ଅସାବଧାନତା ବଶତଃ ନିକଟରେ ଥିବା ପୋଖରୀରେ ବୁଡି ଯାଇଥିଲେ। ଅନ୍ୟ କାମରେ ବ୍ୟସ୍ତ ଥିବା ମା’ ସୁକାନ୍ତି ଏବଂ ଜେଜେମା’ ତାଙ୍କୁ ଖୋଜି ନ ପାଇବା ପରେ ପୋଖରୀରେ ସେ ବୁଡି ଯାଇଥିବା ଦେଖି ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ କପ୍ତିପଦା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବାଣିଜ୍ୟ

## ରୁଷ୍ ତେଲ କିଣାରେ ତୃତୀୟକୁ ଖସିଲା ଭାରତ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ରୁଷଠାରୁ ଅଶୋଧିତ ତେଲ କ୍ରୟରେ ଭାରତ ୩ୟ ସ୍ଥାନକୁ ଖସିଛି। ଡିସେମ୍ବର ମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ରାଷ୍ଟ୍ରାୟତ୍ତ ତେଲ କମ୍ପାନି ଗୁଡିକ ରୁଷ ତେଲ କିଣା କମାଇବାରୁ ଭାରତର ସ୍ଥିତିରେ ଏଭଳି ପରିବର୍ତ୍ତନ ହୋଇଛି। ୟୁରୋପିଆନ ଥିଙ୍କ ଟ୍ୟାଙ୍କ୍ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ୍ କ୍ଲିନ ଏୟାର (ସିଆର୍‌ଇଏ) ରିପୋର୍ଟ ମୁତାବକ, ଭାରତ ଡିସେମ୍ବରରେ ରୁଷଠାରୁ ୨.୩ ବିଲିୟନ ୟୁରୋ ମୂଲ୍ୟର ହାଇଡ୍ରୋକାର୍ବନ ଆମଦାନି କରିଛି। ଯାହା ନଭେମ୍ବରରେ ୩.୩ ବିଲିୟନ ଡଲାର ୟୁରୋ (ପ୍ରାୟ ୩୪,୭୦୦ କୋଟି ଟଙ୍କା) ତୁଳନାରେ ନିମ୍ନରେ ରହିଛି। ଏବେ ତୁର୍କୀ ୨.୬ ବିଲିୟନ ୟୁରୋ ତେଲ କ୍ରୟ ସହ ଭାରତକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛି। ୬ ବିଲିୟନ ୟୁରୋ (୬୩,୧୦୦ କୋଟି) ସହ ପ୍ରଥମ ସ୍ଥାନରେ ଚୀନ ରହିଛି।

ଡିସେମ୍ବରରେ ଭାରତର ରୁଷ ତେଲ କ୍ରୟ ପଛରେ ରହିଛି ରିଲାଏନ୍ସ ତେଲ ଆମଦାନି କମାଇବା। ରିଲାଏନ୍ସର ଜାମନଗର ରିଫାଇନାରି ରୁଷ ତେଲ ଆମଦାନିକୁ ୫୦% କମାଇ ଦେଇଛି। ରିପୋର୍ଟ ମୁତାବକ, ରିଲାଏନ୍ସର ସମ୍ପୂର୍ଣ୍ଣ ସପ୍ଲାଇ ରୋଜନେଫ୍ଟରୁ ଆସୁଥିଲା। ମାତ୍ର ଆମେରିକାର ପ୍ରତିବନ୍ଧକ ଯୋଗୁ କମ୍ପାନି ତେଲ କିଣାକୁ କମ୍ କରିଛି। ରିଲାଏନ୍ସ ବାଦ୍ ସରକାରୀ କମ୍ପାନି ଗୁଡିକ ମଧ୍ୟ ରୁଷ ତେଲ କ୍ରୟ ୧୫% କମାଇଛନ୍ତି। ନଭେମ୍ବରରେ ଭାରତ ରୁଷ ଅଶୋଧିତ ତେଲ ଉପରେ ୨.୬ ବିଲିୟନ ୟୁରୋ ଖର୍ଚ୍ଚ କରିଥିବା ବେଳେ ଏହା ଡିସେମ୍ବରରେ ୨୯% ହ୍ରାସ ହୋଇ ୧.୮ ବିଲିୟନ ୟୁରୋ ରହିଛି। ଏବେ ଭାରତ ରୁଷକୁ ବାଦ ଦେଇ ଅନ୍ୟ ଦେଶ ଗୁଡିକ ଉପରେ ତେଲ କିଣା ଲାଗି ଫୋକସ କରିଛି। ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଲାଗି ଆମେରିକା ରୁଷର ସବୁଠାରୁ ବଡ ତେଲ କମ୍ପାନି ରୋଜନେଫ୍ଟ ଏବଂ ଲୁକୋଇଲ୍ ଉପରେ କଡା କଟକଣା ଲଗାଇଛି। ଏହି ପ୍ରତିବନ୍ଧକକୁ ନଜରରେ ରଖି ରିଲାଏନ୍ସ, ଏଚ୍‌ପିସିଏଲ୍, ଏଚ୍‌ପିସିଏଲ୍ ମିତ୍ତଲ ଏନର୍ଜି ଏବଂ ମାଙ୍ଗାଲୋର ରିଫାଇନାରି (ଏମ୍‌ଆର୍‌ପିଏଲ୍) ରୁଷ ତେଲ କିଣା ରୋକିଛନ୍ତି କିମ୍ବା ବୃହତ ମାତ୍ରାରେ କମାଇ ଦେଇଛନ୍ତି।

ତେବେ ପ୍ରତିବନ୍ଧକ ନ ଥିବା ରୁଷ କମ୍ପାନି ଗୁଡିକ ଠାରୁ ଏବେ ମଧ୍ୟ ଇଣ୍ଡିଆନ ତେଲ କିଣା ଜାରି ରଖିଛି। ୨୦୨୨ ଫେବ୍ରୁଆରୀରେ ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶ ଗୁଡିକ ରୁଷ ତେଲ ଏବଂ ଗ୍ୟାସ କ୍ରୟ ବନ୍ଦ କରି ଦେଇଛନ୍ତି। ଏହି ସମୟରେ ଭାରତ ରୁଷ ତେଲର ସବୁଠାରୁ ବଡ ଗ୍ରାହକ ଭାବେ ଉଭା ହୋଇଥିଲା। ପୂର୍ବରୁ ଭାରତ ଏହାର ମୋଟ ଆବଶ୍ୟକତାର ମାତ୍ର ୧% ଅଂଶ ରୁଷ ଠାରୁ କିଣୁଥିବା ବେଳେ ଯୁଦ୍ଧ ପରେ ଏହା ୪୦% ଛୁଇଁଥିଲା। ୨୦୨୫ ଡିସେମ୍ବରରେ ଏହା ୨୫%କୁ ଖସିଥିଲା। ଯାହା ଗତ ମାସରେ ୩୫% ଥିଲା। ଏବେ ଭାରତ ମଧ୍ୟପ୍ରାଚ୍ୟ ଦେଶ ଗୁଡିକରୁ ତେଲ କିଣୁଛି।

ରିପୋର୍ଟ ମୁତାବକ, ଭାରତ, ତୁର୍କୀ ଏବଂ ବ୍ରନେଇ ରିଫାଇନାରିରେ ରୁଷ ତେଲ ବିଶୋଧନ ହୋଇ ପେଟ୍ରୋଲ ଓ ଡିଜେଲ ଭାବେ ରୁଷ ଉପରେ ପ୍ରତିବନ୍ଧକ ଲଗାଇଥିବା ଦେଶ ଗୁଡିକୁ ରପ୍ତାନି ହେଉଛି। ଏହି ରିଫାଇନାରି ଗୁଡିକ ୟୁରୋପୀୟ ସଂଘ, ଆମେରିକା, ବ୍ରିଟେନ ଏବଂ ଅଷ୍ଟ୍ରେଲିଆକୁ ୯୪୩ ନିୟୁତ ମୂଲ୍ୟର ପେଟ୍ରୋଲିୟମ ସାମଗ୍ରୀ ରପ୍ତାନି କରିଥିଲେ। ଏହି ଦେଶ ଗୁଡିକୁ ରପ୍ତାନିରେ ୧୨୧% ବୃଦ୍ଧି ହୋଇଛି। ଯେଉଁଥିରେ ଜାମନଗର ରିଫାଇନାରିର ଏକ ପ୍ରମୁଖ ଅଂଶ ରହିଛି। ରୁଷ ତେଲ କିଣାରେ ଚୀନ ୧ ନମ୍ବର ସ୍ଥାନରେ ରହିଛି। ରୁଷର ମୋଟ ରପ୍ତାନିରେ ଚୀନର ଅଂଶ ୪୮%।

## ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ବିରୋଧ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ମଙ୍ଗଳବାର ଧାମନଗର ସହରାଞ୍ଚଳରେ ତୀବ୍ର ପ୍ରତିବାଦ ଦେଖାଯାଇଛି। ସହରର ଉନ୍ନତିମୂଳକ କାର୍ଯ୍ୟରେ ଅନାବଶ୍ୟକ ବାଧା ସୃଷ୍ଟି ହେଉଥିବା ଅଭିଯୋଗରେ ପରିଷଦର କିଛି କାଉନସିଲର ଗେଟ ସାମ୍ନାରେ ଅନଶନରେ ବସିଥିଲେ। ପ୍ରତିବାଦ କାରୀମାନଙ୍କ ଅଭିଯୋଗ ଅନୁଯାୟୀ, ନଗରର ବିକାଶ କାର୍ଯ୍ୟକୁ ଗତିଶୀଳ କରିବା ପରିବର୍ତ୍ତେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ନିଜସ୍ୱ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି। ଏହାର ପରିଣାମରେ ସହରର ସମଗ୍ର ଉନ୍ନତି କାର୍ଯ୍ୟ ବାଧା ହେଉଛି ବୋଲି ସେମାନେ କହିଛନ୍ତି। ପ୍ରକାଶ ଥାଉ କି ୧ ବର୍ଷ ପାଖାପାଖି ହେବ ସହରର ରାସ୍ତା, ଡ୍ରେନ ଓ ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟ ସମ୍ପର୍କିତ ୪୬ଟି ପ୍ରକଳ୍ପ ପାଇଁ ଟେଣ୍ଡର ନିମିତ ଫାଇଲ ପ୍ରେରଣ କରାଯାଇଥିଲେ ମଧ୍ୟ ଅଧ୍ୟକ୍ଷା ତାହାକୁ ଅନୁମୋଦନ ନକରି ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏହା ଫଳରେ ନଗର ଉନ୍ନତି କାର୍ଯ୍ୟ ଠପ୍ ହୋଇ ରହିଛି। ମଙ୍ଗଳବାର କାଉନସିଲ ଗେଟ ସାମ୍ନାରେ ଗାନ୍ଧୀ ମୂର୍ତ୍ତୀ ସ୍ଥାପନ କରି ଶାନ୍ତିପୂର୍ଣ୍ଣ ଭାବେ ଅନଶନ କରିଥିଲେ। ଏହି ଅନଶନରେ ଉତମ ମହାନ୍ତି, ସ୍ୱାଧୀନ ସମ୍ବିଦ ଦାଶ, ଅନୁଶୟା ମଲ୍ଲିକ, ଜାନକୀ ଲତା ସେଠୀ, ସୁଭାଷିନୀ କର, ଏମାତୁନ ଏନ ପ୍ରମୁଖ ସାମିଲ ଥିଲେ। ପ୍ରତିବାଦ କାରୀମାନେ ଯଥାଶୀଘ୍ର ପ୍ରଶାସନ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ସହ ଦାୟିତ୍ୱବାନ ଶାସନ ବ୍ୟବସ୍ଥା ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ପ୍ରତିବାଦ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଏନଏସି ଅଧିକାରୀ ସନ୍ତୋଷ ନାୟକ କହିଛନ୍ତି ଉଭୟଙ୍କୁ ବସାଇ ଘଟଣା ସମ୍ପର୍କରେ ସମାଧାନ କରିବାକୁ ନିଷ୍ପତ୍ତି ନେବାକୁ ଉପରିସ୍ଥ ଅଧିକାରୀ କହିଛନ୍ତି। ତେବେ ଏପରି ପରିସ୍ଥିତି ନେଇ ଏନଏସିରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହେଉନଥିବାରୁ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ଚୁଲି ନିଆଁରେ ପଡି ଶିଶୁ ଗୁରୁତର

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଚୁଲି ନିଆଁରେ ପଡିଗଲା ୨ ମାସର ଶିଶୁ। ଗୁରୁତର ଅବସ୍ଥାରେ ମେଡିକାଲ୍‌ରେ ଚାଲିଛି ଚିକିତ୍ସା। ବାଲେଶ୍ୱର ଜଳେଶ୍ୱର ଥାନା ଚାଲନ୍ତି ଗାଁରେ ବଡ ଅଘଟଣ। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଚୁଲି ନିଆଁରେ ଶେକି ହେଉଥିବା ବେଳେ ଅସାବଧାନତା ବସତଃ କୋଳରେ ଥିବା ୨ ମାସର ଶିଶୁ ଚୁଲିରେ ପଡିଯାଇଥିଲା। ଗାଁର ତାରନ ହେମ୍ବ୍ରମଙ୍କ ସ୍ତ୍ରୀ ଛୁଆକୁ ଧରି ଚୁଲି ପାଖରେ ଥିବା ସମୟରେ, ମା’ର ଅସାବଧାନତା ପାଇଁ ପିଲାଟି ଚୁଲି ରେ ପଡି ଯାଇଥିଲା। ତେବେ ତୁରନ୍ତ ଚୁଲି ଭିତରୁ ପିଲାକୁ ପରିବାର ଲୋକେ ଉଦ୍ଧାର କରିଥିବା ବେଳେ ଶିଶୁ ଶରୀରର ଅଧିକାଂଶ ଅଂଶ ପୋଡିଯାଇଥିବା ସୂଚନା ମିଳିଛି। ଗୁରୁତର ଶିଶୁକୁ ପ୍ରଥମେ ବସ୍ତା ମେଡିକାଲ ପରେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଛି। ଶିଶୁଟି ଗୁରୁତର ଥିବା ସୂଚନା ମିଳିଛି।


## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଚଳିତ ବର୍ଷ ସାରା ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ଜାନୁଆରୀ ୬ ତାରିଖରୁ ଜାନୁଆରୀ ୨୦ତାରିଖ ପର୍ଯ୍ୟନ୍ତ ପାଳନ କରିବା ଲାଗି ରାଜ୍ୟ ସରକାର ସ୍ଥିର କରିଥିଲେ। ସେହି ଅବଲୋକନରେ ଗଞ୍ଜାମ ଜିଲ୍ଲାର ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ପ୍ରତେକ ବିଭାଜନ ଯଥା ବୃହତ ଏବଂ ମଧ୍ୟମ ଜଳ ସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ବୃହତ ଉଠା ଜଳସେଚନ ତରଫରୁ ଜାନୁଆରୀ ୬ ତାରିଖରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି।

ଜଳସମ୍ପଦ ବିଭାଗ ତରଫରୁ ବ୍ୟାପକ ଜନସଚେତନତା ଲାଗି ସଚେତନତା ବାର୍ତ୍ତା ବହନ କରିଥିବା ପାଣି ପଞ୍ଚାୟତ ରଥ ଜିଲ୍ଲାପାଳ ଦି କୀର୍ତ୍ତି ଭାସନଙ୍କ ଦ୍ୱାରା ଉଦଘାଟନ କରାଯାଇ ଜିଲ୍ଲାର ପ୍ରତେକ ବ୍ଲକ ପରିଭ୍ରମଣ କରି ଜାନୁଆରୀ ୧୩ରେ ଛତ୍ରପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଠାରେ ପହଞ୍ଚିବା ପରେ ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୃଷି ସହ ସଂଯୋଜିତ ପ୍ରତେକ ବିଭାଗକୁ ଓ ଅଗ୍ରଣୀ ଚାଷୀଭାଇମାନଙ୍କୁ ଏହି ଉତ୍ସବରେ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଖାଦ୍ୟ, ଫୁଲ, ମାଛ, ଚାଷ ଉପକରଣ ଉପରେ ଏକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ୍.ରାଜେଶ୍ୱରୀ ଦୋରା, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତ, ଅଧିକ୍ଷଣ ଯନ୍ତ୍ରୀ ସୁବ୍ରତ ପଟ୍ଟନାୟକ ଓ ସଞ୍ଜୟ କୁମାର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ଗଙ୍ଗାଧର ଦାସ, ସଦାଶିବ ପାତ୍ର, ସହକାରୀ ଯନ୍ତ୍ରୀ ନଳିନୀ କାନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ସାହୁ, ରବୀନ୍ଦ୍ର ନାହାକ, ମଧୁସୂଦନ ଦାସ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଉତ୍ସବରେ ଉପସ୍ଥିତ ଥିଲେ। ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।



## ସିନେମାଫିନେମା ଟିଭିଫିବି

## ଅର୍ଜୁନଙ୍କୁ ନେଇ ମୁହଁ ଖୋଲିଲେ ମଲାଇକା

ଅଭିନେତ୍ରୀ ମଲାଇକା ଆରୋରା ନିଜ ଆଇଟମ୍ ନମ୍ବର ପାଇଁ ଯେତିକି ଚର୍ଚ୍ଚାରେ ନ ଥାନ୍ତି ବ୍ୟକ୍ତିଗତ ଜୀବନକୁ ନେଇ ସେ ସୁବବେଳେ ଅଲୋଚନାରେ ଥାନ୍ତି। ୨୦୧୭ରେ ଅରବାଜ ଖାନଙ୍କ ସହ ଛାଡପତ୍ର ପରେ ମଲାଇକା ଏକଦା ଅଭିନେତା ଅର୍ଜୁନ କପୁରଙ୍କ ପ୍ରେମରେ ପଡ଼ିଥିଲେ। କୁହାଯାଏ, ଉଭୟ ଲିଭ୍ ଇନ୍‌ରେ ଥିଲେ। କିନ୍ତୁ କ’ଣ ହେଲା କେଜାଣି ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିଲା। ଏବେ ମଲାଇକା ସବୁକିଛି ଭୁଲି ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ପ୍ରେମରେ ଉବୁଟୁବୁ ଥିବା ଚର୍ଚ୍ଚା ହେଉଛି। ମଲାଇକା ଏନେଇ ମୁହଁ ଖୋଲିଛନ୍ତି।

ମୁଁ ଭାବୁଛି ଜୀବନର କିଛି ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ରାଗ ଏବଂ ଦୁଃଖ ଆସେ। ଏହା ସମସ୍ତଙ୍କ ସହିତ ଘଟେ। ଆମେ ମଣିଷ। ଆମେ ସମସ୍ତେ ବେଳେବେଳେ ନିରାଶାର ସମୟ ଦେଇ ଗତି କରୁ। ଏହା ମାନବ ସ୍ୱଭାବ। କିନ୍ତୁ ସମୟ ବିତିବା ସହିତ ସବୁକିଛି ସୁଧୁରିଯାଏ ବୋଲି କୁହନ୍ତି ମଲାଇକା।

ଅର୍ଜୁନଙ୍କୁ ନେଇ ନିଜ ମତ ରଖିଛନ୍ତି ମଲାଇକା। ସେ କୁହନ୍ତି, ଅର୍ଜୁନ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ମୋ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ। ଯାହା ହେଉନା କାହିଁକି। ମୁଁ ଆମର ଅତୀତ କିମ୍ବା ଭବିଷ୍ୟତ ବିଷୟରେ ଅଧିକ କଥା ହେବାକୁ ଚାହୁଁନାହିଁ। ଏହା ବିଷୟରେ ବହୁତ କିଛି ମିଛସତ ଲେଖାଯାଇଛି। ମୁଁ ମୋ ଜୀବନର ଏପରି ଏକ ପର୍ଯ୍ୟାୟରେ ଅଛି ଯେଉଁଠାରେ ମୋତେ କିଛି ପ୍ରମାଣ କରିବାକୁ ନୁହେଁ ବରଂ ମୋତେ ଏପରି କାମ କରିବାକୁ ପଡିବ ଯାହା ମୋତେ ଖୁସି କରେ ଏବଂ ମୁଁ ଚାହେଁ ଯେ ଲୋକମାନେ ତାହା ଦେଖନ୍ତୁ।

ମିଷ୍ଟ୍ରି ମ୍ୟାନ୍‌ଙ୍କୁ ନେଇ ମଲାଇକା କୁହନ୍ତି, ଲୋକମାନେ କଥା ହେବାକୁ ଭଲ ପାଆନ୍ତି। ଯଦି ମୁଁ କାହା ସହିତ କୁଆଡେ ଯାଏ ଲୋକେ ବଡ଼ ସମସ୍ୟା ହୋଇଯାଏ। ମୁଁ ଏହି ଗୁଜବକୁ ଅଯଥାରେ ପ୍ରସୟ ଦେବାକୁ ଚାହୁଁନାହିଁ। ଏହା ମୋ ପାଇଁ ନିତିଦିନିଆ ଘଟଣା। କିନ୍ତୁ ମୋତେ ଫରକ ପଡ଼େ ନାହିଁ।

# ରାଣୀଗୋଡ଼ାଠାରୁ ହାଟପଡ଼ା ରାସ୍ତା ପାଲଟିଛି ମରଣଯନ୍ତା



**୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ରାଣୀଗୋଡା ଠାରୁ ଓଷଙ୍ଗ ଭାୟା ହାଟପଡା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶେଷ ନ ହେବା ଫଳରେ ରାସ୍ତାର ଅବସ୍ଥା ମରଣଯନ୍ତା ପାଲଟିଛି । ଯାହା ଫଳରେ ଗମନାଗମନରେ ବାଧା ପ୍ରାପ୍ତ ହେଉଛି । ତେଣୁ ସ୍ଥାନୀୟ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଯଦି ଏହି ରାସ୍ତାଟିର କାର୍ଯ୍ୟ ୧୫ ଦିନ ମଧ୍ୟରେ ଆରମ୍ଭ କରାନଯାଏ ତେବେ ଆସନ୍ତା ଦିନରେ ସ୍ଥାନୀୟ ଅଞ୍ଚଳବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଥାଉ କି ଏହି ରାସ୍ତାଟି ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ କରକମଳରେ ଗତ ୧୨.୩.୨୦୨୩ ମସିହାରେ ଶିଳାନ୍ୟାସ କରାଯାଇଥିଲା । ଦୀର୍ଘ ୩ ବର୍ଷ ବିତିବାକୁ ବସିଲାଣି ହେଲେ ସଂପୃକ୍ତ ଠିକାଦାର ମନମୁଖି କାର୍ଯ୍ୟ ଯୋଗୁ ଏହି ରାସ୍ତା କାର୍ଯ୍ୟ ଅଧା ପନ୍ତରିଆ ହେବା ସହ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ପ୍ରତ୍ୟହ ରାସ୍ତା ଦେଇ ମାହାଙ୍ଗା ମହିଳା ମହାବିଦ୍ୟାଳୟ, ଡାକ୍ତରଖାନା, ହାଟ, ପୁରାଣ ପ୍ରସିଦ୍ଧ ମା ଭଗବତୀ, ଶ୍ରୀ ଶ୍ରୀ କେଦାରେଶ୍ୱର ମନ୍ଦିର, ବିଦ୍ୟାଳୟ, ଥାନା, ତହସିଲ, ବ୍ୟାଙ୍କ ଆଦି କାର୍ଯ୍ୟ ନିମନ୍ତେ କୁନି କୁନି ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣମାନେ ଯାତାୟାତ କରିଥାନ୍ତି । ବର୍ତ୍ତମାନ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଥିବାରୁ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି । ଯାହାକୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତାର କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଯଦି ୧୫ ଦିନ ମଧ୍ୟରେ ଏହାର ସମାଧାନ କରାନଯାଏ ତେବେ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଖନ୍ଦୋଳ ଠାରେ ଧାରଣା ଦେବେ ବୋଲି ପୂର୍ବତନ ସମିତିସଭ୍ୟ ଗୌତମ ଶରଣ, କରୁଣାକର ନାୟକ, ପ୍ରଭାକର ସାହୁ, ହରେକୃଷ୍ଣ ସୁନ୍ଦରାୟଙ୍କ ସମେତ ବହୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର– ଦ୍ୱାଦଶୀ |
|---|---|
| ୧୫.୧.୨୦୨୬ | ନକ୍ଷତ୍ର– ଜ୍ୟେଷ୍ଠା, ବିଛାଚନ୍ଦ୍ର |

| | |
|---|---|
| ମେଷ | : ମୁତ୍ରାଶୟ ପୀଡ଼ା ହେବ । |
| ବୃଷ | : ହସଖୁସିରେ ଦିନ କଟିବ । |
| ମିଥୁନ | : ସୁସମ୍ବାଦ ପ୍ରାପ୍ତି ହେବେ । |
| କର୍କଟ | : ସମ୍ମାନ ବୃଦ୍ଧି ପାଇବ । |
| ସିଂହ | : ଉତ୍ତେଜନା ବୃଦ୍ଧି ପାଇବ । |
| କନ୍ୟା | : ସ୍ୱାସ୍ଥ୍ୟଲାଭ ହେବ । |
| ତୁଳା | : କାର୍ଯ୍ୟକ୍ଷେତ୍ରରେ ପ୍ରସନ୍ନ ହେବେ । |
| ବିଛା | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| ଧନୁ | : ମନସ୍ତାପ କରିବେ । |
| ମକର | : ଚାକିରିରେ ପଦୋନ୍ନତି ପାଇବେ । |
| କୁମ୍ଭ | : ଶତ୍ରୁରେ ବିଜୟ ଲାଭ କରିବେ । |
| ମୀନ | : ବନ୍ଧୁ ସହଯୋଗ ପାଇବେ । |

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଅନୁଗୁଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା କିଆକଟା ଥାନା ଶଙ୍ଖାମାଳ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଗଞ୍ଜେଇ ଭର୍ତ୍ତି କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଏଥିରେ ବାଇକ୍ ଆରୋହୀଙ୍କର ଗୋଡ ଛିଡି ଅଲଗା ହୋଇଯାଇଛି । ପୁଲିସ୍‌କୁ ଦେଖି ଚମ୍ପଟ ମାରିବାବେଳେ କାର୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା । ବର୍ତ୍ତମାନ୍ ପର୍ଯ୍ୟନ୍ତ ବାଇକ୍ ଆରୋହୀଙ୍କର ପରିଚୟ ମିଳିପାରିନାହିଁ । ଗୁରୁତର ବାଇକ୍ ଆରୋହୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛ । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କାର୍ ଡ୍ରାଇଭରକୁ ଅଟକ ରଖିବା ସହ ଅଧିକ ତଦନ୍ତ ଜାରି ରଖିଛି ।

# ଧାନମଣ୍ଡି ଖୋଲିବାରେ ବିଳମ୍ବ, ଚିନ୍ତାରେ ଚାଷୀ

**କବିସୂର୍ଯ୍ୟନଗର, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ନଦାତାଙ୍କ ଦିଆଯାଉଛି ମାନସିକ ପ୍ରହାର, ପିଛା ଛାଡୁନି ସମସ୍ୟା, ଖୋଲୁନି ମଣ୍ଡି, ଶୋଷଣ ଚକ୍କରରେ ମିଲର ଏବଂ ସମିତି ସମ୍ପାଦକ । ସରକାରଙ୍କ ନିର୍ଦ୍ଦେଶ ଜିଲ୍ଲାରେ ବଦଳିଯାଉଥିବା ବେଳେ ଚାଷୀଙ୍କୁ ଲୁଟିବାକୁ ଚାଲିଛି ଉଦ୍ୟମ । ଅମଳ ଧାନକୁ କାଟିକୁଟି ଲୁଟିବାକୁ ମିଲର ଓ ପାକ୍ସଙ୍କ ଯେଉଁଭଳି ଭାବେ ମିଳିତ ଯୋଜନା କରୁଛନ୍ତି ଷଡଯନ୍ତ୍ରରେ ବଳି ପଡ଼ିବେ ଚାଷୀ । ଯାହା ସୂଚନା ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଦେଖାଦେଇଛି ମଣ୍ଡି ଅବ୍ୟବସ୍ଥା । ଲାଗିରହିଛି ଛକା ପଞ୍ଜା । ସୋସାଇଟି ସଭାପତିମାନେ ପ୍ରଶାସନକୁ ଦେଲେଣି ଖୋଲା ଚାଲେଞ୍ଜ । ଚାଷୀଙ୍କୁ ଢାଲ କରି ସଭାପତିମାନେ ଯେଉଁ ଆନ୍ଦୋଳନ ଚଳାଇଛନ୍ତି ତାହାକୁ ନେଇ ଚାଷୀ ସପକ୍ଷରେ ଅଣ୍ଟା ଭିଡ଼ିଛନ୍ତି କବିସୂର୍ଯ୍ୟନଗର ବିଧାୟକ । କହିବାକୁ ଗଲେ ମଣ୍ଡି ଖୋଲିବା ନେଇ ସୋସାଇଟି ସଭାପତି ଏବଂ ବିଧାୟକଙ୍କ ମଧ୍ୟରେ ଚାଲିଛି ଶୀତଳ ଯୁଦ୍ଧ । ସଭାପତିମାନେ ଜିଦରେ ଅଟଳ ରହି ମହିଳା ଗ୍ରୁପକୁ ବାଦ ଦେଇ ସମବାୟ ଜରିଆରେ ମଣ୍ଡି ଖୋଲିବାକୁ ଦାବି କରୁଥିବା ବେଳେ ଏପଟେ ବିଗତ ଦିନରେ ସମବାୟ ସମିତି ଚାଷୀଙ୍କୁ ଲୁଟି ଅଖା ନଦେଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବା, କଟନୀ ଛଟନୀ ନାଁରେ ୫ ରୁ ୭ କେଜି ଧାନ କାଟି ରଖି ମିଲରଙ୍କ ଭାଗିଦାର ରହି ଚାଷୀଙ୍କୁ ଶୋଷଣ କରିବା ଅଭିଯୋଗ ଆଣି ଦଲାଲ ମୁକ୍ତ ମଣ୍ଡି ଖୋଲି ଚାଷୀ ତା'ର ପରିଶ୍ରମର ଅମଳ ଧାନର ସରକାରୀ ମୂଲ୍ୟ ପାଇବା ପାଇଁ କବିସୂର୍ଯ୍ୟନଗର ବିଧାୟକ ଅଣ୍ଟା ଭିଡ଼ିଛନ୍ତି । ଏପଟେ କବିସୂର୍ଯ୍ୟନଗର ବ୍ଲକରେ ୧୫ଟି ସେବା ସମବାୟ ସମିତି ଥିବାବେଳେ ଆସିକା ନିର୍ବାଚନ ମଣ୍ଡଳୀରେ ୮ ଟି ଏବଂ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ଏନଏସିକୁ ମିଶାଇ ୭ଟି ରହିଛି । ଏନଏସିରେ ସମବାୟ ସମିତି ମଣ୍ଡି ଦାୟିତ୍ୱ ନେଇଥିଲେ ମଧ୍ୟ ଜାନୁୟାରୀ ଅଧା ହେଲାଣି କୋଉଠି ଖୋଲାଯାଇଛି ମଣ୍ଡି ଏବେ ଚାଷୀ ଖୋଜୁଛନ୍ତ । କୁହାଯାଉଛି କବିସୂର୍ଯ୍ୟନଗର ସମିତି ମଣ୍ଡି ନଖୋଲି ଚାଷୀଙ୍କୁ କ୍ଷତି କରାଇ ନିକଟରେ ଥିବା ଏକ ମିଲର ପାଖକୁ ପଠାଉଥିବାରୁ କ୍ଷତି ସହୁଥିବା ଚାଷୀ ଅସନ୍ତୋଷ ପ୍ରକାଶ କଲେଣି ଏବଂ ୫ କେଜି ଧାନ କାଟିବା ପାଇଁ କୁହାଯାଉଛି ବୋଲି କେତେକ ଚାଷୀ ବିଧାୟକଙ୍କୁ ଅଭିଯୋଗ କରିଥିବା ସୂଚନା ମିଳିଛି । ସେହିପରି ଅନ୍ୟ ୬ଟି ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇନି । ମଣ୍ଡି ବିବାଦକୁ ନେଇ କବିସୂର୍ଯ୍ୟନଗର ବ୍ଲକର ୯ଟି ପଞ୍ଚାୟତର ୬ଟି ସୋସାଇଟି ୧୬ ତାରିଖରେ ଧାନ ଧରି ବ୍ଲକ ଆଗରେ ରାସ୍ତାରୋକ ଆନ୍ଦୋଳନ କରିବେ ବୋଲି ପୂର୍ବରୁ ଘୋଷଣା କରିଥିବା ବେଳେ କ'ଣ ହେବ ଅନ୍ନଦାତାଙ୍କ ଭାଗ୍ୟ ତାହାକୁ ନେଇ ଆଲୋଚନା ସମାଲୋଚନା ଚାଲିଛି । ଟୋକେନ ସମୟ ସରି ଆସୁଥିବା ବେଳେ କେବେ ଧାନ ବିକିବେ ଚାଷୀ ତାହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଲାଣି।

# ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର

**ନିଆଳୀ, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



କଣ୍ଟାପଡା ବ୍ଲକ ସୁନ୍ଦର ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ର ଉନ୍ନତିକରଣ ପାଇଁ ବିଧାୟକଙ୍କ ପାଣ୍ଠିରୁ ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ କୁଜି ନେତାମାନଙ୍କୁ କାମ ପାଇଁ ଚିଠା ଧରାଇ ଦିଆଗଲା । ଏହି ଟଙ୍କାରେ ବିଦ୍ୟାଳୟର ଫାଟକ ନିର୍ମାଣ, ଗୋପବନ୍ଧୁ କକ୍ଷ, ସିଡ଼ି ଘର ଟାଇଲା, କ୍ଲାସ ରୁମରେ ଟାଇଲ, ବିଦ୍ୟାଳୟର ଆଗପଟ ପାଚେରି ନିର୍ମାଣ କରିବା ଶହ ରଙ୍ଗ ମରାଯାଇଛି । ଏହି କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ଆଗପଟେ ରଙ୍ଗ ମରାଯାଇଥିବା ବେଳେ ପଛପଟ ବାସ୍ତବ ଚିତ୍ର ଦେଖିଲେ ପ୍ରକୃତ ଚିତ୍ର ହିଁ କହୁଛି ଉନ୍ନତିକରଣ କଥା । ଭଙ୍ଗା ପାଚେରିକୁ ଫଟା ଗେଟ ହିଁ ଉନ୍ନତିର ବାସ୍ତବ କଥା ଦେଖାଉଚି । ୨ବର୍ଷ ତଳେ ଉକ୍ତ ବିଦ୍ୟାଳୟରେ ୫-ଟିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟର ଉନ୍ନତିକରଣ କରାଯାଇଥିବା ବେଳେ ହଠାତ ୨ ବର୍ଷ ମଧ୍ୟରେ ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ନିମ୍ନମାନର କାମ କରି ନିଜ ଦଳୀୟ ଲୋକଙ୍କ ପକେଟକୁ ମୋଟା ଅଙ୍କର ଅର୍ଥ ଯାଇଥିବା ଅଭିଯୋଗ ହୋଇଛି । ସୁନ୍ଦର ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ବାଗଲପୁର ପଞ୍ଚାୟତରେ ଥିବାବେଳେ ଉକ୍ତ ପଞ୍ଚାୟତର ସମିତି ସଭ୍ୟା ସୁଶ୍ରୀ ଜୀନା ଭୋଇ କଣ୍ଟାପଡା ବ୍ଲକର ବିଜେପି ଦଳର ବ୍ଲକ ଅଧକ୍ଷା ରହିଛନ୍ତି । ତାଙ୍କୁ ଉଦଘାଟନୀ ଉତ୍ସବକୁ ଡ଼ାକିବା ତ ଦୂରର କଥା ଫଳକରେ ବି ତାଙ୍କ ନାଁ ରହିନାହିଁ । କିଛି ଦିନ ହେବ ବିଧାୟକଙ୍କ ସାଂସଦଙ୍କ ଗୋଷ୍ଠୀ କନ୍ଦଳରେ ଫଳକରେ ସାଂସଦଙ୍କ ନାଁ ରହୁ ନଥିବା ବେଳେ ହଠାତ ମାତ୍ର ୨୭ ଲକ୍ଷ ଟଙ୍କା କାମରେ ସାଂସଦଙ୍କ ଫଳକରେ ନାଁ ରଖିବା ଓ ଫଳକରେ ଅଧକ୍ଷଙ୍କ ନାଁ କାଟି ସ୍ଥାନୀୟ ସରପଞ୍ଚଙ୍କ ନାଁ ରହିଥିବା ବେଳେ ଅଧକ୍ଷାଙ୍କୁ ନିଜ ପଞ୍ଚାୟତରେ ଶକ୍ତ ଝଟକା ଦେବା ପାଇଁ ବିଧାୟକ ସାଂସଦ ଉଦଘାଟନୀ ଉତ୍ସବକୁ ଆସିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାଁ ନଥିବା ସ୍କୁଲ ସମୟରେ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ପାଠ ପଢାଇବାରେ ବ୍ୟାଘାତ ସୃଷ୍ଟି କରାଇବା, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଣି ଉଦ୍‌ଘାଟନୀ ଉତ୍ସବରେ ଛିଡା କରାଇବା, ଶିକ୍ଷା ଅନୁଷ୍ଠାନ ଭଳି ଏକ ପବିତ୍ର ଜାଗାରେ ନିଜ ଦଳୀୟ କର୍ମୀମାନଙ୍କୁ ନେଇ ଉଦ୍‌ଘାଟନୀ କରିବା ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି । ଖାଦ୍ୟପେୟ ବ୍ୟବସ୍ଥାରେ ଅବ୍ୟବସ୍ଥା, ଗଣମାଧ୍ୟମ ପ୍ରତିନିଧି ଓ ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅପରାହ୍ନ ୪ଟା ପରେ ଖାଇବାକୁ ଡକାଯାଇଥିଲେ ମଧ୍ୟ ଖାଦ୍ୟର ଅଭାବ ନେଇ ହଟହଟା ହେବାକୁ ପଡିଥିଲା ।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତକୁ ୩ ବର୍ଷ ଜେଲ୍

**ଯାଜପୁର, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନାବାଳିକାକୁ ଅସଦାଚରଣ ମାମଲା ମଙ୍ଗଳବାର ଦିନ ରାୟ ପ୍ରକାଶ ପାଇଛି । ଯାଜପୁର ଆଡହକ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ୫ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତକୁ ସରଜୁ ଜେନାକୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏଥିସହିତ ୩ ହଜାର ଜରିମାନା କରିଛନ୍ତି । ଜରିମାନା ଅନାଦେୟ ୬ମାସ ଅଧିକ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ, ୨୦୨୦ ମସିହା ଅକ୍ଟୋବର ମାସ ୧୬ ତାରିଖରେ ଜନୈକା୧୫ ବର୍ଷୀୟା ନାବାଳିକା ଟ୍ୟୁସନ ଯାଉଥିବା ବେଳେ କୁଆଖିଆ ଥାନା କଣ୍ଡିଆକଣ ଗ୍ରାମର ନବ କିଶୋର ଜେନାଙ୍କ ପୁଅ ସରଜୁ ଜେନା(୩୩) ଝିଅଟିକୁ ଅଟକାଇବା ସହ ରାସ୍ତା ମଝିରେ ଟଣାଓଟରା କରି ଅସଦାଚରଣ କରିଥିଲା । ଏ ନେଇ ନାବାଳିକା ଜଣକ ଘଟଣା ସମ୍ପର୍କରେ ଘରେ ଜଣାଇଥିଲା । ନାବାଳିକାର ପିତା ସରଜୁକୁ ପଚାରିବାରୁ ସରଜୁ ଉତ୍‌କ୍ଷିପ୍ତ ହୋଇ ନାବାଳିକାର ଘରକୁ ଆସି ନାବାଳିକାର ପିତାକୁ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲା । ଏ ନେଇ ନାବାଳିକାର ପିତା ୧୭ ତାରିଖରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲା। ଲିଖିତ ଅଭିଯୋଗକୁ ଭିତ୍ତି କରି କେସ୍ ନଂ.୩୪୮/୨୦ରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସରଜୁକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ ।

## ନିଆଁରେ ପଡି ଦୁଇ ମାସର ଶିଶୁ ଗୁରୁତର

**ଜଳେଶ୍ୱର, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଚାଲନ୍ତି ଗାଁରେ ଅଭାବନୀୟ ଘଟଣା ଘଟିଛି । ନିଆଁରେ ପଡି ଏକ ଦୁଇ ମାସର ଶିଶୁ ଗୁରୁତର ହୋଇଛି । ସୂଚନା ଅନୁସାରେ ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଜଳେଶ୍ୱର ଥାନା ମହମ୍ମଦ ନଗର ପାଟଣା ପଞ୍ଚାୟତ ଚାଲନ୍ତି ଗାଁର ତାରନ ହେମ୍ବ୍ରମଙ୍କ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟା ସମୟରେ ବସି ଅଗଣାରେ ଥିବା ଚୁଲିରେ ନିଆଁ ଲଗାଇ ନିଆଁ ପାଖରେ ବସିଥିଲେ । ତାରନଙ୍କ ସ୍ତ୍ରୀ ମଧ୍ୟ ଛୁଆକୁ ଧରି ଚୁଲି ପାଖରେ ଥିବା ବସିଥିଲେଛ ହେଲେ ମା'ର ଅସାବଧାନତା ପାଇଁ ପିଲାଟି ଚୁଲିରେ ପଡି ଯାଇଥିଲା । ପରିବାର ଲୋକେ ତୁରନ୍ତ ଚୁଲି ଭିତରୁ ପିଲାକୁ ଉଦ୍ଧାର କରି ବସ୍ତା ମେଡିକାଲକୁ ନେଇଥିଲେ । ପିଲାଟିର ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିବା ଜଣାପଡିଛି । ଗୁରୁତର ପିଲାକୁ ତୁରନ୍ତ ବସ୍ତା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## ଗଞ୍ଜେଇ ଜବତ, ୨ ଗିରଫ

**ଯାଜପୁର, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ପୁଲିସ ୧ କ୍ୱିଣ୍ଟାଲ ୬୦ କେଜିର ଗଞ୍ଜେଇ ଜବତ କରିବା ସହିତ ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୨ ତାରିଖରେ ଯାଜପୁର ଅବକାରୀ ଭ୍ରାମ୍ୟମାଣ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଯାଜପୁର-ସଠିପୁର ରାସ୍ତାର ମାଳହାଟ ନିକଟରେ



ଏକ ପିକ୍‌ଅପ୍ ଗାଡ଼ିଟି ଗଞ୍ଜେଇ ନେଇ ଯାଉଥିବାର ଏକ ବିଶେଷ ସୂତ୍ରରୁ ଖବର ପାଇ ଗାଡ଼ିଟିକୁ ଅଟକାଇ ଥିଲେ। ପାଣିବୋତଲ ତଳେ ଗଞ୍ଜେଇ ରଖାଯାଇ ଚାଲାଣ କରାଯାଉଥିବାର ଅବକାରୀ ପୁଲିସ ଜାଣିବାକୁ ପାଇଥିଲେ। ଗାଡ଼ି ଚାଳକ ହେଉଛନ୍ତି ବୌଦ୍ଧ ଜିଲା ରକ୍ସା ଗ୍ରାମର ସୁରେଶ କୁମାର ଭୋଇଙ୍କ ପୁତ୍ର ଆନନ୍ଦ ଭୋଇ(୨୦) ଓ ଗଞ୍ଜେଇ ବେପାରୀ ହେଉଛନ୍ତି ଅନୁଗୁଳ ଜିଲା ରେଙ୍ଗାଲବେଢ଼ା ଅଞ୍ଚଳର ଜୟା ବେହେରାଙ୍କ ପୁଅ ଅନିଲ ବେହେରା(୨୨) ବୋଲି ଜଣାପଡ଼ିଛି। ଅବକାରୀ ପୁଲିସ ଥାନାରେ କେଶ ନଂ.୨୫୧/୨୫-୨୬ରେ ଏକ ମାମଲା ରୁଜୁ କରିବା ସହିତ ଚାଳକ ଓ ଗଞ୍ଜେଇ ବେପାରୀକୁ ମଙ୍ଗଳବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ପିକଅପ ଗାଡ଼ିରୁ ୧ କ୍ୱିଣ୍ଟାଲ୬୦ କେଜିର ଗଞ୍ଜେଇକୁ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କାର ହେବ ବୋଲି ଜଣାପଡ଼ିଛି ।

### କୁଆଁପାଳ -ବରଅଠା ରାସ୍ତା ଉନ୍ନତୀକରଣରେ ବ୍ୟାପକ ଦୁର୍ନୀତି

# ତଦନ୍ତ ପରେ ପୁନର୍ବାର ଢଳେଇ କରିବାକୁ ନିର୍ଦ୍ଦେଶ

**ମାହାଙ୍ଗା, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**




ସରକାର ସାଧାରଣ ଲୋକଙ୍କ ଗମନାଗମନ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତାଘାଟ ଓ ସେତୁ ନିର୍ମାଣ କରାଯାଉଥିବା ବେଳେ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ହେତୁ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରକାଶ ପାଇଥିଲା । ତେବେ ଖବର ପ୍ରକାଶ ପାଇବା ପରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ସ୍ଥାନ ପରିଦର୍ଶନ କରିବା ପରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ତଦନ୍ତ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁଧାକର ନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିବା ସହ ସ୍ଥାନୀୟ ଲୋକଙ୍କ ଅଭିରେଯାଗ ଶୁଣିବା ପରେ ନିମ୍ନମାନର କଂକ୍ରିଟ ଢଳେଇକୁ ତାଡି ପୁନର୍ବାର ନୂତନ କଂକ୍ରିଟ ଢଳେଇ କରିବା ସହ ସମ୍ପୂର୍ଣ୍ଣ ରାସ୍ତାକୁ ଏକକାଳୀନ ଢଳେଇ ନ ପକାଇ ଅଧା ଅଧା କରି ଢଳେଇକୁ ସଠିକ୍ ଭାଗମାପରେ କରିବାକୁ ଠିକାଦାର ଦିଲୀପ କୁମାର ସାମଲଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ତଦନ୍ତ ସମୟରେ ଏସଡିଓ ଚିନ୍ମୟୀ ପଲେଇ ଏବଂ ଯନ୍ତ୍ରୀ ଜନ ମଲିକ ଉପସ୍ଥିତ ଥିଲେ ।

## ୨୦ନଂ ୱାର୍ଡର ପାନୀୟ ଜଳ ସମସ୍ୟା ଦୂର ହେବ କେବେ?

**ଜଟଣୀ, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସହରାଞ୍ଚଳରେ ପାଇପ୍ ମାଧ୍ୟମରେ ପାନୀୟଜଳ ଯୋଗାଣ ଏକ ସାଧାରଣ କଥା । କ୍ଷୁଦ୍ର ସହରଠାରୁ ଆରମ୍ଭ କରି ବଡ଼ ସହର ପର୍ଯ୍ୟନ୍ତ ଏଥିପାଇଁ ପାଣିଟାଙ୍କି ଓ ପାଇପ୍ ଜଳ ଯୋଗାଣ ପ୍ରକଳ୍ପମାନ କାର୍ଯ୍ୟ କରିଥାଏ । କିନ୍ତୁ ଏବେ ବି ଜଟଣୀ ସହରର ଅନେକ ଜାଗାରେ ଲୋକେ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି । ସହରାଞ୍ଚଳରେ ଥାଇ ବି ଏମାନେ କୂଅରୁ ପାଣି କାଢ଼ି ବ୍ୟବହାର କରୁଛନ୍ତି । ରେଳବାଇ ଅଧୀନରେ ଥିବା ସ୍ଥାନୀୟ ପୌରପାଳିକାର ୭ଟି ୱାର୍ଡ ମଧ୍ୟରେ ରହିଥିବା ୨୦ ନମ୍ବର ୱାର୍ଡରେ ଦୂର ହୋଇପାରୁନି ପାନୀୟ ଜଳ ସମସ୍ୟା । ବର୍ଷ ବର୍ଷ ଧରି ଏଠାରେ ପାନୀୟ ଜଳ ଯୋଗାଣ କେବଳ ସ୍ୱପ୍ନ ହୋଇ ରହିଛି । ଏହି ୱାର୍ଡ ଅଧୀନରେ ଭଗବତୀନଗର, ବାବାନଗର, ମାଣିଆ ଛକ ଆଦି ଅଞ୍ଚଳ ରହିଛି । ପାନୀୟ ଜଳ ଯୋଗାଣର ଆଧୁନିକ ବ୍ୟବସ୍ଥା ଏଠି ହୋଇ ପାରି ନ ଥିବାରୁ ଏବେବି ଏହି ୱାର୍ଡରେ ଦୁଇ ଶହରୁ ଅଧିକ ପରିବାର ପାନୀୟ ଜଳ ପାଇଁ ସାଧାରଣ କୂଅ ଓ ନଳକୂଅ ଉପରେ ନିର୍ଭର କରୁଛନ୍ତି ।

ଜଟଣୀ ସହରକୁ ୨୪ ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହି ୱାର୍ଡର ଅନେକ ଅଞ୍ଚଳ ଏହି ଯୋଜନାରୁ ବଞ୍ଚିତ । କେବଳ ସେତିକି ନୁହେଁ, ରାସ୍ତା ଓ ଡ୍ରେନ୍ ଅବସ୍ଥାରେ ମଧ୍ୟ ସୁଧାର ଆସୁ ନାହିଁ । ଏହି ୱାର୍ଡର କିଛି ପ୍ରମୁଖ ରାସ୍ତା ଏବେ ବି କଚ୍ଚା ଅବସ୍ଥାରେ ରହିଛି । ଏଠାରେ ଥିବା ଡ୍ରେନ୍‌ଗୁଡ଼ିକର ଅବସ୍ଥା ମଧ୍ୟ ଦୟନୀୟ । ନିୟମିତ ସଫେଇ ହେଉ ନ ଥିବାରୁ ବହୁ ଡ୍ରେନ୍ ଆବର୍ଜନାରେ ପୋତି ହୋଇ ରହିଛି ଓ ଦୁର୍ଗନ୍ଧମୟ ପରିବେଶରେ ସ୍ଥାନୀୟ ଲୋକେ କଲବଲ ହେଉଛନ୍ତି । କିନ୍ତୁ ବିକାଶମୂଳକ କାର୍ଯ୍ୟ ନାହିଁ । ଏହି ୱାର୍ଡ ଉପରେ ପ୍ରଶାସନର ନଜର ପଡୁନି । ୱାର୍ଡର ବିକାଶ ପାଇଁ ସେଭଳି କିଛି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି ।

# ଜଳୁଛି ଇଟାଭାଟି : ପ୍ରଶାସନ ନୀରବ

**ଭଦ୍ରକ, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାରେ ବନ୍ତ ତହସିଲ ଅଞ୍ଚଳର ଅଗରପଡା, ଭଦ୍ରକ ତହସିଲ ଅଞ୍ଚଳର କାଉପୁର, ଚଢ଼ିଆ, ଓଲଙ୍ଗ ଅଞ୍ଚଳରେ ସାଳନ୍ଦୀ ନଦୀ ପଠାରେ ବେଆଇନ ଭାବରେ ଇଟାଭାଟି ତିଆରି କରିବା ସହ ଇଟାଭାଟିର ନିର୍ଗତ ଧୂଆଁ ବାୟୁ ପ୍ରଦୂଷଣ କରୁଥିବାବେଳେ ନଦୀ ପଠା ଖୋଳି ମାଟି ଉଠାଇବା ଯୋଗୁଁ ମୃତ୍ତିକା କ୍ଷୟ ହୋଇଯାଉଛି । ବାୟୁ ପ୍ରଦୂଷଣ ଯୋଗୁଁ ଲୋକେ ଅତିଷ୍ଠ ହୋଇ ପଡିଲେଣି । ଜନସାଧାରଣ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି । ନଦୀ ତାଡି କିଛି ଲୋକ ବେଆଇନ ଭାବରେ ଇଟା ବ୍ୟବସାୟ କରୁଛନ୍ତି ।

ଏଭଳି ବେଆଇନ ଇଟା ଭାଟି ସମ୍ପର୍କରେ ଲୋକେ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନି । ଏଠାରେ ପ୍ରଶ୍ନ ଉଠୁଛି ଯେ ବନ୍ତ ଓ ଭଦ୍ରକ ତହସିଲଦାରଙ୍କ ଅଧୀନରେ ଏହି ଅଞ୍ଚଳ ଆସିଥିବାବେଳେ ତହସିଲଦାରମାନେ ଏ ଦିଗରେ କିଛି ପଦକ୍ଷେପ ନେଉ ନାହାନ୍ତି । ସେହିପରି ଧାମନଗର ଓ ଭଣ୍ଡାରୀପୋଖରୀ ତହସିଲ ଅଞ୍ଚଳରେ ବୈତରଣୀ ନଦୀ କୂଳରେ ବହୁ ବେଆଇନ ଇଟାଭାଟି କରାଯାଇ ଏହି ଅଞ୍ଚଳର ବାୟୁ ପ୍ରଦୂଷଣ କରାଯାଉଥିବାବେଳେ ମୃତ୍ତିକା କ୍ଷୟ କରାଯାଉଛି ।

ଏଥିପାଇଁ ନଦୀବନ୍ଧ ନଷ୍ଟ ହେଉଥିବାବେଳେ ବେଆଇନ ଇଟା ବ୍ୟବସାୟ କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି । ବନ୍ତ ତହସିଲ୍ ଅଧୀନରେ ଥିବା ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳ କାଣ୍ଡବା, ମହାନ୍ତିପଡ଼ା, ଗୋପିନାଥପୁର, ଅଣିଜୋ ଆଦି ସାଳନ୍ଦୀ ନଦୀ କୂଳରେ ବହୁ ଇଟାଭାଟି ଜଳୁଛି । ଇଟାଭାଟି ପୋଡ଼ିବା ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଇଟାଭାଟିର ଧୂଆଁ ଲୋକଙ୍କ ସ୍ୱାସ୍ଥ୍ୟ ପରି କ୍ଷତି ପହଞ୍ଚାଉଛି । ତହସିଲ୍‌ଦାର ଓ କର୍ମଚାରୀ ଏ ଦିଗରେ ଅବଗତ ଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଓ ପରୋକ୍ଷରେ ଇଟାଭାଟି ମାଲିକମାନଙ୍କୁ ସହଯୋଗ କରୁଥିବାର ଅଭିଯୋଗ ହେଉଛି। ଇଟା ପକାଇବା ପାଇଁ ରାଜସ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଏନ୍‌ଜିଟି ନିୟମ ଉଲ୍ଲଘଂନ କରାଯାଇଛି । କେବଳ ଇଟାଭାଟି ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଛି । ଭଦ୍ରକରେ ଏହି ବେଆଇନ ଇଟା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଥିବାବେଳେ ଏ ସମ୍ପର୍କରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ସବୁ ତହସିଲକୁ ବେଆଇନ ଇଟା ପୋଡ଼ିବା ଉପରେ ରୋକ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବେଆଇନ ବାଲି ଚାଲାଣ ଉପରେ ମଧ୍ୟ ରୋକ ଲଗାଯିବା ଉପରେ ଲଘୁ ଖଣିଜ ସଂପଦ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ଦିଗରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

## ବାଣ ବୋଝେଇ ଅଟୋ ଜବତ

**ବୈଶିଙ୍ଗା, ୧୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୀପାବଳି ସମୟରେ ବାଛୁରୀପଡ଼ାରେ ବାଣ ତିଆରିକୁ କଟକଣା ଲଗାଯାଇଥିଲା । ଫଳରେ ଲୋକଙ୍କ ମଧ୍ୟରେ ହତାଶା ଭାବ ଦେଖାଯାଇଥିଲା । ଏହି ଗ୍ରାମରେ ପ୍ରତି ଘରେ ଘରେ ବାଣ ତିଆରି ଏକ କୁଟୀର ଶିଳ୍ପ ଭାବେ ଜଣାଶୁଣା । କାଳୀପୂଜା ପରେ ମୟୂରଭଞ୍ଜର ମକର ପର୍ବ ପାଇଁ ମଧ୍ୟ ବାଣ ତିଆରି ହୋଇଥାଏ । ଏହି ବାଣ ମଙ୍ଗଳବାର ପୂର୍ବାହ୍ନରେ ଏକ ଅଟୋ ଯୋଗେ ରୁପସା ଅଭିମୁଖେ ଯାଉଥିବା ବେଳେ ବୈଶିଙ୍ଗା ଥାନାର ପେଟ୍ରୋଲିଂ ଟିମ୍ ରାସ୍ତାରେ ଅଟକାଇ ଅଟୋ ସହିତ ବାଣ ବସ୍ତାଗୁଡ଼ିକୁ ଥାନାକୁ ନେଇ ଆସିଥିବାର ଜଣାଯାଇଛି । ଜବତ ବାଣର ଆନୁମାନିକ ମୂଲ୍ୟ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ଅଟୋର ନମ୍ବର ଓଡି ୦୧ ୟୁ ୮୮୬୧ ବୋଲି ଜଣାଯାଇଛି ।

# ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ : ଗୋଟିଏ କୋଠରିରେ ୫ଟି ଶ୍ରେଣୀ

**ପାରଳାଖେମୁଣ୍ଡି, ୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଠିକାଦାରଙ୍କ ମାନମାନି ପାଇଁ କଷ୍ଟ ଭୋଗୁଛନ୍ତି ଛାତ୍ରଛାତ୍ରୀ । ବର୍ଷ ବର୍ଷ ଧରି ଅଧପନ୍ତରିଆ ଭାବରେ ପଡ଼ିରହିଛି ବିଦ୍ୟାଳୟର କୋଠା ନିର୍ମାଣ କାର୍ଯ୍ୟ, କୋଠଘରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ଗୋଟିଏ ଗୃହରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ ଏକା ସାଙ୍ଗେ ବସି ପାଠ ପଢୁଛନ୍ତି । ଏଭଳି ସ୍ଥିତି ରହିଛି ଗୋସାଣି ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ । ଆଖପାଖ ଅଞ୍ଚଳର ତିନୋଟି ବିଦ୍ୟାଳୟକୁ ମିଶ୍ରଣ କରି ବିଭାଗ ଗୋଟିଏ ବିଦ୍ୟାଳୟ କରିଥିଲା ।

ବହୁ ପୁରୁଣା କୋଠା ହୋଇଥିବାରୁ ପୁନଃ ନିର୍ମାଣ ସକାଶେ ସେହି କୋଠାକୁ ଦୁଇବର୍ଷ ତଳେ ଭାଙ୍ଗି ଦିଆଯାଇଥିଲା କିନ୍ତୁ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ଗୋଟିଏ ବର୍ଷ ପରେ ବି କେବଳ ପିଲର ଉଠାଇ ଛାଡ଼ିଦେଇଛି । ଫଳରେ କୌଣସି ବ୍ୟବସ୍ଥା ନଥାଇ ଅନ୍ୟତ୍ର ଗାଁର ଏକ କୋଠଘରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ହେଲେ ସେଠି ଅବ୍ୟବସ୍ଥା ଭିତରେ ଚାଲିଛି ବିଦ୍ୟାଳୟ ନା ଅଛି ପାନୀୟଜଳ ବ୍ୟବସ୍ଥା ନା ଅଛି, ଖେଳ ପଡ଼ିଆ, ନାଁ ରହିଛି ଶୌଚାଳୟ, ମଧ୍ୟାହ୍ନ ଭୋଜନ ପାଇଁ ମଧ୍ୟ କୌଣସି ରୋଷେଇ ଘରର ବ୍ୟବସ୍ଥା ନାହିଁ, ବିଦ୍ୟୁତ ଆଲୁଅ ମଧ୍ୟ ନାହିଁ । ନାହିଁ ନାହିଁ ରେ ଚାଲିଛି ବିଦ୍ୟାଳୟ । ଅସ୍ଥାୟୀ ଭାବରେ ବିଦ୍ୟାଳୟକୁ ଚଲାଇବା ନିଷ୍ପତ୍ତି ନେଇ କର୍ତ୍ତୃପକ୍ଷ ସେଠାକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ନଥାଇ ବର୍ଷ ବର୍ଷ ହେଲା ଅବ୍ୟବସ୍ଥା ମଧ୍ୟରେ ଚାଲିଛି ବିଦ୍ୟାଳୟ । ଗୋଟିଏ କୋଠରିରେ, ଗୋଦାମ ଭଳି ମଧ୍ୟାହ୍ନ ଭୋଜନ ରୋଷେଇ ସାମଗ୍ରୀ, ବିଦ୍ୟାଳୟର ଆସବାବପତ୍ର, ଆଲମାରି ସହ ପାଠପଢ଼ା ସବୁକିଛି ଗୋଟିଏ କୋଠରିରେ । ବାରମ୍ବାର ଏନେଇ ବ୍ଲକ ଉନ୍ନୟନ ଅଧିକାରୀ ଓ ଶିକ୍ଷା ବିଭାଗକୁ ଗ୍ରାମବାସୀ ଓ ଶିକ୍ଷକଙ୍କ ପକ୍ଷରୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି ଗ୍ରାମବାସୀ । ଫଳରେ ଶିକ୍ଷାଦାନରେ ବାଧା ସୃଷ୍ଟି ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶିକ୍ଷକ ।

ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁଁ ନିର୍ମାଣ କାର୍ଯ୍ୟ ଅଟକି ରହିଥିବା କହିଛନ୍ତି ଗ୍ରାମବାସୀ । ତେବେ ଏଣେ ଗୋଷାଣୀ ବ୍ଲକ ଶିକ୍ଷାଧିକାରୀ ସୀତାରାମ ପାତ୍ର ଏସମ୍ପର୍କରେ ସୂଚନା ପାଇ ବିଦ୍ୟାଳୟ ଗସ୍ତ କରିଥିଲେ । ସମସ୍ୟା ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି । ଯଥା ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଆମେ ପଶୁପକ୍ଷୀଙ୍କ ପ୍ରତି ଦୟାଶୀଳ ହେବା ଉଚିତ୍, ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେମାନେ ଆକ୍ରମଣ କଲେ ମଣିଷଙ୍କୁ ସୁରକ୍ଷା ଦେବାର ଦାୟିତ୍ୱ ମଧ୍ୟ ସରକାର ନେବା ଉଚିତ୍ । ମଣିଷ ଜୀବନ ନିଶ୍ଚିତ ଭାବରେ ପଶୁପକ୍ଷୀଙ୍କ ଜୀବନଠାରୁ ମୂଲ୍ୟବାନ । ବୋଧେ ଏଇ କାରଣରୁ ମଣିଷକୁ ହତ୍ୟା କଲେ ଆଇନ୍‌ରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି । କିନ୍ତୁ ଜୀବଜନ୍ତୁଙ୍କୁ ମାରିଲେ କଠୋର ଦଣ୍ଡର ବ୍ୟବସ୍ଥା ଅଛି ସତ, କିନ୍ତୁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ନାହିଁ । ତେଣୁ ମଣିଷ ଜୀବନ ନିଶ୍ଚିତ ଭାବରେ ପଶୁପକ୍ଷୀଙ୍କଠାରୁ ମୂଲ୍ୟବାନ ବୋଲି ଆମେ ବୁଝିଥାଉ । ପ୍ରତିଦିନ ଲୋକଙ୍କ ଖାଦ୍ୟ ପାଇଁ ହଜାର ହଜାର ଛେଳି, ମେଣ୍ଢା ଏବଂ କୁକୁଡ଼ା କଟାଯାଉଛି । ସେମାନଙ୍କର କ'ଣ ଜୀବନ ନାହିଁ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୫ ଜାନୁଆରୀ, ୨୦୨୬ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍


## ଏକ ଅସମାହିତ ସମସ୍ୟା!

ଆମ ରାଜଧାନୀ ଭୁବନେଶ୍ୱରରେ ବୁଲା କୁକୁର ସମସ୍ୟା ଅଣାୟତ୍ତ ହେବା ପରେ ଏହାର ସମାଧାନ ପାଇଁ କ'ଣ କରାଗଲା? କେବଳ ନିର୍ଭୁଲ ଭାବରେ କୁକୁର ଗଣନାରେ ସୀମିତ ରହିଲା ଏ ସମସ୍ୟାର ସମାଧାନ । ଏବେବି ଗଳିକନ୍ଦିରେ ମାଳମାଳ କୁକୁର । ଛୋଟବଡ଼ ସହରରେ ମଧ୍ୟ ଏଇଭଳି ସମସ୍ୟା ରହିଛି ।

ରାଜଧାନୀରେ ଏଥର ଯେଉଁଭଳି ପଦ୍ଧତିରେ କୁକୁର ଗଣନା କରାଗଲା ତାହା ଅନ୍ୟ କୌଣସି ରାଜ୍ୟରେ ପୂର୍ବରୁ କରାଯାଇନି ବୋଲି ଗର୍ବ କଲେ ସରକାର । ତା'ପରର ପଦକ୍ଷେପ କ'ଣ ହେବ ସେ ସମ୍ପର୍କରେ ବିଶେଷ କିଛି ବିଚାରବିମର୍ଶ କଲେନି ବୋଧେ ! ଲୋକେ କିଭଳି ନିର୍ଭୟରେ ଯାତାୟାତ କରିବେ, ଛୋଟ ଛୋଟ ପିଲାଏ କିଭଳି ନିର୍ଭୟରେ ସ୍କୁଲ୍ ଏବଂ ଟ୍ୟୁସନ ଯାଇପାରିବେ– ଏସବୁ ଦିଗକୁ ସରକାର ଗୁରୁତ୍ୱ ଦେଲା ଭଳି ମନେହେଲାନି । ସମସ୍ୟା ସେମିତି ରହିଛି । ପଶୁପ୍ରେମୀ କେତେକ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ବୁଲା କୁକୁରଙ୍କୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଯୁକ୍ତି ସହିତ ଆଗେଇ ଆସିଲେ । ବୁଲା କୁକୁରଙ୍କୁ ସହର ଭିତରୁ ହଟାଇ କୌଣସି ଆଶ୍ରୟସ୍ଥଳୀରେ ରଖାଯିବା ନିଷ୍ପତ୍ତିକୁ ପଶୁପ୍ରେମୀ ସଂଗଠନମାନେ ବିରୋଧ କଲେ । ଏହା ସରକାରଙ୍କୁ ବୋଧେ ସୁହାଇଲା । ତେଣୁ ସରକାର ମଧ୍ୟ ଚୁପ୍‌ଚାପ୍ ବସିଗଲେ ।

ଆମେ ପଶୁପକ୍ଷୀଙ୍କ ପ୍ରତି ଦୟାଶୀଳ ହେବା ଉଚିତ୍, ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେମାନେ ଆକ୍ରମଣ କଲେ ମଣିଷଙ୍କୁ ସୁରକ୍ଷା ଦେବାର ଦାୟିତ୍ୱ ମଧ୍ୟ ସରକାର ନେବା ଉଚିତ୍ । ମଣିଷ ଜୀବନ ନିଶ୍ଚିତ ଭାବରେ ପଶୁପକ୍ଷୀଙ୍କ ଜୀବନଠାରୁ ମୂଲ୍ୟବାନ । ବୋଧେ ଏଇ କାରଣରୁ ମଣିଷକୁ ହତ୍ୟା କଲେ ଆଇନ୍‌ରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି । କିନ୍ତୁ ଜୀବଜନ୍ତୁଙ୍କୁ ମାରିଲେ କଠୋର ଦଣ୍ଡର ବ୍ୟବସ୍ଥା ଅଛି ସତ, କିନ୍ତୁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ନାହିଁ । ତେଣୁ ମଣିଷ ଜୀବନ ନିଶ୍ଚିତ ଭାବରେ ପଶୁପକ୍ଷୀଙ୍କଠାରୁ ମୂଲ୍ୟବାନ ବୋଲି ଆମେ ବୁଝିଥାଉ । ପ୍ରତିଦିନ ଲୋକଙ୍କ ଖାଦ୍ୟ ପାଇଁ ହଜାର ହଜାର ଛେଳି, ମେଣ୍ଢା ଏବଂ କୁକୁଡ଼ା କଟାଯାଉଛି । ସେମାନଙ୍କର କ'ଣ ଜୀବନ ନାହିଁ ।

ଆମ ରାଜ୍ୟରେ ହାତୀପଲ ପ୍ରତିବର୍ଷ ଏକର ଏକର ଧାନ ଫସଲ ନଷ୍ଟ କରିଥାଏ । ହାତୀ ଆକ୍ରମଣରେ ଲୋକଙ୍କର ମୃତ୍ୟୁ ମଧ୍ୟ ଘଟିଛି । ଚାଷୀର ବର୍ଷକର ଶ୍ରମ କେଇଘଣ୍ଟା ଭିତରେ ଉଜାଡ଼ି ଦିଅନ୍ତି ହାତୀପଲ । ଏଭଳି କ୍ଷେତ୍ରରେ ସରକାର କି ପଦକ୍ଷେପ ନେଉଛନ୍ତି? ଆମେ ହାତୀ ପ୍ରତି ଯେତିକି ସମ୍ବେଦନଶୀଳ ହେଉଛେ ଚାଷୀଙ୍କ ପ୍ରତି ମଧ୍ୟ ସେମିତି ସମ୍ବେଦନଶୀଳ ହେବା ଉଚିତ୍ । ମାମଲା ଭୟରେ ଅନେକ ସମୟରେ ଚାଷୀ ହାତୀଙ୍କ ଉତ୍ପାତକୁ ସହିଯାଏ, ତାକୁ ଆଘାତ ଦେବା ବଦଳରେ ।

ଅନେକେ କହୁଛନ୍ତି ଜଙ୍ଗଲ କ୍ଷୟ ଫଳରେ ହାତୀ ସହରମୁହାଁ ହେଉଛନ୍ତି । ଜଙ୍ଗଲ କାଟି ପଦା କରିଦେଉଛନ୍ତି ଜଙ୍ଗଲ ଲୁଟେରାମାନେ । ପ୍ରଶ୍ନ ଉଠୁଛି ଜଙ୍ଗଲ ଜଗିବା ଦାୟିତ୍ୱ କାହାର? ଏଥିପାଇଁ ଏକ ବିଭାଗ ରହିଛି । ବିଭିନ୍ନ ପଦପଦବୀରେ ଅଧିକାରୀ ରହିଛନ୍ତି ମୋଟା ଅଙ୍କର ଦରମା ନେଇ । ଏମାନଙ୍କ ଭିତରୁ କିଛି କିଛି ଦୁର୍ନୀତି ଜାଲରେ ମଧ୍ୟ ପଡୁଛନ୍ତି । ତେଣୁ ବାଡ଼ ଯଦି କ୍ଷେତ ଖାଇବ କ୍ଷେତକୁ ସୁରକ୍ଷା ଦେବ କିଏ?

କୁକୁର କାମୁଡ଼ିଲେ ଯଦି ଆପଣ କୁକୁର କାମୁଡ଼ା ଇଞ୍ଜେକସନ ନ ନିଅନ୍ତି ତା'ହେଲେ ଏହାର ଚୀରସ୍ଥାୟୀ ବିପଦ ରହିଛି । ତା' ଛଡ଼ା ଗାଁ ଗହଳିର ଛୋଟ ଛୋଟ ହସ୍ପିଟାଲରେ କୁକୁର କାମୁଡ଼ା ଇଞ୍ଜେକସନ ନଥାଏ । ଫଳରେ ଲୋକେ ଗୁଣୁକା ଟୁକୁଟି ଏବଂ ଝଡ଼ାଫୁଙ୍କା ଉପରେ ନିର୍ଭର କରନ୍ତି ।

ନିକଟରେ ବୁଲା କୁକୁର ପ୍ରସଙ୍ଗରେ ଚାଲିଥିବା ଶୁଣାଣିରେ ମାନ୍ୟବର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ସତର୍କ କରାଇଛନ୍ତି । ଯଦି ବୁଲା କୁକୁର କାହାକୁ କାମୁଡ଼ିବ କିମ୍ବା କୁକୁର କାମୁଡ଼ା ଯୋଗୁଁ ଯଦି କାହାର ମୃତ୍ୟୁ ହେବ ତା'ହେଲେ ରାଜ୍ୟ ସରକାରଙ୍କ ଉପରେ ସର୍ବୋଚ୍ଚ ଅଦାଲତ ମୋଟା ଅଙ୍କର ଜରିମାନା କରିବାକୁ ପଛାଇବେ ନାହିଁ । ସ୍ଥାନୀୟ ପ୍ରଶାସନ କୁକୁର ନିୟନ୍ତ୍ରଣ ପାଇଁ ଲାଗୁ ହେଉଥିବା ନିୟମକୁ କାର୍ଯ୍ୟକାରୀ କରିବାରେ ବିଫଳ ହେଉଥିବା କଥା ପୀଡ଼ିତମାନେ କୋର୍ଟକୁ ଜଣାଇଛନ୍ତି । ଏହା ଶୁଣିବା ପରେ କୋର୍ଟ ଚେତାବନୀ ଦେଇଛନ୍ତି– ବୁଲାକୁକୁରମାନଙ୍କୁ ରାସ୍ତାରେ ଖାଇବାକୁ ଦେଉଥିବା ତଥାକଥିତ କୁକୁରପ୍ରେମୀମାନେ ମଧ୍ୟ ଆକ୍ରମଣ ପାଇଁ ଦାୟୀ ହେବେ । କୁକୁର କାମୁଡ଼ାର ଏକ ଜୀବନବ୍ୟାପୀ ପ୍ରଭାବ ରହିଛି ବୋଲି ଖଣ୍ଡପୀଠ କହିଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି– ସଂସଦ ୧୯୫୦ ମସିହାରୁ ଏହାର ବିଚାର କରୁଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଏ ସମସ୍ୟା ହଜାରେ ଗୁଣ ବଢ଼ିଯାଇଛି ।

ଏବେ ଦେଖାଯାଉ ସୁପ୍ରିମ୍‌କୋର୍ଟଙ୍କ ଏ ଆଦେଶ ପରେ ରାଜ୍ୟ ସରକାର ବୁଲା କୁକୁର ସମସ୍ୟାର ସମାଧାନ କିଭଳି କରୁଛନ୍ତି ।

---

# ମିଛ କହୁଥିବା ଲୋକ ଦିନେ ନା ଦିନେ ଖାଲରେ ପଡ଼େ

### ସତ କହିବାକୁ କିଆଁ ଡରିବି

◆ ଅମ୍ବିକା ପ୍ରସାଦ ଦାସ ◆

**ମିଛ କହି ଲୋକଙ୍କୁ ବୋକା ବନାଉଥିବା ନେତା ଦିନେ ନା ଦିନେ ଖାଲରେ ପଡୁଥିବା ଭଳି ବ୍ୟବସ୍ଥାକୁ ବିଗାଡୁଥିବା ଉପର ବର୍ଣ୍ଣିତ ବ୍ୟକ୍ତିବିଶେଷଙ୍କର 'ଅଧର୍ମ ବିତ୍ତ, ବଢ଼େ ବହୁତ ଗଲାବେଳେ ଯାଏ ମୂଳ ସହିତ' ଭଳି ଯେତେବେଳେ ସବୁକିଛି ଚାଲିଯାଏ ତା'ର ତ ପତନ ହୁଏ କିନ୍ତୁ ସେତେବେଳକୁ ବ୍ୟବସ୍ଥା ଅନେକଟା ବିଗିଡ଼ିଯାଇଥାଏ ଓ ଅନେକଙ୍କୁ ନାନାପ୍ରକାର କ୍ଷତି ସହିବାକୁ ପଡ଼ିଥାଏ ।**

ନ କହି ନ କହି ବେଳେବେଳେ ମରମଜଳା ବାକ୍ୟ ବାଣରେ ଘାଇଲା କରନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ । କିଛିଦିନ ତଳେ ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନେତାଙ୍କୁ ତତାଇଲା ଭଳି ମନ୍ତବ୍ୟ ଦେଇଥିଲେ ସେ । ତାଙ୍କ ମତରେ ଯିଏ ଲୋକଙ୍କୁ ମିଛ କହି ସବୁଠୁ ବେଶି ବୋକା ବନାଇ ପାରେ ସେ ବର୍ତ୍ତମାନ ସମୟରେ ସର୍ବୋତ୍ତମ ନେତା ।

ଗଡ଼କରୀଙ୍କ ଏଇ ବୟାନକୁ ନେଇ ଜଣେ ସ୍ୱାଧୀନଚେତା ବ୍ୟକ୍ତି ବିଭିନ୍ନ ଦିଗରୁ ବିଶ୍ଲେଷଣ କରୁଥିଲେ ସେଦିନ । ସେ କହିଲେ– ନେତାଏ ଲୋକଙ୍କୁ ମିଠା ମିଠା କଥା କହି ବୋକା ବନାଉଥିଲେ ବି ଲୋକେ କ'ଣ ଏମିତି ବୋକା ବନିଚାଲିଥିବେ?

ମୁଁ କହିଲି– ନେତା କ'ଣ ଖାଲି ଜନତାଙ୍କୁ ବୋକା ବନାଉଛନ୍ତି, ବ୍ୟବସ୍ଥାକୁ ବି ବୋକା ବନାଇବାରେ ସିଦ୍ଧହସ୍ତ ସେମାନେ ।

ପ୍ରସଙ୍ଗକ୍ରମେ ଚର୍ଚ୍ଚା ହେଲା ସମବାୟ ଜରିଆରେ ସମୃଦ୍ଧିକୁ ନେଇ ।

ସେ କହିଲେ– ସମବାୟ ଜରିଆରେ ଲୋକଙ୍କ ସମୃଦ୍ଧି ସମ୍ଭବ, ଏଇ ନାରା ଦେଇ କେନ୍ଦ୍ର ସରକାର ବହୁମୁଖୀ ସମବାୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି । ନୂଆ ନୀତି ଓ କାର୍ଯ୍ୟକ୍ରମରୁ ଭରପୂର ଫାଇଦା ଉଠାଉଛନ୍ତି ବିଭିନ୍ନ ରାଜ୍ୟର ସମବାୟ ସଂସ୍ଥା । ସମବାୟ ବ୍ୟବସ୍ଥା ଜରିଆରେ ସମାଜର ବୃହତ୍ ଗୋଷ୍ଠୀଙ୍କୁ ଲାଭ ପହଞ୍ଚାଇବାରେ ସଫଳତା ମିଳୁଛି ସେସବୁ ରାଜ୍ୟରେ । ସେଇ ତୁଳନାରେ ଆମ ରାଜ୍ୟରେ କାହିଁକି ବ୍ୟବସ୍ଥା ଆଗେଇ ପାରୁନି? ତା'ର ଉତ୍ତର ଖୋଜିଥିଲେ ସେ ମୋ'ଠାରୁ ।

ସେଦିନ ଉଦାହରଣ ଛଳରେ ଏକ ନିର୍ଦ୍ଦିଷ୍ଟ ଘଟଣା ସମ୍ପର୍କରେ ସୂଚାଇଥିଲି ମୁଁ ।

ତିନିବର୍ଷ ତଳେ ଏକ ନାମୀ ଶୀର୍ଷ ସମବାୟ ସଂସ୍ଥା ପରିଚାଳନା ପରିଷଦ ନିର୍ବାଚନ ଲାଗି କସରତ ଆରମ୍ଭ ହେଲା । ଅନେକେ ଆଶା କରୁଥିଲେ ଅନୁଭବ–ଅନୁଭୂତିସମ୍ପନ୍ନ ସଚ୍ଚୋଟ ବ୍ୟକ୍ତିତ୍ୱଙ୍କୁ ପ୍ରାଧାନ୍ୟ ଦେବେ କ୍ଷମତାଧର । କିନ୍ତୁ କ୍ଷମତାଧର ବାଛିଲେ ଏମିତି ଜଣେ ବ୍ୟକ୍ତିଙ୍କୁ ଯିଏ କି ନିଆଁ ଗିଳା ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ ସମବାୟପ୍ରେମୀଙ୍କ ମହଲରେ । କେବଳ ତାଙ୍କ ଚାରିପଟେ ଚକ୍କର କାଟିବାରୁ ବ୍ୟବସ୍ଥା ପଛେ ଚୁଲିକୁ ଯାଉ ପଦଲେହନ କରୁଥିବା ଲୋକ ଅଧିଷ୍ଠିତ ହେଉ ଏଇ ବିଚାର କଲେ କ୍ଷମତାଧର । ଚୟନକାରୀ ଯାହାଙ୍କୁ ଚୟନ କଲେ ସେ ଥିଲେ ଜଣେ ଅଭ୍ୟାସଗତ ଖିଲାପୀ । ନିଜେ ଗଢ଼ିଥିବା ଏକ ପ୍ରାଥମିକ ସମବାୟ ସଂସ୍ଥା ଅନ୍ୟ ଏକ ଶୀର୍ଷ ସମବାୟ ସଂସ୍ଥାରୁ କୋଟି କୋଟି ଟଙ୍କାର ଋଣ ନେଇ ଗୋଟିଏ ବି ଟଙ୍କା ପରିଶୋଧ ନକରିବା ଫଳରେ ବଢ଼ି ବଢ଼ି ଦେୟ ପରିମାଣ ଛୁଇଁଲା ୬ କୋଟି । ତଥାପି ସେ ବିନ୍ଦାସ୍, ପଛରେ କ୍ଷମତାଧର ଅଛନ୍ତି ନା!! ଋଣ ଖିଲାପ ଓ ଆଇନ ବ୍ୟବସ୍ଥା ନେଇ ଭଲଭାବେ ଅବଗତ ଥିଲେ ହେଁ 'ଚୋର ହାତରେ ଚାବିକାଠି' ଧରାଇଲା ଭଳି ଏଇ ବିବାଦୀୟ ବ୍ୟକ୍ତିଙ୍କ ହାତରେ କେବଳ ଯେ ନାମୀ ଶୀର୍ଷ ସଂସ୍ଥାକୁ କ୍ଷମତାଧର ସମର୍ପିଲେ ତା' ନୁହେଁ ବରଂ ପୂରା ସମବାୟ ବ୍ୟବସ୍ଥା ଯେପରି ସେଇ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରୁହେ ତା'ର ବ୍ୟବସ୍ଥା ବି କରିଦେଲେ । ବିରାଟ ବାହୁବଳେ କୀଚକ ରାଜା ଭଳି କ୍ଷମତାଧରଙ୍କ ଅଭୟ ପାଇ ସମସ୍ତଙ୍କୁ ନାଲିଆଖି ଦେଖାଇଲେ ସେ । ପରିଣାମ ସ୍ୱରୂପ ବ୍ୟବସ୍ଥା ଆଗକୁ ଯିବ କ'ଣ ପଛେଇବାରେ ଲାଗିଲା । ସଂସ୍ଥାର କୋଉଠି କେତେ ଟଙ୍କା ବିନିଯୋଗ ହେବ ସେଥିରେ ବାବୁ ମୁଣ୍ଡ ପୂରାଇଲେ, ସବୁଥିରୁ କମିସନି ଚାହିଁଲେ । କ୍ଷମତାଧରଙ୍କ ଅଭୟ ହସ୍ତ ମଥାରେ ଥିବାରୁ ନୀତିନିୟମ କିଛି ମାନିଲେନି । ଖାଲି ଟଙ୍କା ଟଙ୍କା ଆଉ ଟଙ୍କା । ଭାବିନେଲେ– କ୍ଷମତାଧର ହଲିବେନି କି ବାବୁଙ୍କର ବି କିଛି ହେବନି ଆଗକୁ । ସେପଟେ ବାବୁଙ୍କର ସବୁଥିରୁ ଲୁଟିବାର ଲାଳସା ଦେଖି ସଂସ୍ଥାର କର୍ମଚାରୀ ତ୍ରାହିତ୍ରାହି ଡାକିଲେ ।

କଥାରେ ଅଛି ଲୋଭରୁ ପାପ, ପାପରୁ ମୃତ୍ୟୁ । କ୍ଷମତାଧରଙ୍କ ସମର୍ଥନ କାରଣରୁ ପରିଚାଳନା ପରିଷଦରେ ଥିବା ବରିଷ୍ଠ, ଅନୁଭବୀ ସଦସ୍ୟଙ୍କୁ ସେ ଉପେକ୍ଷା କରିଚାଲିଲେ । କୁହନ୍ତି– ଅଧିକ ଅନୁଭୂତି ସମ୍ପନ୍ନ ସ୍ୱଚ୍ଛ ବ୍ୟକ୍ତିତ୍ୱଙ୍କୁ କମ୍ ବୁଦ୍ଧିସମ୍ପନ୍ନ ଅସାଧୁ ଲୋକ କେବେବି ବରଦାସ୍ତ କରିପାରେନି । ସଂସ୍ଥାର ଏହିପରି ଜଣେ ବ୍ୟକ୍ତି ଥିଲେ ବାବୁଙ୍କ ଟାର୍ଗେଟ୍‌ରେ । ଜାତୀୟ ସ୍ତରରେ ଏକ ସଂଗଠନର ନିର୍ବାଚନରେ ଅଂଶଗ୍ରହଣ କରି ସେଇ ବ୍ୟକ୍ତିଜଣଙ୍କ ସଫଳତା ହାସଲ କରିବାରୁ ସହିପାରିଲେନି ସେ । ଏଥିସହିତ ଜାତୀୟ ସଂଗଠନରେ ପ୍ରତିନିଧିତ୍ୱ କରିଥିବା ସଂପୃକ୍ତ ବ୍ୟକ୍ତିଙ୍କ ଆନ୍ତର୍ଜାତିକ ମଞ୍ଚରେ ତଥ୍ୟଭିତ୍ତିକ ଉପସ୍ଥାପନା ବିଭିନ୍ନ ମହଲରେ ପ୍ରଶଂସିତ ହେଲା ବେଳେ ଅସହିଷ୍ଣୁ ହୋଇପଡ଼ିଲେ କ୍ଷମତାଧରଙ୍କୁ କବ୍‌ଜାରେ ରଖିଥିବା ବ୍ୟକ୍ତି । ସଂସ୍ଥା ଟଙ୍କାରେ ଦାମୀ ମଦ, ଦାମୀ ଶାଢ଼ି ନେଇ ଜାତୀୟ ସଂଗଠନର କର୍ମକର୍ତ୍ତାଙ୍କୁ ପ୍ରଭାବିତ କରିବାର ଭରପୂର ଅପଚେଷ୍ଟା କଲେ ସେ । ଏକମାତ୍ର ଉଦ୍ଦେଶ୍ୟ– ଯେମିତି ହେଲେ ଅନୁଭବୀ ଲୋକକୁ ସେଠୁ ବାଦ୍ ଦେବା । କେହି କେହି ଆପ୍ୟାୟିତ ହେଲେ ସତ, ମାତ୍ର କାଟିବା ଭଳି ବେଆଇନ୍ କାମ କରିବାକୁ ସାହସ କଲେନି । ସେଠୁ ଫେଲ୍ ମାରିଲା ପରେ ବାବୁ ଏଠି ସହଯୋଗୀ ସଦସ୍ୟଙ୍କୁ ଶିଖାଇଲେ 'ଚାଲ ଆମେ ଏଠୁ ନିଷ୍ପତ୍ତି ନେଇ ତାଙ୍କୁ ସେଠୁ କାଟିଦେବା ।' ଅସହିଷ୍ଣୁ ଲୋକର ଏଇ କଟାକଟି ଅଭିଯାନ ଚାଲିଥିବା ବେଳେ ସାମ୍ନାକୁ ଆସିଲା ତା'ର ଅସାଧୁ କାର୍ଯ୍ୟକଳାପର ଲମ୍ବା ଫର୍ଦ୍ଦ । ବେଆଇନ ଭାବେ ସଂସ୍ଥାରେ ଆସ୍ଥାନ ଜମାଇଥିବାର କଳାଚିଠା ଖୋଲିଲା । ଏଥିସହିତ ବେନିୟମ ଭାବେ ସଂସ୍ଥାରୁ ହଡ଼ପ କରିଥିବା ଲକ୍ଷ ଲକ୍ଷ ଟଙ୍କା ତୁରନ୍ତ ଫେରାଇବାକୁ ନୋଟିସ୍ ଜାରି ହେଲା । ଆହୁରି ବହୁ ଅନୈତିକ କାର୍ଯ୍ୟକଳାପରେ ସେ ସଂପୃକ୍ତ, ଯାହାର ତଦନ୍ତ ହେଲେ ଆଗକୁ ଅନେକ ଗୁମର ଯେ ନ ଫିଟିବ କିଏ କହିବ?

କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ବକ୍ତବ୍ୟ ଅନୁରୂପ ବ୍ୟବସ୍ଥାକୁ କବ୍‌ଜା କରିଥିବା ଏଇଧରଣର ଅସାଧୁ ବ୍ୟକ୍ତି ଡାହା ମିଛ କହି ଟଙ୍କା, ମଦ ଓ ଅନ୍ୟ ଉପାୟରେ କ୍ଷମତାଧରଙ୍କ ସମେତ କ୍ଷମତା ଅଳିନ୍ଦରେ ଆତଯାତ ହେଉଥିବା ଅନେକଙ୍କୁ କେବଳ ଯେ କରାୟତ୍ତ କରନ୍ତି ତା' ନୁହେଁ ନିଜ ସହଯୋଗୀଙ୍କୁ ବି ମିଛ ଜାଲରେ ଫସାଇ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରିପକାନ୍ତି ।

ମିଛ କହି ଲୋକଙ୍କୁ ବୋକା ବନାଉଥିବା ନେତା ଦିନେ ନା ଦିନେ ଖାଲରେ ପଡୁଥିବା ଭଳି ବ୍ୟବସ୍ଥାକୁ ବିଗାଡୁଥିବା ଉପର ବର୍ଣ୍ଣିତ ବ୍ୟକ୍ତିବିଶେଷଙ୍କର 'ଅଧର୍ମ ବିତ୍ତ, ବଢ଼େ ବହୁତ ଗଲାବେଳେ ଯାଏ ମୂଳ ସହିତ' ଭଳି ଯେତେବେଳେ ସବୁକିଛି ଚାଲିଯାଏ ତା'ର ତ ପତନ ହୁଏ କିନ୍ତୁ ସେତେବେଳକୁ ବ୍ୟବସ୍ଥା ଅନେକଟା ବିଗିଡ଼ିଯାଇଥାଏ ଓ ଅନେକଙ୍କୁ ନାନାପ୍ରକାର କ୍ଷତି ସହିବାକୁ ପଡ଼ିଥାଏ ।

ଏଇ ନିର୍ଦ୍ଦିଷ୍ଟ ଘଟଣାଟି ଶୁଣିବା ପରେ ସେଇ ସ୍ୱାଧୀନଚେତା ବ୍ୟକ୍ତିଜଣକ କହିଥିଲେ– ବ୍ୟବସ୍ଥାକୁ ବିଗାଡୁଥିବା ବ୍ୟକ୍ତି ନିର୍ଲଜ ଭାବେ ଧକ୍କା ଖାଇବା ପର୍ଯ୍ୟନ୍ତ କେମିତି ଅପେକ୍ଷା କରନ୍ତି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ନେତାଏ ମିଛ କହି କେବଳ ଲୋକଙ୍କୁ ବୋକା ବନାନ୍ତି ନାହିଁ ବରଂ ନେତାଙ୍କ ପ୍ରୋତ୍ସାହନରେ ଅସାଧୁ ଲୋକେ ମିଛ ଅଭିନୟ କରି ବ୍ୟବସ୍ଥାକୁ ଯେ ବୋକା ବନାଇ ପାରନ୍ତି ଏଇ ଉଦାହରଣ ସେ ଦୃଷ୍ଟିରୁ ଯଥେଷ୍ଟ ।

---

# ଆମେରିକାର ହମ୍ ବଡା ନୀତି



ନିର୍ମଳ ଚନ୍ଦ୍ର ସାମଲ

ଭେନେଜୁଏଲା ପରି ଗଣତାନ୍ତ୍ରିକ ରାଷ୍ଟ୍ର ଉପରେ ଆମେରିକାର ଅଚାନକ ଓ ଅହେତୁକ ଆକ୍ରମଣ ସହିତ ରାଷ୍ଟ୍ରର ଶାସନ ମୁଖ୍ୟ ନିକୋଲାସ୍ ମାଡୁରୋ ଦମ୍ପତିଙ୍କୁ ରାତି ଅଧିଆ ଅପହରଣ ଓ ବନ୍ଦୀକରିବା ପରି ଅମାନୁଷିକ କାର୍ଯ୍ୟ ସମଗ୍ର ବିଶ୍ୱକୁ ବିସ୍ମିତ କରିବା ସଙ୍ଗେ ସଙ୍ଗେ ବିଶ୍ୱ ଇତିହାସରେ ଏକ ନିନ୍ଦନୀୟ ତଥା ଅକ୍ଷମଣୀୟ ଉଦାହରଣ ସୃଷ୍ଟି କରିଛି । ଅତର୍କିତ ଆକ୍ରମଣ ଫଳରେ ଭେନେଜୁଏଲାର ରାଜଧାନୀ ସମେତ ବହୁ ସହର ଧ୍ୱସ୍ତ ବିଧ୍ୱସ୍ତ ହେବା ସହିତ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଛି । ମୃତାହତଙ୍କ ସଂଖ୍ୟା ବଢ଼ିବା ସହିତ ଜନଗଣ ଆତଙ୍କିତ ହୋଇ ପଡ଼ିଛନ୍ତି । ଭେନଜୁଏଲାର ମାଦକ ଦ୍ରବ୍ୟ କାରବାର ଆମେରିକାକୁ ନିଶାସକ୍ତ କରୁଥିବା ମନଗଢ଼ା ଅଭିଯୋଗ ବାହାନାରେ ତୈଳ ଭଣ୍ଡାରକୁ କରାୟତ୍ତ କରିବା ଆମେରିକାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଶ୍ୱ ହାଟରେ ପଡି ବାଟରେ ଗଡ଼ିଲାଣି ।

ବିଶ୍ୱର ବିଭିନ୍ନ ରାଷ୍ଟ୍ର ଆମେରିକାର ଏ ଦାଦାଗିରି ଓ ମନମୁଖୀ କାର୍ଯ୍ୟକୁ ପ୍ରାକାରାନ୍ତରେ ଅପସନ୍ଦ କରିବା ସହିତ କରୁଥିବା ବେଳେ ଚାଇନା ଓ ରୁଷିଆ ପରି ରାଷ୍ଟ୍ରମାନେ ତୀବ୍ର ନିନ୍ଦା କରିଛନ୍ତି । ଦୀର୍ଘଦିନ ଧରି ଦୁଇ ରାଷ୍ଟ୍ର ଭିତରେ କୁହୁଳୁଥିବା ଅସନ୍ତୋଷର ନିଆଁ ଏବେ ଉଗ୍ରରୂପ ଧାରଣ କରିଛ । 'ଜୋର୍ ଯାର ମୂଲକ ତାର' ନୀତିରେ ଆମେରିକାର ଅପରିଣାମଦର୍ଶୀ କାର୍ଯ୍ୟକୁ ସମଗ୍ର ବିଶ୍ୱ ବିରୋଧ କରିବାର ପ୍ରକୃଷ୍ଟ ସମୟ ଉପନୀତ । ଏପରି ଏକ ଅଭାବନୀୟ ପରିସ୍ଥିତିର ସମାଧାନ ପାଇଁ ମିଳିତ ଜାତିସଂଘ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ସମଗ୍ର ବିଶ୍ୱରେ ଅନୁଭୂତ ହେଉଛି ।

ଅନ୍ୟପକ୍ଷରେ ଭେନେଜୁଏଲା ଉପରେ ମାଦକଦ୍ରବ୍ୟ ଚାଲାଣ କରି ଆମେରିକାକୁ ନିଶାସକ୍ତ କରିବା ଡୋନାଲ୍ଡ ଟ୍ରମ୍ପଙ୍କ ଅଭିଯୋଗ ଥିଲେ ମଧ୍ୟ ସେଥିପ୍ରତି ନିକୋଲାମ ମାଡୁରୋ ଗୁରୁତ୍ୱ ନଦେଇ ନିଶା କାରବାରକୁ ଅଧିକ ପ୍ରୋତ୍ସାହନ ଦେଇ ଆସୁଛନ୍ତି । ଫଳରେ ଆମେରିକାର ଯୁବ ସମାଜ ନିଶାସକ୍ତ ହୋଇ ପଡୁଛନ୍ତି । ତା'ର ଚରମ ପରିଣତି ଏବେ ଉଗ୍ର ରୂପ ଧାରଣ କରିଛି । ଯେପର୍ଯ୍ୟନ୍ତ ମାଦକ ଦ୍ରବ୍ୟ ଚୋରା ଚାଲାଣ ବନ୍ଦ ନହୋଇଛି ସେପର୍ଯ୍ୟନ୍ତ ସେଠାକାର ଶାସନ ମୁଖ୍ୟ ମାଡୁରୋଙ୍କୁ ଛଡ଼ା ଯିବନାହିଁ ବୋଲି ଡୋନାଲ ଟ୍ରମ୍ପ ପ୍ରକାଶ କରିଛନ୍ତି । ସେ ଦେଶର ତୈଳଭଣ୍ଡାରକୁ ଟ୍ରମ୍ପ ନିୟନ୍ତ୍ରଣରେ ରଖି ଭେନଜୁଏଲା ଅର୍ଥନୀତିକୁ ଦୁର୍ବଳ କରିଦେବ । ସମଗ୍ର ବିଶ୍ୱରେ ଭେନେଜୁଏଲାର ବିପୁଳ ତୈଳସମ୍ପଦ ରହିଛି । ତାକୁ ନିୟନ୍ତ୍ରଣ ଓ କରାୟତ୍ତ କରି ଟ୍ରମ୍ପ ନିକୋଲାମ ମାଡୁରୋଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି ।

ଦୀର୍ଘଦିନର କଳ୍ପନାଜଳ୍ପନା ପରେ ଆମେରିକାର ପ୍ରତିଶୋଧ ପରାୟଣତା ଉଗ୍ରରୂପ ଧାରଣକରିଛି । ଏହି ସଂକଟ କେବେ ଟଳିବ କହି ହେଉନାହିଁ । ଅନେକ ରାଷ୍ଟ୍ର ଆମେରିକାକୁ ଭୟକରି ପ୍ରତିବାଦ କରିବାକୁ ସାହସ ଜୁଟାଉ ନାହାନ୍ତି । ଟ୍ରମ୍ପ ନିଜର ବଡଭାଇ ପଣିଆ ସମସ୍ତଙ୍କ ଉପରେ ଲଦିଦେବାକୁ ପ୍ରୟାସ ଚଳାଉଛନ୍ତି । ଭାରତ ଋଷିଆ ଠାରୁ ତୈଳକିଣିବା ଆରମ୍ଭ କରିବା ପରେ ଟ୍ରମ୍ପଙ୍କ କୋପଦୃଷ୍ଟି ଭାରତ ଉପରେ ପଡ଼ିଛି । ଅମେରିକା ଠାରୁ ଭାରତ ତୈଳ କ୍ରୟ କରୁଥିଲେ ମଧ୍ୟ ଟ୍ରମ୍ପ ରୁଷଠାରୁ ତୈଳ କାରବାର ନକରିବାକୁ ଚାପ ପ୍ରୟୋଗ କରୁଛନ୍ତି । ବାଣିଜ୍ୟିକ କାରବାରରେ ରୋକ୍ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ବିଭିନ୍ନ ଦିଗରୁ ପ୍ରୟାସ ଚଳାଇଛନ୍ତି । ଅର୍ଥ, ବାହୁବଳ ଓ ଆଧୁନିକ ଅସ୍ତ୍ରଶସ୍ତ୍ରରେ ଭରପୁର ଆମେରିକା ଦୁର୍ବଳ ରାଷ୍ଟ୍ର ମାନଙ୍କ ଉପରେ ଦାଉ ସାଧିବାକୁ ଚକ୍ରାନ୍ତ ଆରମ୍ଭ କରିଛି । ଭେନେଜୁଏଲାର ଶାସନ ମୁଖ୍ୟ ନିକୋଲାସ୍ ଓ ତାଙ୍କ ପତ୍ନୀଙ୍କୁ ହାତକଡା ପକାଇ ବିଚାରାଳୟକୁ ଟାଣିବା ଏକ ନୀନ୍ଦନୀୟ କାର୍ଯ୍ୟ ହୋଇଥିଲେ ମଧ୍ୟ ବିଶ୍ୱ ରାଷ୍ଟ୍ରସମୂହ ନୀରବଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ । ନିକୋଲାସ୍ ତାଙ୍କ ପତ୍ନୀଙ୍କୁ ଜଘନ୍ୟ ଅପରାଧ ବୋଲି ବିବେଚନା କରି ବିଚାରାଳୟ ନେବାକୁ ରୁଷ, ଚୀନ ଓ କୋରିଆ ଭଳି ରାଷ୍ଟ୍ର ସହଜରେ ଗ୍ରହଣ କରି ପାରୁନାହାନ୍ତି । ଏନେଇ ଉଭୟ ଦେଶ ମଧ୍ୟରେ ଚାପା ଅସନ୍ତୋଷ ତୀବ୍ରରୂପ ନେବ ଏଥିରେ ସନ୍ଦେହ ନାହିଁ । ଏବେ ଆମେରିକାକୁ ଭାରତୀୟ ସମାଗ୍ରୀ ରପ୍ତାନୀ ହ୍ରାସ ପାଇବାରେ ଲାଗିଛି । ଆଗାମୀ ଦିନରେ ଭାରତ ଉପରେ ଟ୍ରମ୍ପ ସରକାର ଶୁଳ୍କବୃଦ୍ଧି କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଅହଂକାର, ଜୁଲମ୍ ଓ ପାଗଳାମିର କେବେ ଅବସାନ ହେବ ତାହା ସମୟ କହିବ ।

*ଭୁବନେଶ୍ୱର,*
*ମୋ.୯୪୩୮୭ ୦୫୫୭୦*

---

# ସ୍ଥଳସେନା ଦିବସ ଓ ତାହାର ଇତିହାସ

■ ଡଃ ଅମୂଲ୍ୟ କୁମାର ପଣ୍ଡା ■

ପ୍ରତିବର୍ଷ ଜାନୁୟାରୀ ୧୫ ତାରିଖକୁ ସ୍ଥଳସେନା ରୂପେ ଦିବସ ପାଳନ କରାଯାଇଥାଏ । ଦେଶର ସୀମାରେ ମୁତୟନ ବୀର ଯବାନଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମ, ସେବା, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବାର ଦିନଟିଏ । ଭାରତୀୟ ସେନାର ଏକ ପ୍ରମୁଖ ଅଙ୍ଗ ହେଉଛି ସ୍ଥଳ ସେନା । ବା ପଦାତିକ ବାହିନୀ । ଭାରତୀୟ ସେନା ସର୍ବଦା ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧ । ୧୯୪୯ରେ ଭାରତୀୟ ସ୍ଥଳସେନାକୁ ମିଳିଥିଲା ପ୍ରଥମ ସେନା ଅଧ୍ୟକ୍ଷ । ଫିଲ୍ଡ ମାର୍ଶଲ କରିୟପ୍ପା ହୋଇଥିଲେ ଭାରତୀୟ ସ୍ଥଳସେନାର ପ୍ରଥମ ଅଧ୍ୟକ୍ଷ । ତାଙ୍କରି ସମ୍ମାନରେ ଜାନୁୟାରୀ ୧୫କୁ ଆର୍ମି ଡେ' ବା ସ୍ଥଳସେନା ଦିବସ ଭାବେ ଦେଶ ପାଳନ କରି ଆସୁଛି । ଭାରତୀୟ ସେନା ସୈନିକମାନେ ସିଆଚେନ୍‌ର ପରି ପ୍ରବଳ ଥଣ୍ଡାରେ ଜାତୀୟ ସୀମାରେ ଶାନ୍ତି ରକ୍ଷା କରନ୍ତି । ଯେଉଁଠାରେ ତାପମାତ୍ରା –୬୦ ଡିଗ୍ରୀକୁ ଖସିଯାଏ । ଏହା କେବଳ ଶତ୍ରୁ ନୁହେଁ ବରଫ ଏବଂ ଥଣ୍ଡା ପବନ ମଧ୍ୟ ଏକ ବଡ଼ ବିପଦ । ଏହି ପ୍ରତିଛବି ଭାରତୀୟ ସେନାର ଅଦମ୍ୟ ଶକ୍ତି ଏବଂ ଆତ୍ମାକୁ ଦର୍ଶାଏ । ସମସ୍ତ ଅସୁବିଧା ସତ୍ତ୍ୱେ ଜାତିର ସେବା କରିବା ହିଁ ଭାରତୀୟ ସେନାକୁ ସୂଚିତ କରେ ।

ଭାରତୀୟ ସେନା ମଧ୍ୟ ବିବିଧତା ମଧ୍ୟରେ ଏକତାର ପ୍ରକୃଷ୍ଟ ଉଦାହରଣ ଯେଉଁଠାରେ ରାଜ୍ୟ, ସହର, ଧର୍ମ, ଲିଙ୍ଗ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଦେଶ ସେବା କରିବା ପାଇଁ ଶକ୍ତି, ଉତ୍ସାହ ଏବଂ ସାହସ ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ । ରାଜା ରାଜୁଡା କାଳରେ ମାନେ ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ନିଜସ୍ୱ ସୈନ୍ୟ ଶକ୍ତି ରଖୁଥିଲେ । ହେଲେ ପ୍ରଥମ ଥର ୧୯୭୬ ରେ ଦେଶରେ ବ୍ରିଟିଶ ସରକାର ତଥା ଇଷ୍ଟ ଇଣ୍ଡିଆ କମ୍ପାନୀ କୋଲକାତା ଠାରେ ସେନା ଗଠନ କରିଥିଲା । ପରେ ଏହାକୁ ବ୍ରିଟିଶ ଭାରତୀୟ ସେନା ଭାବେ ମାନ୍ୟତା ମିଳିଥିଲା । ଏହା ପରବର୍ତ୍ତୀ ସମୟରେ ଭାରତୀୟ ସ୍ଥଳସେନା ଭାବେ ମାନ୍ୟତା ପାଇଥିଲା ।

ଆମ ଦେଶକୁ ସୁରକ୍ଷା ଦେବା ପାଇଁ ଆମ ସୈନିକଙ୍କ ପ୍ରତିବଦ୍ଧତା ଶକ୍ତି ଏବଂ ବଳିଦାନର ଏକ ଗର୍ବର ବିଷୟ । ପ୍ରତ୍ୟେକ ସୈନିକ ବୀରତ୍ୱ ଏବଂ ସେବାର ସର୍ବୋଚ୍ଚ ଆଦର୍ଶର ପ୍ରତୀକ, ଯିଏ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଦିଅନ୍ତି । ଭାରତୀୟ ସ୍ଥଳସେନା ହେଉଛି ଭାରତୀୟ ସଶସ୍ତ୍ର ସେନାର ସବୁଠାରୁ ବଡ଼ ଅଂଶ । ଦେଶକୁ ବାହ୍ୟ ଶତ୍ରୁଠାରୁ ସୁରକ୍ଷା ଦେବା ଏବଂ ଦେଶରେ ଏକତା ବଜାୟ ରଖିବା ଭାରତୀୟ ସ୍ଥଳସେନାର ପ୍ରଧାନ ଲକ୍ଷ୍ୟ । ବାହ୍ୟ ଆକ୍ରମଣରୁ ଦେଶକୁ ରକ୍ଷା କରିବା ,ସୀମାନ୍ତରେ ଶାନ୍ତି ରକ୍ଷା କରିବା, ପ୍ରାକୃତିକ ଦୁର୍ବିପାକ ସମୟରେ ସାଧାରଣ ଜନତାଙ୍କର ଉଦ୍ଧାର, ସେବା ଓ ସୁରକ୍ଷା ମଧ୍ୟ ଏହାର କାର୍ଯ୍ୟ ଅଟେ । ଅନ୍ତର୍ଜାତୀୟ ସାମରିକ ଅଧ୍ୟୟନ ସଂସ୍ଥାନ (International Institute for Strategic Studies)(IISS) ଅନୁସାରେ ୨୦୧୦ରେ ସ୍ଥଳସେନାରେ ୧,୧୨୯, ୯୦୦ ଜଣ ସକ୍ରିୟ ସେନା (active personnel) ଓ ୯୬୦,୦୦ ଜଣ ଆରକ୍ଷିତ ସେନା (reserve personnel) ରହିଛନ୍ତି । ଏବେ ଏହା ବଢି ଯଥେଷ୍ଟ ଅଧିକ ହୋଇଯାଇଛି । ଭାରତୀୟ ସ୍ଥଳସେନାକୁ ବିଶ୍ୱର ସର୍ବ ବୃହତ୍ ସ୍ୱୈଚ୍ଛିକ ସେନାର ଗୌରବ ପ୍ରଦାନ କରିଛି ।

ଏବେ ଆସନ୍ତୁ ଜାଣିବା କିଏ ଏହି ଫିଲ୍ଡ ମାର୍ଶଲ କେଏମ କରିୟପ୍ପା । ୧୯୪୭ ରେ ଦେଶ ସ୍ୱାଧୀନତା ହେବା ସତ୍ତ୍ୱେ ୧୯୪୯ ପର୍ଯ୍ୟନ୍ତ ଭାରତ ଉପରେ ବ୍ରିଟିଶ ସେନାର ପ୍ରଭୁତ୍ୱ ଥିଲା । ଅର୍ଥାତ ୧୯୪୯ ପର୍ଯ୍ୟନ୍ତ ଭାରତୀୟ ସେନାର ମୁଖ୍ୟଥିଲେ ବ୍ରିଟିଶ ସେନାଧ୍ୟକ୍ଷ । ସ୍ୱାଧୀନ ଭାରତର ଶେଷ ବ୍ରିଟିଶ ସେନାଧ୍ୟକ୍ଷ ଥିଲେ କମାଣ୍ଡର ଇନ ଚିଫ ଜେନେରାଲ ଫ୍ରାନ୍ସିସ ବୁଚର । ତାଙ୍କ ଠାରୁ ଲେଫ୍ଟନାଣ୍ଟ କେଏମ କରିୟପ୍ପା (KM Cariappa) ନେଇଥିଲେ ଭାରତୀୟ ସେନାର ଦାୟିତ୍ୱ । ପରେ ଭାରତ–ପାକିସ୍ତାନ ଯୁଦ୍ଧ ବେଳେ ସେ ନେଇଥିଲେ ଭାରତୀୟ ସେନାର ନେତୃତ୍ୱ । ତାଙ୍କର ଦକ୍ଷତା ଓ ବୀରତ୍ୱକୁ ସମ୍ମାନ ଜଣାଇ ସରକାର ଲେଫ୍ଟନାଣ୍ଟ କେଏମ କରିୟପ୍ପାଙ୍କୁ ଫିଲ୍ଡ ମାର୍ଶଲ ଭାବେ ପଦୋନ୍ନତି ଦେଇଥିଲେ । ଫିଲ୍ଡ ମାର୍ଶଲ କରିୟପ୍ପା ଭାରତୀୟ ସେନାର ପ୍ରଥମ ଅଧିକାରୀ ଭାବରେ ପାଞ୍ଚ ତାରକା ମାନ୍ୟତା ପାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ୧୯୪୭ ର ପ୍ରଥମ ଇଣ୍ଡୋ–ପାକ ଯୁଦ୍ଧରେ ସେନାର ନେତୃତ୍ୱ ନେଇଥିଲେ । ୧୯୯୯ ମସିହାରେ ଫିଲ୍ଡ ମାର୍ଶଲ କେଏମ କରିୟାପ୍ପା ଭାରତୀୟଙ୍କ ଗୋଷ୍ଠୀରେ ସେନା ପାଇଁ ମନୋନୀତ ହୋଇଥିଲେ । ଫିଲ୍ଡ ମାର୍ଶଲ କେଏମ କରିୟାପ୍ପାଙ୍କୁ 'ଅର୍ଡର ଅଫ ଦି ଲେଜିଅନ ଅଫ ମେରିଟ' ପ୍ରଦାନ କରାଯାଇଥିଲା । ବ୍ରିଟିଶ ରାଷ୍ଟ୍ରପତି ହ୍ୟାରି ଟ୍ରୁମାନଙ୍କ ଦ୍ୱାରା ଭାରତୀୟ ଜେନେରାଲକୁ ଦିଆଯାଇଥିବା ପ୍ରଥମ ପୁରସ୍କାର ଫିଲ୍ଡ ମାର୍ଶଲ କେଏମ କରିୟାପ୍ପା ପାଇଥିଲେ । ୧୯୮୩ ରେ ତାଙ୍କୁ ଫିଲ୍ଡ ମାର୍ଶଲ (ପାଞ୍ଚ ତାରକା) ମାନ୍ୟତା ଦିଆଯାଇଥିଲା । ଭାରତୀୟ ସେନାରୁ ଅବସର ନେବା ପରେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ୧୯୫୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡରେ ଭାରତୀୟ ହାଇ–କମିଶନର ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ସାହସିକତା ଦକ୍ଷତା ସବୁବେଳେ ଭାରତୀୟ ସେନାର ପ୍ରେରଣା ହୋଇ ରହିଛି । ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ସ୍ୱାଧୀନ ଭାରତର ପ୍ରଥମ ସ୍ଥଳସେନା ଅଧ୍ୟକ୍ଷ ଭାବେ ୧୫ ଜାନୁୟାରୀରେ ଦାୟିତ୍ୱ ନେଇଥିଲେ । ଯାହା ଭାରତୀୟ ସେନା ପାଇଁ ଏକ ଐତିହାସିକ ଦିନ । ଯେତେବେଳେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ସେନା ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ ସେତେବେଳେ ଭାରତୀୟ ସେନାର ସୈନ୍ୟ ସଂଖ୍ୟା ୨ ଲକ୍ଷ ଥିଲା । ଯାହା ବର୍ତ୍ତମାନ ୧୪ ଲକ୍ଷ ରୁ ଅଧିକ । କେଏମ କରିୟପ୍ପା ଭାରତୀୟ ସେନାରୁ ବର୍ଷ ୧୯୫୩ରେ ଅବସର ନେଇଥିଲେ । ୯୪ ବର୍ଷ ବୟସରେ ୧୯୯୩ରେ ତାଙ୍କର ନିଧନ ହୋଇଥିଲା । ଭାରତୀୟ ସେନାରୁ ଅବସର ନେବା ପରେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ୧୯୫୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡରେ ହାଇ କମିଶନର ଭାବରେ କାର୍ଯ୍ୟ କରିଥିଲେ ।

ସେ ନିଜର ସାହସିକତା ଏବଂ ଦକ୍ଷତା ପାଇଁ ଜଣାଶୁଣା ଥିଲେ ଆଗରୁ ସୌନ୍ୟମାନଙ୍କୁ ଆଗେଇ ନିଅ । ସେ ଥରେ କହିଥଲେ ଯେ ମୁଁ ଜଣେ ଭାରତୀୟ ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜଣେ ଭାରତୀୟ ହୋଇ ରହିବି । ଜେନେରାଲ କେ ଏମ୍ କରିଆପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ଅଦମ୍ୟ ସାହସ ଓ ଦମଦାର ନେତୃତ୍ୱର ପରିଚୟ ଦେଇଥିଲେ । ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାକୁ ହରାଇଥିଲା ।

ଅରଙ୍ଗାବାଦ ବରୀ ଯାଜପୁର
ମୋ – ୮୨୪୯୫୦୨୭୭୬

---

## ଶ୍ରବଣ ଶକ୍ତି ହ୍ରାସର ପୂର୍ବାଭାସ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଶ୍ରବଣଶକ୍ତି କ୍ଷୀଣ ହେବା ଆରମ୍ଭ ନକଲା ଯାଏ ଅଧିକାଂଶ ଲୋକ ତାହାକୁ ଅଣଦେଖା କରିଥାନ୍ତି । ଶ୍ରବଣଶକ୍ତି ହ୍ରାସର ପ୍ରାଥମିକ ଓ ସାଧାରଣ ଲକ୍ଷଣ ମଧ୍ୟରୁ ଗୋଟିଏ ହେଉଛି ଅନ୍ୟମାନେ କ୍ଷୀଣ ସ୍ୱରରେ କଥା ହେଉଛନ୍ତି ପରି ଲାଗିବା। ଆପଣଙ୍କୁ ନିୟମିତ ଭାବେ କ'ଣ କହିଲେ, ବୁଝିପାରିଲି ନାହିଁ, ଟିକିଏ ଜୋରରେ କୁହନ୍ତୁ କହିବାକୁ ପଡ଼ିବା ଆଉ ଏକ ଲକ୍ଷଣ । ସେହିପରି ଶ୍ରବଣଶକ୍ତି ହ୍ରାସର ଅନ୍ୟତମ ଲକ୍ଷଣ ହେଲା କୋଳାହଳପୂର୍ଣ୍ଣ ସ୍ଥାନରେ ସ୍ପଷ୍ଟ ଭାବରେ ଶୁଣିବାରେ ସମସ୍ୟା ହେବା। ଯଦି ରେସ୍ତୋରାଁ, କାଫେ, ବଜାର କିମ୍ବା ପାରିବାରିକ ସମାବେଶରେ କଥା ବୁଝିବାରେ ସମସ୍ୟା ହେଉଛି ତାହା ଶ୍ରବଣଶକ୍ତି ହ୍ରାସର ସଙ୍କେତ । ଲୋକେ କଥାବାର୍ତ୍ତା କରୁଥିବା ଶୁଣିପାରୁଥିଲେ ହେଁ ସେମାନେ କ'ଣ କହୁଛନ୍ତି ବୁଝିବା କଷ୍ଟ ହୁଏ । ଏହାକୁ ଅଣଦେଖା କରିବା ଦ୍ୱାରା ସାମାଜିକ ଦୂରତା, ହତାଶା ଓ ଗୋଷ୍ଠୀ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ହ୍ରାସ ହୋଇପାରେ । ଅନ୍ୟତମ ଲକ୍ଷଣ ହେଲା ଅନ୍ୟ ମାନଙ୍କ ତୁଳନାରେ ଟିଭି କିମ୍ବା ଫୋନ ଭଲ୍ୟୁମ ଅଧିକ ବଢ଼ାଇବା, ସବୁବେଳେ ସ୍ପିକରଫୋନ ବ୍ୟବହାର କରିବା, ଶାନ୍ତ ଜାଗାରେ ମଧ୍ୟ ଫୋନ ଭଲ୍ୟୁମ ବଢ଼ାଇବା ।

ସେହିପରି କଥାବାର୍ତ୍ତା ପରେ କ୍ଲାନ୍ତ କିମ୍ବା ଚାପଗ୍ରସ୍ତ ଅନୁଭବ କରିବା ହେଉଛି ଅନ୍ୟତମ ଲକ୍ଷଣ। ଶୁଣିବାରେ ଆମ କାନ ଅପେକ୍ଷା ମସ୍ତିଷ୍କର କାମ ଅଧିକ । ଯେତେବେଳେ ଆମ କାନ ସ୍ପଷ୍ଟ ଭାବରେ ଶବ୍ଦ ଗ୍ରହଣ କରେ ନାହିଁ, ସେତେବେଳେ ମସ୍ତିଷ୍କକୁ ଓଠ ପଢ଼ିବା, ଶବ୍ଦ ଅନୁମାନ କରିବା ଏବଂ ସ୍ୱର ଅନୁସରଣ କରିବା ପାଇଁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ସେହିପରି ସାଧାରଣତଃ ଶ୍ରବଣ ଶକ୍ତି ହ୍ରାସ ପାଇବା ଆରମ୍ଭ ହେବା ପରେ ଡୋରବେଲ କିମ୍ବା ଫୋନ, ମାଇକ୍ରୋୱେଭ କି ୱାସିଂମେସିନ ବିପ, ପିଲା କିମ୍ବା ମହିଳାଙ୍କ ସ୍ୱର ପରି କେତେକ ଉଚ୍ଚଫ୍ରିକ୍ୱେନ୍ସି ଶବ୍ଦ ପ୍ରଥମେ ଅସ୍ପଷ୍ଟ ହୋଇଯାଏ । ତେଣୁ ଉପରୋକ୍ତ ଲକ୍ଷଣ ଗୁଡ଼ିକ ମଧ୍ୟରୁ ଗୋଟିଏ କିମ୍ବା ଦୁଇଟି ଦେଖାଗଲେ ଶ୍ରବଣ ପରୀକ୍ଷା କରିବା ଜରୁରୀ ।

*'ଧ୍ୱନୀ' କାଠଗୋଲା ରୋଡ଼, କଟକ*



# ସପ୍ତମ ରତ୍ନ ପଞ୍ଚମ ସ୍ୱର

## ସାହିତ୍ୟ ଆସର

ଓଡ଼ିଶା ଏକ୍ସପ୍ରେସ

## ଛଳନାର ଚିତ୍ର ଚରିତ୍ର

● **ଅନସୂୟା ପଣ୍ଡା**



ଛଳନାର ସୁନା ହରିଣ ପଛରେ
ଆକର୍ଷିତ ସକଳ ସତ୍ତା
ସେଇଠୁ ଆରମ୍ଭ ସକଳ ବ୍ୟଥା
କେବେ ରାମଚନ୍ଦ୍ର ବିବଶ
ପୁଣି କେବେ ବାଳି ନିହତ ଛଳନା ତୀରରେ ।

ପରସ୍ତ ପରସ୍ତ ଛଳନାର ଗାଥା ମହାଭାରତ
ଷଡଯନ୍ତ୍ରର ଜଉଗୃହ
ଶକୁନିର ଗୋଟି ଚାଳନାରେ
ସଂଗୁପ୍ତ ଛଳନାର ସ୍ରୋତ
କୃଷ୍ଣଙ୍କ କୂଟନୀତିରେ ବର୍ବରିକ ଆକ୍ରାନ୍ତ
ଦ୍ରୋଣ ଆହତ ଛଳନାର ଶବ୍ଦ ବାଣରେ
ଛଳନାରେ ତ୍ରସ୍ତ ଶେଷ ଅସ୍ତ୍ର ଦୁର୍ଯ୍ୟୋଧନର ।

ଛଳନାର ଚକ୍ରବ୍ୟୂହରେ ପ୍ରଜାତନ୍ତ୍ର
ଅନେକ ଇତିହାସ ବାଦ୍
ଛଳନାର ଅର୍ଗଳିରେ ସମ୍ପର୍କ ନିହତ
ଛଳନା ବ୍ରହ୍ମରାକ୍ଷସ ତ
କେବେ ଯୋଗିନୀର ବେଶ ।

କସମେଟିକ୍ ତଳେ ଲୁଚିଥାଏ
ଛଳନାର ବିଭତ୍ସ ଚିତ୍ର ଚରିତ୍ର
ଯାହା ଦେହରୁ ଅବକ୍ଷୟମୁଖୀ ମନୁଷ୍ୟ
ଚିକ୍‌ମିକ୍ ଫ୍ୟାନସି ଡ୍ରେସ୍ ତଳେ
ରୁଧିରାକ୍ତ ଜୀବନ
ଶାଗୁଣା ଥଣ୍ଟରେ ଭୋଗୁଥାଏ ନିଇତି ଦଂଶନ ।

ଛଳନା ଏକ ପକ୍ଷୀ
ଯେ ଅହଂକାରର ଡେଣାରେ ଉଡୁଥାଏ ଯୋଜନ ଯୋଜନ
ପବନରେ ଉଡିଆସେ ଛଳନାର ମଞ୍ଜି
ଗଛ ତଳେ ପ୍ରତି ଛକରେ
ରାଜନୀତିରେ ଛତ୍ରଛାୟା ତଳେ ତା ଉପସ୍ଥିତି ।


ସେ ଜାଲେ ଜଳାଏ ଶୋଷିନିଏ
ଜୀବନରୁ ମଧୁର ବିଶ୍ୱାସ
ଝଡେଇ ଦିଏ ମାଂସ
ପିଇଯାଏ ରକ୍ତ, ହାଡ ସବୁ ଗାଏ
ପରାଜୟର ସ୍ତବକ ।

ଢୋକି ଢୋକି ଛଳନା ଗରଳ
ପଞ୍ଚଭୂତ ସବୁ ଏଠି ବିଷାକ୍ତ
ଛଳନାର ରଙ୍ଗରେ ହଜିଯାଏ
ଇନ୍ଦ୍ରଧନୁର ଚିତ୍ରିତ ଆବେଶ ।

ବୁର୍ଲା, ସମ୍ବଲପୁର,
ମୋ. ୯୪୩୯୨୧୧୯୭୧

## ମାନିନୀ ମମତା

● **ପ୍ରଶାନ୍ତ କୁମାର ଦାଶ**



ମନର ଆବେଗ ତୁମ
ପୁଷ୍ପିତ ମମତା
ମନେପଡେ ତୁମର ସେ
ସୁରମ୍ୟ କବିତା

ମୋହାଛନ୍ନ ହୁଏ ଯେବେ
ଦେଖେ ତୁମ ମୁଖର ଛବିଟା
ରକ୍ତାୟିତ ହୁଏ ପାଦ
କଣ୍ଟାଭରା ସଡ଼କ ଛାତିରେ
ମନେପଡ ମାନମୟୀ
ଅନ୍ଧକାର ନୀରବ ରାତିରେ

ମୁଁ ସାଇତେ ସ୍ମୃତିକୁ ତୁମର
ମନର ଗୁପ୍ତ ଗନ୍ତାଘରେ
ତୁମେତ ସଜେଇଦିଅ
ଗଭା ତୁମ
ଗୋଲାପ ଫୁଲରେ


ଜୀବନର ପଥେ ପ୍ରାନ୍ତେ
ଘେନିଛି ଆଶ୍ରୟ
ଭାବୁଚି ଏ ଦୁନିଆଟା
ମିଛ ମାୟାମୟ

ଆକାଶର ଜହ୍ନପରି
ହସୁଥାଅ ପୁନେଇଁ ରାତିରେ
ମୁଁ କିନ୍ତୁ ଝରାଏ ଲୁହ
କୋହଭରା ପାଷାଣ ଛାତିରେ

ଭାବିଲନି କେତେ ଦୁଃଖ
ଲୁହନଇ ପହଁରୁଚି ପ୍ରିୟା
କରିଦେଇ ମତେ ପର
ଗଢିଦେଲ ନୂଆ ଏକ
ପ୍ରୀତିର ଦୁନିଆ

କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ
ମୋ. ୯୬୬୮୮୨୨୧୯୦

## ବେଶ୍ ସ୍ଥିତି ଜମେଇ ନେଇଛି ଶୀତ!



**କଥା ଏତିକି**

● **ସୁନୀଲ ବୋଷ**

ନଡ଼ିଆ ତେଲ ଜମାଟ ବାନ୍ଧିଛି, କଠୋର ହୋଇଛି ପ୍ଲାଷ୍ଟିକ୍ ନଡ଼ିଆ ତେଲର ବୋତଲ। ଶୀତ ବେଶ୍ ତା'ର ସ୍ଥିତି ଜମେଇ ନେଲାଣି । ଶୀତ ପାଇଁ ସକାଳ ଡେରିରେ ହେଉଛି । ବିଛଣା ଛାଡ଼ିବାକୁ ମନ ନାହୁଁନି । ଦେହରେ ପାଣି ଢାଳିବାକୁ ଭୟ ଲାଗୁଛି । ଢାଳିବି ଢାଳିବିନି ହେଇ ବେଶ୍ ସମୟ ଯାଉଛି, ଠିକ୍ ଯେମିତି କଲେଜ ବେଳେ ପ୍ରେମିକାକୁ 'ଆଇ ଲଭ୍ ୟୁ' କହିବାକୁ ସାହସ ସଂଚୟ କରିବାକୁ ପଡୁଥିଲା । କହିବି କହିବି ହୋଇ ଦିନ ବିତିଯାଉଥିଲା ।

ବିଗତ କିଛିବର୍ଷ ହେଲା ଶୀତ ନଥିଲା ଆମ ରାଜ୍ୟରେ । କେତେବେଳେ ଆସୁଥିଲା ଆଉ କେତେବେଳେ ଫେରିଯାଉଥିଲା ତା'ର ଟେର କେହି ପାଉନଥିଲେ । ଫୁଟ୍‌ପାଥ୍‌ରେ ଶୀତବସ୍ତ୍ରର ପସରା ମେଲୁ ମେଲୁ ଶୀତ ଗାଏବ ହୋଇଯାଉଥିଲା ।

ଏବର୍ଷ ଶୀତ ଠିକ୍ ସମୟରେ ଆସିଛି । କାହାକୁ କିନ୍ତୁ ସେ ପାଉନି ଛୁଇଁବାକୁ । କାର୍ତ୍ତିକରେ ହବିଷ୍ୟାଳିଙ୍କୁ ସେ ତା'ର ଦମ୍ଭ ଦେଖାଇପାରିନି ଏବର୍ଷ ମଧ୍ୟ । ହରକତ କରିପାରିନି ସେମାନଙ୍କୁ ଭୋର୍ ଗାଧୁଆ ବେଳେ ।

ଶୀତ ସହ ଏକାଠି ଆସିଛନ୍ତି ଚିଲିକାକୁ ବିଦେଶୀ ପକ୍ଷୀ । ସେମାନେ ଖୋଜୁଛନ୍ତି ପର୍ଯ୍ୟଟକଙ୍କୁ । ବାରମ୍ବାର ଚିଲିକା ପାଣିରେ ବୁଡ଼ ମାରି ଡେଣା ଝାଡ଼ି ପର୍ଯ୍ୟଟକଙ୍କୁ ଦେଖେଇବାକୁ ଚାହୁଁଛନ୍ତି ସତେ ଯେମିତି ସେମାନଙ୍କ ସଚେତକ ଚେହେରାକୁ । ଫୁଲେଇ ଫ୍ଲେମିଁଗୋ ତା' କ୍ୟାଟ୍‌ୱାକ୍ ଆରମ୍ଭ କରିଦେଇଛି ଚିଲିକାର ନଳବଣରେ । ମାଛମାରି ଫେରୁଥିବା ଦେଶୀ ଡଙ୍ଗାର ପାଲ ପଛପଟୁ ସୂର୍ଯ୍ୟ ମୁହଁ ଦେଖାଉଛନ୍ତି କାଳେ କିଏ ଫଟୋ ଉଠେଇବ ଏଇ ଆଶଙ୍କାରେ ।

ଅନେକ ବର୍ଷ ପରେ ଶୀତ ଆସିଛି ପୂର୍ଣ୍ଣ ଯୌବନା ରୂପରେ । ଆଗରୁ ତ ଆସୁଥିଲା ଭଗ୍ନ ଚେହେରାରେ । ଉଦାମତ୍ତା ନଥିଲା ନଥିଲା ତା' ଦେହରେ କି ନଥିଲା ଶିହରଣ । ଏ ବର୍ଷ ଖୁବ୍ ଛନ୍‌ଛନ୍ ସିଏ ।

ଶ୍ରୀମତୀ କିନ୍ତୁ ନିନ୍ଦିଲେଣି ଶୀତକୁ । ତାଙ୍କ ବୟସୀ ତ୍ୱଚାକୁ ଶୀତ ଛୁଇଁଲାଣି । ଗୋଇଠି ଫାଟିଲାଣି । ରାତିରେ ସେଇ ଗୋଇଠିର ଛୁଆଁ ଦେହରେ ବାଜିବାରୁ ଅନେକ ଶ୍ରୀପତି ମଧ୍ୟ ଶ୍ରୀମତୀଙ୍କ ସହ ଶୀତର ନିନ୍ଦା କଲେଣି । ଦୋଷ କ'ଣ ଶୀତର? ଦୋଷ ତ ବୟସର । ବୟସ ଶୀତ ସହ ଯୁଝିପାରୁନି । ଆଦ୍ୟ ଦାମ୍ପତ୍ୟରେ କ'ଣ ଶୀତର ଛୁଆଁରେ ଶ୍ରୀମତୀ ଚକ୍‌ଚକ୍ କରୁନଥିଲେ? ଗୋଇଠି କ'ଣ ଏମିତି ରୁକ୍ଷ ଥିଲା?

ତଥାପି ଶୀତ ଥାଉ । ଏଥର ତ ଗ୍ରୀଷ୍ମରେ କୃଷ୍ଣଚୂଡ଼ାର ଲାଲିମାକୁ ମନଭରି ପିଇ ହେଇନି ଆଖିରେ । ବର୍ଷାରେ କ'ଣ ଭିଜି ହେଇଛି? ଶୀତ ବି କ'ଣ ଚାଲିଯିବ ଏମିତି ଏମିତି? ନା, ସିଏ ଟିକେ ଛୁଇଁବ ମଣିଷଙ୍କୁ, ମଣିଷ ବି ଟିକେ ପାଉ ତା' ଶୀତଳ ଛୁଆଁ ।

## ଓଡ଼ିଆ ଗଳ୍ପର ପିତାମହ ଫକୀରମୋହନ

● **ଗୋପାଳ ଚରଣ ନାୟକ**



ଓଡ଼ିଶା ଭାଷା ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ବ୍ୟାସକବି ଫକୀରମୋହନ ୧୮୪୩ ଜାନୁୟାରୀ ମକର ସଂକ୍ରାନ୍ତିରେ ବାଲେଶ୍ୱର ସହରରେ ଜନ୍ମ ହୋଇଥିଲେ । ତାଙ୍କ ପିତା ଥିଲେ ଲକ୍ଷ୍ମୀଚରଣ ଓ ମାତା ଥିଲେ ତୁଳସୀ ଦେଈ । ତାଙ୍କ ପୂର୍ବବଂଶଧର ମହ୍ମମଲ ସେନାପତି ପାଇକ ପଦରେ ନିଯୁକ୍ତ ହୋଇ ମରହଟ୍ଟା ରାଜତ୍ୱ କାଳରେ କେନ୍ଦ୍ରାପଡ଼ାରୁ ବାଲେଶ୍ୱର ଆସିଥିଲେ । ମାତ୍ର ପାଞ୍ଚମାସର ଶିଶୁ ଥିଲାବେଳେ ଫକୀର ମୋହନ ପିତୃହରା ହୋଇଥିଲେ ଓ ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ଜନନୀ ତୁଳସୀ ଦେଈ ସ୍ୱର୍ଗାରୋହଣ କରିଥିଲେ । ଜେଜେମା' ଏହି ପିତୃମାତୃହୀନ ସନ୍ତାନଟିକୁ ଯିଏକି ବାଲ୍ୟକାଳରୁ ହିଁ ଭୟଙ୍କର ରୋଗାକ୍ରାନ୍ତ ରହିଥିଲେ ପୀରଙ୍କ ପାଖରେ ତାଙ୍କୁ ଫକିର କରିଦେଇଥିଲେ । ଯଥେଷ୍ଟ ବିଳମ୍ବରେ ୯ ବର୍ଷ ବୟସରେ ଚାଟଶାଳୀରେ ଅବଧାନ ବୈଷ୍ଣବ ମହାନ୍ତିଙ୍କ ପାଖରେ ତାଙ୍କର ଖଡ଼ିପାଠ ହୋଇଥିଲା । ପରବର୍ତ୍ତୀ ସମୟରେ ପାର୍ସୀ ଅବୈତନିକ ସ୍କୁଲରେ ସେ ଶିକ୍ଷାଲାଭ କରି ପ୍ରଥମ ସ୍ଥାନରେ କୃତିତ୍ୱ ଅର୍ଜନ କରିଥିଲେ । ମାତ୍ର ବିଦ୍ୟାଳୟର ବେତନ ଦେଇପାରି ନଥିବାରୁ ତାଙ୍କ ପାଠରେ ଡୋର ବନ୍ଧା ହୋଇଥିଲା । ତେବେ ଭାଗ୍ୟଦେବୀ ତାଙ୍କ ସହ ସାଥ୍ ଦେବାରୁ ନିକଟସ୍ଥ ବାରବାଟୀ ବିଦ୍ୟାଳୟରେ ତୃତୀୟ ଶିକ୍ଷକ ଭାବେ ଅଢ଼େଇ ଟଙ୍କା ଦରମାରେ ସେ ଶିକ୍ଷକ ଭାବେ ଚାକିରି ପାଇଥିଲେ ।

୧୮୬୬ରେ ଓଡ଼ିଶାରେ ଭୟାବହ ଦୁର୍ଭିକ୍ଷ ପଡ଼ିଥିବାବେଳେ ଖ୍ରୀଷ୍ଟୀୟ ମିଶନାରୀମାନେ ବିଭିନ୍ନ ଅନ୍ନଛତ୍ର ଖୋଲି ଧର୍ମାନ୍ତରୀକରଣ କରିବାରେ ଲିପ୍ତ ରହିଥିବାରୁ ଫକୀରମୋହନ ବିଶେଷ ଭାବେ ଦୁଃଖିତ ହୋଇଥିଲେ । ତେବେ ସବୁଠାରୁ ଦୁଃଖଦ ଘଟଣା ଥିଲା ପିତୃମାତୃହୀନ ଏହି ଫକୀର ମୋହନଙ୍କର ପ୍ରତିପାଳିତା ଜେଜେମା'ଙ୍କର ୧୮୬୭ ମସିହାରେ ପରଲୋକ ଘଟିଥିଲା । ତେବେ ପରବର୍ତ୍ତୀ ସମୟରେ ଫକିରମୋହନ ରବିନ୍‌ସନ୍ କ୍ରୁଶୋ, ବାଇବେଲ୍, ଆରବିୟାନ୍ ନାଇଟ୍ ଓ ବେଙ୍ଗଲ ପ୍ଲିଜା ଲାଇଫ୍ ପ୍ରମୁଖ ଅଧ୍ୟୟନ କରି ନିଜ ଜୀବନର ଦିଗନ୍ତକୁ ପରିବ୍ୟାପ୍ତ କରିଥିଲେ । ଖ୍ରୀଷ୍ଟଧର୍ମ ପ୍ରତି ଫକୀର ମୋହନ ଅନୁରକ୍ତ ହୋଇ ରାଧାନାଥଙ୍କୁ ମଧ୍ୟ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ପ୍ରବର୍ତ୍ତାଇଥିଲେ ଏବଂ ପରେ ସେଥିରୁ ସେ ନିବୃତ୍ତ ହୋଇଥିଲେ । ୧୩ ବର୍ଷ ବୟସରେ ମାଣିକଖମ୍ଭ ନିବାସୀ ନାରାୟଣ ପରିଡ଼ାଙ୍କ କନ୍ୟା ଲୀଳାବତୀଙ୍କୁ ସେ ବିବାହ କରିଥିଲେ । ତେବେ ପ୍ରଥମ ସ୍ତ୍ରୀଙ୍କ ପରଲୋକ ଘଟିବାରୁ ୧୮୭୧ରେ କୃଷ୍ଣକୁମାରୀଙ୍କୁ ବିବାହ କରିଥିଲେ । ତେବେ ଏହି ସତ୍ୟନିଷ୍ଠା ଓ ପତିପରାୟଣା କୃଷ୍ଣକୁମାରୀ ୧୮୯୪ରେ ଇହଲୀଳା ସାଙ୍ଗ କରିଥିଲେ । ଏହିପରି ଦୁଃଖଦ ପରିସ୍ଥିତି ଭିତରେ ବି ସେ ନିଜ ସାରସ୍ୱତ ସାଧନାରେ ନିଜକୁ ନିୟୋଜିତ ରଖିଥିଲେ । ୧୮୭୧ ମସିହାରେ କଲେକ୍ଟର ବୀମ୍‌ସ୍ ସାହେବଙ୍କ ପ୍ରସ୍ତାବରେ ନୀଳଗିରିର ଦେବାନ୍ ପଦବୀରେ ନିଯୁକ୍ତ ହୋଇ ୧୮୭୭ରେ ଡୋମପଡ଼ାର ଦେବାନ୍ ଭାବେ ନିଯୁକ୍ତ ହୋଇଥିଲେ ।

ଫକୀରମୋହନଙ୍କ ସାରସ୍ୱତ ସାଧନା ଭିତରେ ବାଲେଶ୍ୱରରେ ଅବସ୍ଥାନ କାଳରେ ସେ ଲେଖିଥିଲେ ବହୁଚର୍ଚ୍ଚିତ ଗଳ୍ପ 'ଲଛମନିଆ' । କର୍ମକ୍ଷେତ୍ର ଢେଙ୍କାନାଳରେ ଅବସ୍ଥାନ କରିବା ଭିତରେ ସେ ରାମାୟଣ ଓ ମହାଭାରତ ଅନୁବାଦ କରିବା ସହିତ ଡୋମପଡ଼ାରେ ସେ 'ପୁଷ୍ପମାଳା' ଓ 'ଉପହାର' ଲେଖିଥିଲେ । ତାଙ୍କର କାଳଜୟୀ ସୃଷ୍ଟି 'ଛ ମାଣ ଆଠ ଗୁଣ୍ଠ' ଓ 'ଲଛମା' ଉପନ୍ୟାସ ସେ ସମୟରେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇ ଚହଳ ସୃଷ୍ଟି କରିଥିଲା । ପରବର୍ତ୍ତୀ ସମୟରେ 'ମାମୁ', 'ପ୍ରାୟଶ୍ଚିତ୍ତ', 'ବୌଦ୍ଧାବତାର' ଓ ନିଜ 'ଆତ୍ମଜୀବନୀ' ଲେଖିଥିଲେ । ଜନ୍ମରୁ ପିତୃମାତୃହୀନ ହୋଇ ମଧ୍ୟ ଏହି ବୁଦ୍ଧିଦୀପ୍ତ ଫକୀର ମୋହନ ଯଥାର୍ଥରେ ଥିଲେ ବିଖଣ୍ଡିତା ଉତ୍କଳ ଜନନୀର ସନ୍ତାନ । ତତ୍କାଳୀନ ସାମାଜିକ ବିଧିବ୍ୟବସ୍ଥା, ଶୋଷଣ କଷଣ, ଦୈନ୍ୟ ଦୁର୍ଗତି, କୁସଂସ୍କାର, ଅନ୍ଧବିଶ୍ୱାସକୁ ସମ୍ୟକ୍ ରୂପେ ଉପଲବ୍ଧି କରି ତାହାର ଅବିକଳ ଚିତ୍ର ତାଙ୍କର ଉପନ୍ୟାସ ଗଳ୍ପରେ ସ୍ଥାନ ପାଇଥିଲା । ଫକୀର ମୋହନଙ୍କ ସମାଜ ସଂସ୍କାର ପ୍ରୟାସ ପ୍ରାତଃ ଅଭିନନ୍ଦନୀୟ ଓ ଚିରସ୍ମରଣୀୟ । ମାତୃଭାଷାର ପ୍ରଗତି ସାଧନା ଉଦ୍ଦେଶ୍ୟରେ ଫକିରମୋହନ ତାଙ୍କର ଅନ୍ତିମ ଜୀବନକୁ ପୂର୍ଣ୍ଣଭାବରେ ଉପଯୋଗ କରିଥିଲେ । ମାତାପିତା, ପତ୍ନୀ, ଜେଜେମା' ସମସ୍ତଙ୍କୁ ହରାଇ ନିଃସଙ୍ଗତା କବଳରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ତମାମ୍ ଜୀବନ ଲେଖନୀ ଧାରଣ କରି ଉତ୍କଳୀୟ ସାହିତ୍ୟକୁ ସେ ସମୃଦ୍ଧ କରିଥିଲେ । ତାଙ୍କର ବଳିଷ୍ଠ ଗଦ୍ୟ ସାହିତ୍ୟ, ସରଳ ଲୋକ କଥିତ ଓ ଲୋକବୋଧଗମ୍ୟ ଭାଷା, ପରବର୍ତ୍ତୀ ପିଢ଼ିକୁ ଯୁଗେ ଯୁଗେ ଅନୁପ୍ରେରିତ କରିଛି । ପ୍ରୌଢ଼ତ୍ୱର ଭିତ୍ତି ଉପରେ ଫକୀର ମୋହନଙ୍କ ସାହିତ୍ୟ ଘାତପ୍ରତିଘାତ ଭିତରେ ନିଛକ ଭାବେ ପରିପକ୍ୱ ଜୀବନର ସମାଜ ସଂସ୍କାର ପାଇଁ ଅଭିପ୍ରେତ ଯେ ଥିଲା ଏହା ଯେ କେହି ସ୍ୱୀକାର କରିବ । ତାଙ୍କର ସର୍ବାଧିକ ଲୋକପ୍ରିୟ 'ରେବତୀ', 'ପେଟେଣ୍ଟ ମେଡ଼ିସିନ୍', 'ଡାକ ମୁନ୍‌ସୀ', 'ରାଣ୍ଡିପୁଅ ଅନନ୍ତା', 'ଧୂଳିଆ ବାବା', 'ସଭ୍ୟ ଜମିଦାର', 'ଗାରୁଡ଼ି ମନ୍ତ୍ର', 'ବଗଲା ବଗୁଲୀ' କେବଳ ଆବେଗାତ୍ମକ ଉଚ୍ଛ୍ୱାସ ନଥିଲା, ବରଂ ତାହା ଥିଲା ନିଃସ୍ୱ ନିପୀଡ଼ିତ, ଆଧୁନିକ ଶିକ୍ଷାପ୍ରାପ୍ତ ଆତ୍ମକୈନ୍ଦ୍ରୀକ ଯୁବକ, ପ୍ରବଞ୍ଚକ ସନ୍ନ୍ୟାସୀ ରକ୍ଷଣଶୀଳ ବୃଦ୍ଧା ତଥା ଅର୍ଥଲିପ୍ସୁ ଓ କ୍ଷମତାନ୍ଧଙ୍କ ଜୀବନ ଚିତ୍ରକୁ ନେଇ ଅନୁଭୂତିପକ୍ୱ ସର୍ବଶ୍ରେଷ୍ଠ ସୃଷ୍ଟି । ତାଙ୍କର କାଳଜୟୀ ସାରସ୍ୱତ ସାଧନା ଓଡ଼ିଆ ସାହିତ୍ୟର ଅମୂଲ୍ୟ ରତ୍ନ ଭାବେ ଯୁଗେ ଯୁଗେ ଏ ଜାତିକୁ ମାର୍ଗ ଦର୍ଶନ କରୁଥିବ ।

***ତିର୍ତ୍ତୋଲ, ଜଗତ୍‌ସିଂହପୁର***

## ସୁନେଲି ରୁପେଲି

● **ଦେଶବନ୍ଧୁ ସ୍ୱାଇଁ**

ଏମିତି ଘଟିବ ବୋଲି ବାସନ୍ତୀ ଭାବିନଥିଲା କେବେ । ଦୋବେଇ ହୋଇ ପୁଣି ଏଭଳି ଲୁଙ୍ଗୁରା ପ୍ରକୃତି ! ଛି ! କେଉଁକାଳୁ ଦେବୀଯାତ ଦେଖିବାର ସରାଗରେ ହଠାତ୍ ଶକ୍ତ ଆଘାତ ଲାଗିଗଲା ।

ଦେବୀମେଢ ଲାଗି କଲିକତା ପରେ କଟକର ନାଁ ରହିଅଛି । ଏବେ ରାଜଧାନୀ ଭୁବନେଶ୍ୱର କେଉଁଠି କଟକକୁ ଟପିଯିବାକୁ ବସିଲାଣି । କିନ୍ତୁ ଏଇସବୁ ମେଢ ଦିନବେଳେ ଦେଖି ଯାହା, ନଦେଖି ସେଇଆ । କାରଣ ମେଢରେ ସୁନା-ରୁପା ଓ ଜରିର ଯେଉଁସବୁ କାରୁକାର୍ଯ୍ୟ ହୋଇଥାଏ, ରାତିରେ ତା' ଉପରେ ବିଜୁଳି ଆଲୁଅ ପଡି ଝଲସି ଉଠିବ ସିନା, ଦିନରେ ସେଗୁଡାକ ଫିକା । ଅନ୍ୟମାନଙ୍କ ଠାରୁ ବାସନ୍ତୀ ଏ କଥା ଶୁଣେ, କିନ୍ତୁ ରାତିରେ ଭୁବନେଶ୍ୱରରେ ରହିବାର ସୁବିଧା ତା'ର କାହିଁ ?

ତେବେ ଏ ବର୍ଷ ସୁଯୋଗଟା ଏମିତି ବଳେ ବଳେ ଆସିବ ବୋଲି କଳ୍ପନା କରିନଥିଲା ବାସନ୍ତୀ । ତାଙ୍କ ଗାଁର ଗୋଟିଏ ଝିଅ ଭୁବନେଶ୍ୱରରେ ଏକ ଧନୀ ଠିକାଦାରଙ୍କୁ ବିବାହ କରିଥିଲା ବର୍ଷକ ତଳେ । ରଜରେ ସେ ଘରକୁ ଆସିଥିଲା । ସେତିକିବେଳେ ଦଶହରାକୁ ବୁଲିଯିବା କଥା ତାକୁ କହିଲା ବାସନ୍ତୀ । ଏ କଥାରେ ଝିଅଟି ଖାଲି ଖୁସି ହେଲାନି, କେଉଁ ବସ୍‌ରେ ଯାଇ କେଉଁଠି ଓହ୍ଲାଇଲେ ସୁବିଧା ହେବ, ସେ ସମ୍ବନ୍ଧରେ ବି ଟିକିନିଖି ବୁଝାଇଦେଲା ।

ବୋଉକୁ ଧରି ଯଥା ସମୟରେ ସେଠି ଯାଇ ପହଞ୍ଚିଲା ବାସନ୍ତୀ । ଏତେଦିନକେ ଦେବୀମେଢ ଦେଖିବାର ସୁଯୋଗ ପାଇଥିବାରୁ କଅଁଳା ବାଛୁରୀଟି ପରି ତା' ମନ ଖାଲି ଡେଇଁ ବୁଲୁଥାଏ ।

ସେଇ ଗାଁ ଝିଅଟି ବାସନ୍ତୀଠୁ ବର୍ଷେ ଦି'ବର୍ଷ ବଡ । ସେହି ହିସାବରେ ତା' ବର ବାସନ୍ତୀର ଭିଣୋଇ । ପ୍ରଥମ ଦିନରୁ ହିଁ ଭିଣେଇବାବୁଙ୍କର ଲୋଲୁପ ଦୃଷ୍ଟି ପଡିଲା ତା' ଉପରେ । ସେ ପୁଣି ପିଆପିଇ କରନ୍ତି । ତାଙ୍କ ମନୋଭାବ ଜାଣିବା ପରେ ଯଥାସମ୍ଭବ ଆଡଆଡ ହୋଇ ଚଳିଲା ବାସନ୍ତୀ । କିନ୍ତୁ ମେଢ ଦେଖି ଯିବାଦିନ କାର୍‌ର ପଛ ସିଟ୍‌ରେ ତା' ପାଖରେ ସେ ଜାଣି ଜାଣି ବସିଲେ ଓ ଅନ୍ଧାରର ସୁଯୋଗ ନେଇ ଆରମ୍ଭ କରିଦେଲେ ତାଙ୍କ କାରସାଦି ।

ପାଖରେ ବୋଉ । ହାତ ଛାଟି ଯେତେ ପ୍ରତିବାଦ କଲେ ବି ସେ ଜମା ମାନୁନଥାନ୍ତି । ଲାଜରେ ବାସନ୍ତୀ ପାଟି ଖୋଲିପାରୁନଥାଏ । ନିଜର କ୍ରୋଧ ଓ ଅସ୍ୱସ୍ତିକୁ ଦାନ୍ତଚିପି ସହିନେବା ବ୍ୟତୀତ ତା'ର ଆଉ କିଛି ଉପାୟ ନଥିଲା ।

ଫେରିଲାବେଳକୁ ପୁଣି ସେହି ଅବସ୍ଥା ହେବ । ବାସନ୍ତୀ ଏବେ ମେଢ ଦେଖିବ କ'ଣ, ଆଶଙ୍କାରେ ଖାଲି ଆଉଟୁ ପାଉଟୁ ହେଉଥାଏ ।

ମା' ଦୁର୍ଗା ବୋଧେ ଦୟା କଲେ । କୌଣସି ଏକ ପୁରୁଣା କେସ୍‌ରେ ଡ୍ରାଇଭର ନାଁରେ ୱାରେଣ୍ଟ ଥିଲା । ଦେବୀମଣ୍ଡପ ପାଖ ପାର୍କିଂ ସ୍ଥାନରୁ ଡ୍ରାଇଭରକୁ ଆରେଷ୍ଟ କରିନେଲା ପୋଲିସ । ଏଥର ତେଣୁ ଭିଣୋଇ ଗାଡି ଚଳାଇଲେ ।

ବର୍ତ୍ତମାନ ପାଇଁ ସିନା ରକ୍ଷା ପାଇଗଲା, ଭବିଷ୍ୟତରେ ଯେ ବିପଦ ରହିଛି ଏ କଥା ଅନୁମାନ କରିପାରୁଥିଲା ବାସନ୍ତୀ । ତା'ର ଚୁପ୍ ରହିବାଟାକୁ ଭିଣୋଇ ମହାଶୟ ସମ୍ମତି ବୋଲି ଭାବିବେ ନିଶ୍ଚୟ ।

ବିପଦ ଏଡେଇବା ପାଇଁ ବସାରେ ପହଞ୍ଚି ଏକଥା ଦେଈକି କହିଲା ବାସନ୍ତୀ । ଦେଈ କିନ୍ତୁ କଥାଟାକୁ ବାଏଁବାଏଁ ଉଡେଇଦେଲା । କହିଲା- ''ଇଏ ଗୋଟାଏ କଥା ! ଟିକେ ହାତ ବାଜିଗଲା ବୋଲି ତୁ ବ୍ୟସ୍ତ ହୋଇପଡୁଛୁ । ତୁ ତ ସହଜେ ୟାଙ୍କର ଶାଳୀ । ଭିଣୋଇମାନେ ଶାଳୀ ସାଙ୍ଗେ ଟିକେ ରଙ୍ଗ ରହସ୍ୟ କରିବେନି ତ ଆଉ କାହା ସାଥୀରେ ?'' - ତା' ଗାଲ ଚିପିଦେଇ ସେ ହସିଲା ।

ବାସନ୍ତୀ ଆଉ କହିବ କ'ଣ, ଜାଣିଲା, ଦେଈ ପାଖେ ଫେରାଦ ହେବା ବୃଥା । ତେବେ, କଥାଟାକୁ ସହଜ କରିଦେବା ଲାଗି ସେ ବି ହସିଦେଲା ଟିକେ ।


ରାଜଧାନୀରେ ଦଶପନ୍ଦର ଦିନ ରହି ନନ୍ଦନକାନନ, ଖଣ୍ଡଗିରି, ଧଉଳିଗିରି ପ୍ରଭୃତି ବୁଲିବ ବୋଲି ମନସ୍ଥ କରିଥିଲେ ବି ଏଭଳି ପରିସ୍ଥିତିରେ ଆଉ ଦିନଟିଏ ବି ରହିବାକୁ ଉଚିତ ମନେ କଲାନି ବାସନ୍ତୀ । ହଠାତ୍ ଘରକୁ ଫେରିବା କଥା କହିଲେ, ଦେଈ ନିଶ୍ଚୟ ଭୁଲ ବୁଝିବ । ତେଣୁ, ଦୁଇଦିନ ପରେ କାମର ଆଳ ଦେଖାଇ କହିଲ ସିନା, ଦେଈ କିନ୍ତୁ ଛାଡ଼ିବାକୁ ନାରାଜ । କଙ୍କଡାକୁ ଗୋଳିପାଣି ସହେ । ଫଳରେ ଭିଣୋଇଙ୍କର 'ନାହିଁ ନାହିଁ' ଅଧିକ ଶକ୍ତିଶାଳୀ ହୋଇଗଲା ।

କ'ଣ ଏବେ କରିବ ବାସନ୍ତୀ ? ଅଜାଗା ଘା' ଦେଖିହେଉନି କି ଦେଖେଇ ହଉନି । ପୋଷା ବିଲେଇଟି ପରି ଭିଣୋଇବାକୁ ସବୁବେଳେ ତା'ରି ପାଖରେ ଲସରପସର ହେଉଥିଲେ । କେତେ ଅବା ଜଗିରଖି ଚଳିବ ?

ଭୟ ଓ ଆଶ୍ୱସ୍ତି ମଧ୍ୟରେ କଟୁଥିଲା ବାସନ୍ତୀର ଦିନ । ତେବେ ଯାହାହେଉ, କୌଣସି ପ୍ରକାର ଦେଈ କି ରାଜି କରାଇ ସେମାନେ ଗାଁକୁ ଫେରିଲେ ।

ଭୁବନେଶ୍ୱରର ସେଇ ଅଳ୍ପ ଦିନର ରହଣି ଭିତରେ ବାସନ୍ତୀ ଅନୁଭବ କଲା ଯେ ତା'ଭଳି ସ୍ୱଳ୍ପ ଶିକ୍ଷିତା ଝିଅଙ୍କ ଲାଗି ଗାଁ ଅପେକ୍ଷା ସହରରେ ପଇସା କମେଇବା ସକାଶେ ପର୍ଯ୍ୟାପ୍ତ ସୁବିଧା ରହିଛି । ସବୁଠୁ ସୁବିଧାଜନକ ହେଲା ବାସନମଜା । ଜଣକ ଘରେ ସକାଳ-ସଞ୍ଜ ଦୁଇବେଳା ବାସନ ମାଜିଲେ ଅତି କମ୍‌ରେ ଆଠଶହ ଟଙ୍କା । ଆଜିକାଲି ପ୍ରାୟ ସମସ୍ତଙ୍କର ଛୋଟ ପରିବାର । ତେଣୁ ବାସନ ବୋଇଲେ ଏମିତି କେତେ ହେବ ? ଏଥିକୁ ପୁଣି ଗ୍ୟାସ୍ ରୋଷେଇ, କଳାମଳାର ପ୍ରଶ୍ନ ନାହିଁ । ଯଦି ସେ ଛ'ସାତଟି ଘର ଧରିଦେବ, ଖୁସିରେ ମାସକୁ ପାଞ୍ଚ ହଜାର । ଏସବୁ କଥା ବ୍ରହ୍ମପୁର ଅଞ୍ଚଳରୁ ଆସି ଦେଈର ପଡିଶାଘରେ କାମ କରୁଥିବା ତା'ର ବୟସର ଗୋଟିଏ ଝିଅଠାରୁ ସେ ଶୁଣିବାକୁ ପାଇଲା । ବାପା ତା'ର ରିକ୍ସା ଟାଣେ, ବୋଉ ଶ୍ୱାସରୋଗୀ, କିଛି କାମଧନ୍ଦା କରିପାରେନି । ଦଶବର୍ଷ ବେଳୁ ଝିଅଟି ତେଣୁ ବାବୁମାନଙ୍କ ଘରେ ଏଇ ବାସନମଜା କାମ ଆଦରି ନେଇଛି । ଝିଅଟିର ନାଁ ବି ବାସନ୍ତୀ । ତେଣୁ ସେଇ ପ୍ରଥମ ସାକ୍ଷାତରେ ଦୁଇ ବାସନ୍ତୀ 'ମକର' ବସିଗଲେ ।

ନୂଆ ନୂଆ ଭାବ, ଧୁମ୍ ମିଠା । ମାତ୍ର ଦୁଇଦିନର ଚିହ୍ନାଜଣା ଭିତରେ ସେମାନଙ୍କର ସମ୍ପର୍କ ଏତେ ନିବିଡ ହୋଇଗଲା ଯେ ଘରକୁ ଫେରିଲାଦିନ ନୂଆ ମକର ଘରେ ମା'-ଝିଅ ଗୋଟିଏ ରାତି ରହିକରି ଆସିଲେ ।



ମକର ଘର ରହୁଥିଲେ ଏକ ବସ୍ତିରେ । ବାସନ୍ତୀର ଆଗ୍ରହ ଲକ୍ଷ୍ୟକରି ତା'ର ଏଇ ମକର ତାଙ୍କ ଭଳି ଭୁବନେଶ୍ୱର ଆସି କାମ କରିବାକୁ ପ୍ରସ୍ତାବ ଦେବାରୁ 'ହଁ' ଭରିଥିଲା ବାସନ୍ତୀ ଓ ଗାଁକୁ ଫେରିବାର ମାତ୍ର ଗୋଟିଏ ସପ୍ତାହ ଭିତରେ ସେ ଚାଲିଆସିଲା ବୋଉ ସହ ।

ସେମାନଙ୍କ ଲାଗି ମକର ତାଙ୍କ ବସା ପାଖାପାଖି ଖଣ୍ଡେ ବଖୁରିଆ ଆଜବେଷ୍ଟସ୍ ଘର ଠିକ୍ କରିଦେଲା । ଦି' ତିନିଦିନ ଭିତରେ କେତେଜଣ ବାବୁଆଣୀଙ୍କ ଘରେ ବାସନ ମାଜିବାର ବ୍ୟବସ୍ଥା ବି ହୋଇଗଲା । ମା'-ଝିଅ ସକାଳୁ ସକାଳୁ ବାହାରିଯା'ନ୍ତି, ଫେରନ୍ତି ଖରାବେଳକୁ । ଖିଆପିଆ ସାରି ଶୀତୁଳି ପଡିବା ପରେ ପୁଣି କାମକୁ ଯାଇ ଫେରନ୍ତି ସଂଧ୍ୟାରେ ।

ରାଜଧାନୀରେ ଏଇ ପ୍ରଥମ ରହଣି ବେଶ ରଙ୍ଗ ମାଖିଦେଇଛି ବାସନ୍ତୀ ମନରେ । କେବଳ ପରିବାର ନେଇ ରହୁଥିବା ବାବୁମାନଙ୍କ ଘରେ ସେ କାମ କରେ । ଯେତେ ଟଙ୍କା ଦେଲେ ବି ଏକଲା ରହୁଥିବା ଲୋକଙ୍କ ଘରେ କାମ କରିବାକୁ ମକର ମନା କରିଛି । ତା' କହିବା କଥା, ବଢିଲା ଝିଅଙ୍କଠି ସମସ୍ତଙ୍କ ଆଖି । ସୁଯୋଗ ପାଇଲା ମାତ୍ରେ ଇଜ୍ଜତ ଲୁଟିବେ । କେଉଁଠି ଟଙ୍କା ଓ ଗହଣା ଗାଣ୍ଠିରେ ବାନ୍ଧି ତ କେଉଁଠି ବିବାହ କରିବାର ମନ ଭୁଲାଣିଆ କଥାରେ ଛନ୍ଦି । ତାଙ୍କର ଅସଲ ଉଦ୍ଦେଶ୍ୟ ଜାଣିଲା ବେଳକୁ ନେଡିଗୁଡ କହୁଣିକୁ ବୋହିଯାଇଥିବ ।

ତେବେ, ତାର ସବୁ ବାବୁ ବାବୁଆଣୀ ଖୁବ୍ ଭଲଲାଗନ୍ତି ବାସନ୍ତୀକୁ । ସେମାନଙ୍କ ସ୍ନେହଶ୍ରଦ୍ଧାରେ କାମ କରିବାର କଷ୍ଟ ଭୁଲି ହୋଇଯାଏ ।

ଆଉ ଦୁଇଦିନ ପରେ ପିପେଇ ଅମାସିଆ । ଏଠି ତାକୁ ଦୀପାବଳୀ ବା ଦିବାଲି କହୁଛନ୍ତି । ଗାଁରେ ଏହିଦିନ ସଂଧ୍ୟାରେ କାଉଁରିଆକାଠି ଜାଳି ବଡବଡିଆ ବା ପିତୃପୁରୁଷଙ୍କୁ ଡକାଯାଏ । ଘର ବାରଣ୍ଡାରେ ପୋଲାଙ୍ଗ ବା ଜଡ଼ାଦେଲର ଦୀପ ଜଳାଯାଏ । ଅଳ୍ପ କିଛି ଧନୀ ଘରର ପିଲା ବାଣ ଫୁଟାନ୍ତି । ଆଜି ଏଠି ଏକ ନୂଆ କଥା ତା'ର ଜଣେ ବାବୁଆଣୀଙ୍କଠୁ ଶୁଣିଲା ବାସନ୍ତୀ । ଅମାସିଆର ଦୁଇଦିନ ପୂର୍ବରୁ ଅର୍ଥାତ୍ ଆଜି ହେଉଛି 'ଧନ୍‌ତେରାସ୍' । ଆଜି ଦିନରେ ସୁନା କିମ୍ୱା ରୁପାର ନୂଆ ଗହଣା ଘରକୁ ନେଲେ ମା' ଲକ୍ଷ୍ମୀ କାଳେ ପ୍ରସନ୍ନ ହୁଅନ୍ତି । ଧନ ସମ୍ପତ୍ତିରେ ଘର ପୂରିଉଠେ । ସେଥିଲାଗି ଗତବର୍ଷ ଦୋକାନମାନଙ୍କରେ ଏତେ ଭିଡ ହେଲା ଯେ ରାତି ବାରଟା ଯାଏ ବି ଦୋକାନ ଖୋଲା ରହିଲା ।

ଗୃହକୁ ଲକ୍ଷ୍ମୀ ଆସିବାର ଏଇ ନୂତନ ତଥ୍ୟଟି ସେତିକିବେଳୁ ପଶିଯାଇଛି ବାସନ୍ତୀ ମୁଣ୍ଡରେ । ସମସ୍ତଙ୍କ କାମ ଶୀଘ୍ର ଶୀଘ୍ର ସାରିଦେଇ ସଂଧ୍ୟାବେଳକୁ ସେ ଚାଲିଲା ମକର ପାଖକୁ, କାଳେ ସେ ଆଜି ଧନ୍‌ତେରାସରେ କିଛି ଗହଣାପତ୍ର କିଣିଥିବ ।

ମକର କିନ୍ତୁ କଥାଟାକୁ ହସରେ ଉଡାଇଦେଲା । - ''ଯା'ଲୋ, ଆଜି ଦିନରେ ଗହଣା କିଣିଲେ ଲକ୍ଷ୍ମୀ ଯଦି ଘରକୁ ଆସୁଥାନ୍ତେ, ତା'ହେଲେ ଏ ଦୁନିଆରେ ଏତେ ଗରିବ ଅଛନ୍ତି କିପରି ? ଏସବୁ କେବଳ ଧନୀ ଲୋକଙ୍କ ବିଳାସ । ତାଙ୍କ ଦେଖାଦେଖି କିଛି ସାଧାରଣ ଗରିବ ଗୁରୁବା ମଧ୍ୟ ଓଧ ସଙ୍ଗେ ବଣଭୁଆ ବାଇ ହେଲାପରି ମାତିଛନ୍ତି ।''

ମକରର ମନ୍ତବ୍ୟ ବାସନ୍ତୀ ମନକୁ ବୋଧ କରିପାରିଲା ନାହିଁ । ଏତେ ଏତେ ଲୋକ ଯେତେବେଳେ ବିଶ୍ୱାସ କରୁଛନ୍ତି, ସେମାନେ କ'ଣ ସମସ୍ତେ ବୋକା ? ତେବେ, ସତ ହେଉ କି ମିଛ ହେଉ, ଛୋଟମୋଟ ଗହଣାଖଣ୍ଡେ ସେ ଯଦି କିଣି ପାରନ୍ତା, ତା'ହେଲେ ମନଟା ଆଉ ଡହଳବିକଳ ହୁଅନ୍ତା ନାହିଁ ।

ଆସନ୍ତାକାଲି ମଧ୍ୟ ଧନ୍‌ତେରାସ୍‌ର ପ୍ରଭାବ ରହିବ ବୋଲି ବାବୁଆଣୀ କହୁଥିଲେ । ହେଲେ, ତା'ପାଖେ ଟଙ୍କା କାହିଁ ? ମାସ ନ ପୂରିଲେ କେହି କ'ଣ ଆଗୁଆ ଦରମା ଦେବେ ? ସୁନା ଦର ତ ତିରିଶ ହଜାର ଟପିଲାଣି । ଯେତେ ନିକୁଛିଆ ହେଲେ ବି ଚାରିପାଞ୍ଚ ହଜାରରୁ କମ୍‌ରେ କ'ଣ କିଛି ହୋଇପାରିବ ?

ରାତିରେ ଶୋଇଲାବେଳେ ଏକ ନୂଆ ଚିନ୍ତା ଢୁକିଲା ବାସନ୍ତୀ ମନରେ । ତା' କାନରେ ସୁନାର ହଳେ ଝରା ରହିଛି । ବାପା ଥିଲାବେଳେ ଏଇଟି ତା' ପାଇଁ କରିଥିଲେ । ଦୋକାନରେ ଏ ହଳକ ଦେଇ ତା' ବଦଳରେ ନୂଆ ହଳେ କିଣିପାରିଲେ ଘରକୁ ଲକ୍ଷ୍ମୀ ଆସିବାର ବାଟ ଖୋଲିଯାଆନ୍ତା ।

ତା'ର ଏଇ ଝରାହଳକ ଖୁବ ସୁନ୍ଦର ହୋଇଛି ବୋଲି ସାଙ୍ଗସାଥୀ ସାଇପଡିଶା ସମସ୍ତେ କହନ୍ତି । ତେଣୁ ଏଥିପ୍ରତି ତା'ର ଭରି ଲୋଭ । କିନ୍ତୁ ଘରକୁ ଲକ୍ଷ୍ମୀ ଆସିବାର ଆଶା ନିକଟରେ ଏଇ ଲୋଭଟିକେ ବଳିପଡ଼ିଗଲା ।

ତାଙ୍କର ଏଇ ପାଖ ଛକରେ ଗୋଟିଏ ଛୋଟ ଗହଣା ଦୋକାନ ଅଛି । ଆଉ କେଉଁଠାରେ ଏସବୁ ଦୋକାନ ଅଛି, ତାକୁ ଅଜଣା । ଏ ବିଷୟରେ କାହାକୁ ପଚାରିଲେ, ମୁହଁରେ ନହେଲେ ବି ପଛରେ ଥଟ୍ଟା କରିବେ । ଗରିବ ବୋଲି ତ ତା' କାନର ସୁନାଝରାକୁ ଅନେକ ଇମିଟେସନ ବୋଲି ଭାବନ୍ତି । ତେଣୁ କାହାକୁ କିଛି ନକହି କାଲି ସକାଳବେଳା କାମ ସାରି ଫେରିଲାବେଳେ ସେଇ ବଣିଆ ଦୋକାନକୁ ସେ ଯିବ । ଯାହାହେଉ ପଛେ, କାନଝରା ହଳକ ବଦଳ ଦେଇ ନୂଆ ଗହଣାଖଣ୍ଡେ ଘରକୁ ଆଣି ସେ ଧନ୍‌ତେରାସ୍ ପାଳିବ । ନିଶ୍ଚୟ ମା'ଲକ୍ଷ୍ମୀ ଠାକୁରାଣୀ ପ୍ରସନ୍ନ ହେବେ ।

ଧନରତ୍ନ ଭରା ଘରଟିଏ କଥା ଭାବୁ ଭାବୁ ଗଭୀର ନିଦରେ ହଜିଗଲା ବାସନ୍ତୀ । ସକାଳେ ବୋଉ ତାକୁ କାମକୁ ଯିବା ଲାଗି ଉଠାଇନଥିଲେ ଆଉ କେତେବେଳେ ଯାଏ ସିଏ ସେମିତି ଶୋଇ ରହିଥାନ୍ତା ବୋଧେ ।

**ମୋ : ୯୯୩୭୯୨୩୨୬୭**

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୫ ଜାନୁଆରୀ ୨୦୨୬ । ଗୁରୁବାର

## ଅଖଣ୍ଡ ଶିକାର ରୋକିବେ ବନ ବିଭାଗର ୧୦ ଟିମ୍

**ନୀଳଗିରି,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମକର ସଂକ୍ରାନ୍ତି ପାଇଁ ଶିକାରୀଙ୍କ ଟାର୍ଗେଟ୍‌ରେ କୁଲଡିହା ଅଭୟାରଣ୍ୟ। ଅଖଣ୍ଡ ଶିକାର ରୋକିବା ପାଇଁ ବନ ବିଭାଗର ୧୦ରୁ ଅଧିକ ଟିମ୍ ରାତିଦିନ ଏକ କରିଥିବା ବେଳେ କୁଲଡିହା ଅଭୟାରଣ୍ୟ ସୀମାନ୍ତରେ ପାଟ୍ରୋଲିଂ କଡାକଡି କରାଯାଇଥିବା ଜଣାପଡିଛି।

ସୂଚନାରୁ ପ୍ରକାଶ, ନୀଳଗିରି ଉପଖଣ୍ଡସ୍ଥ ୨୭୨.୭୫ ବର୍ଗ କିମି ପ୍ରାକୃତିକ ସୌନ୍ଦର୍ଯ୍ୟଭରା କୁଲଡିହା ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଓ ଦେଶୀ ବିଦେଶୀ ପକ୍ଷୀ ରହିଛନ୍ତି। ମକର ସଂକ୍ରାନ୍ତି ଅବସରରେ ଅଭୟାରଣ୍ୟ ସୀମାନ୍ତ ଗାଁରେ ଥିବା ଶିକାରୀମାନେ ଅଖଣ୍ଡ ଶିକାର କରିବାକୁ ଧନୁତୀର, ଅସ୍ତ୍ରଶସ୍ତ୍ର ଧରି ଅବାଧ ପ୍ରବେଶ କରିଥାନ୍ତି। ହରିଣ, ସମ୍ବର, ଝିଙ୍କ, ଠେକୁଆ, ବାରହା ଓ ଅନ୍ୟ ଜୀବଜନ୍ତୁଙ୍କୁ ଗୋଡାଇ ଗୋଡାଇ ଶିକାର କରିଥାନ୍ତି। ଏହାପରେ ମୃତ ମାଂସକୁ ଆଣି ରୋଷେଇ କରି ଏକତ୍ରିତ ହୋଇ ଗାଁରେ ଭୋଜି କରି ଖାଇଥାନ୍ତି। ଆଉ କେହି ମାଂସ ଭାଗ କରି ନେଇ ଯାଇଥାନ୍ତି। ବିଶ୍ୱାସ ରହିଛି ଏହି ମାଂସ ଖାଇଲେ କୌଣସି ରୋଗବ୍ୟାଧି ତାଙ୍କୁ ହେବ ନାହିଁ। କେସିପୁର, ପୀଠହଟା, ତେଲିପାଳ, ଗରଡିହି, ସଜନାଗଡ, ବାଉଁଶବଣିଆ, ଶ୍ୟାମସୁନ୍ଦରପୁର, କାଣ୍ଡଗରଡିହି ଆଦି ପଞ୍ଚାୟତ ସମେତ ଔପଦା ଓ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅଞ୍ଚଳରେ ମାଙ୍କଡପଡା, ଶିକାରୀ ରହୁଥିବା ଗାଁରେ ଶିକାରୀମାନେ ଅଖଣ୍ଡ ଶିକାର କରିବା ପାଇଁ ଶିକାରୀମାନେ ମକର ପୂର୍ବରୁ ସଜବାଜ ହୋଇଥିବା ବେଳେ ଏହାର ମୁକାବିଲା ପାଇଁ ବନବିଭାଗ ବ୍ୟାପକ ପ୍ରସ୍ତୁତି ମଧ୍ୟ କରିଥାନ୍ତି। ଏବେ ଏଆଇ କ୍ୟାମେରା ଅଭୟାରଣ୍ୟରେ ଲାଗିଥିବା ବେଳେ ଶିକାରୀମାନଙ୍କ ଗତିବିଧି ମଧ୍ୟ ସହଜରେ ଜାଣି ହେଉଛି।

୨୦୨୫ ମସିହାରେ କୁଲଡିହା ବନବିଭାଗ ୧୦୦ରୁ ଅଧିକ ରେକର୍ଡ ସଂଖ୍ୟକ ଶିକାରୀ ଗିରଫ କରିବା ସହ ୩୩ଟି ବନ୍ଧୁକ ଜବତ କରିଥିଲା। ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏସିଏଫ, ରେଞ୍ଜର, ଫରେଷ୍ଟର, ଫରେଷ୍ଟଗାର୍ଡ, ସବୁଜବାହିନୀ ଜଙ୍ଗଲରେ ଚାଲି ଚାଲି ପାଟ୍ରୋଲିଂ କରି ବନ୍ୟଜନ୍ତୁ ଓ ଶିକାରୀମାନଙ୍କ ଗତିବିଧି ଉପରେ ଲକ୍ଷ୍ୟ କରିଥିଲେ। ଶିକାରୀମାନେ ଏବେ ଏଆଇ କ୍ୟାମେରା ଏବଂ କଡା ପାଟ୍ରୋଲିଂ ପାଇଁ ଭୟଭୀତ ହୋଇଥିବା ଜଣାପଡିଛି। ମକର ପାଇଁ ଅଖଣ୍ଡ ଶିକାର ପାଇଁ ପୂର୍ବରୁ ଗାଁରେ ବନ ବିଭାଗ ସଚେତନ କାର୍ଯ୍ୟକ୍ରମ କରିଥିବା ବେଳେ ଗତ ସୋମବାରଠାରୁ ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ କୁଲଡିହା ଅଭୟାରଣ୍ୟ ସୀମାନ୍ତରେ ୧୦ରୁ ଅଧିକ ଟିମ୍ ଏସିଏଫ ତଥା କୁଲଡିହା ରେଞ୍ଜର ଦାୟିତ୍ୱରେ ଥିବା ସୁବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ କଡା ପାଟ୍ରୋଲିଂ କରିଛନ୍ତି। ବରମପୁର ପୋଲିସ ମଧ୍ୟ ସହଯୋଗ କରିଥିବା ଜଣାପଡିଛି। ତେବେ ଅଖଣ୍ଡ ଶିକାର ଠାରୁ ଦୂରେଇ ରହି ପ୍ରକୃତି ପ୍ରେମୀ ହେବାକୁ ଡିଏଫଓ ଶ୍ରୀ ମଲ୍ଲିକ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି।

## ଓପିଡ଼ି ଏବଂ ମେଡ଼ିସିନ ବିଭାଗ ଖୋଲିବାକୁ ଦାବି

**ବଲାଙ୍ଗିର,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ପାଟଣାଗଡ଼ ସହର ପାଟଣାଗଡ଼ ଉପଖଣ୍ଡ ତଥା ପଡ଼ୋଶୀ ବ୍ଲକର ଜନସାଧାରଣ, ରୋଗୀମାନେ ନିର୍ଭର କରିଥାନ୍ତି। ବର୍ତ୍ତମାନ ସେହି ଡାକ୍ତରଖାନା ନୂଆଁ ହେଇ ନିର୍ମାଣ ହୋଇଥିବା ବିଲଡିଂକୁ ଡାକ୍ତରଖାନା ସ୍ଥାନାନ୍ତର ହୋଇଛି ଏହାକୁ ଅଞ୍ଚଳବାସୀ ସ୍ୱାଗତ କରୁଛନ୍ତି କିନ୍ତୁ ପାଟଣାଗଡ଼ ସହର ଠାରୁ ଦୁଇ କିଲୋମିଟର ଦୂରତାରେ ନୂଆଁ ଡାକ୍ତରଖାନା ସ୍ଥାନାନ୍ତର ହୋଇଥିବାରୁ ପାଟଣାଗଡ଼ ସହରରେ ବସବାସ କରୁଥିବା କୋଡିଏ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ ସହରର ଜନସାଧାରଣ ପାଖରେ ଚିକିତ୍ସା ସୁବିଧା ପାଉଥିଲେ ବର୍ତ୍ତମାନ ଜନସାଧାରଣଙ୍କୁ ଅଟୋ ଭଡ଼ାକରି ଖର୍ଚ୍ଚାନ୍ତ ହେଉଛନ୍ତି। ଏତେ ବଡ଼ ପୁରୁଣା ବିଲଡିଂକୁ ସମ୍ପୂର୍ଣ୍ଣ ବନ୍ଦ ନକରି ସହରର ଜନସଂଖ୍ୟା ଦୃଷ୍ଟିରୁ ଏଠାରେ ଓପିଡ଼ି ଏବଂ ମେଡ଼ିସନ ବିଭାଗ ଖୋଲିବାକୁ ଦାବି ହେଉଛି। ପାଟଣାଗଡ଼ ସହରର ଶତାଧିକ ମହିଳା ବାହାରି ପୁରୁଣା ଉପଖଣ୍ଡ ଚିକିତ୍ସାଳୟରେ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିକ୍ଷୋଭ ସ୍ଥଳକୁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଧିକାରୀ ସରୋଜ ରଞ୍ଜନ ସ୍ୱାଇଁ ପହଁଞ୍ଚି ଆନ୍ଦୋଳନକାରୀମାନଙ୍କଠାରୁ ଏକଦଫା ଦାବିପତ୍ର ଗ୍ରହଣ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରି ବିହିତ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ। ତିନି ଦିନ ମଧ୍ୟରେ ଦାବି ପୂରଣ ନହେଲେ ପୁନର୍ବାର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଆଜିର ଆନ୍ଦୋଳନରେ ଶେଷଦେବ ପୁଞ୍ଜି, କୋଶଲ ରାଏଜ ମୁକ୍ତି ମୋର୍ଚ୍ଚାର ଉପଖଣ୍ଡ ସଭାପତି ଗିରିରାଜ ଭୋଇ, ସମ୍ପାଦକ ଜଗନ ମେହେର, ପ୍ରିୟା ବଗର୍ତ୍ତୀ, ତପସ୍ୱିନୀ ଜୁଏଡ଼, ଅନୁସୟା ପୋଡ଼, ମମତା ଭୋଇ, କ୍ଷୀର କରୁଆଁ, ରଶ୍ମିତା ଭଇଁସାଲ ପ୍ରମୁଖଙ୍କ ସହିତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

## କୁଶିଆପାଳ ସମବାୟ ସମିତିରେ ଧାନମଣ୍ଡି

**କେନ୍ଦ୍ରାପଡ଼ା,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡେରାବିଶ ବ୍ଲକ ଅଧିନ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ସନ୍ଧ୍ୟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ପ୍ରଯୁକ୍ତି ବିଜ୍ଞାନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚଳିତ ବର୍ଷର ଧାନ ମଣ୍ଡିକୁ ଉଦଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଆଜି ସୁଦ୍ଧା ରାଜ୍ୟରେ ୧୮ଲକ୍ଷ ମେଟ୍ରିକ ଟନ ଧାନ ଚାଷିମାନଙ୍କ ଠାରୁ କ୍ରୟ କରାଯାଇଥିବା ନେଇ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଘୋଷଣା କରିଥିବା ଧାନର କ୍ରୟ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବା ସହ ଏହି ଅର୍ଥ ପଞ୍ଜିକୃତ ସମସ୍ତ ଚାଷିଙ୍କ ବ୍ୟାଙ୍କ ଜମାଖାତାକୁ ପଠାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଗତ ୧୬ ମାସ ମଧ୍ୟରେ ଅନ୍ନଦାତାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ସରକାର ସଙ୍କଳବଦ୍ଧ। ପ୍ରତ୍ୟେକ ଚାଷିମାନଙ୍କ ଧାନକୁ କ୍ରୟ କରାଯିବା ସହ କୌଣସି ଅସୁବିଧା ଉପୁଜିଲେ ବିଭାଗ ପକ୍ଷରୁ ଦିଆଯାଇଥିବା ଟୋଲ ଫ୍ରି ନମ୍ବର କିମ୍ବା ତାଙ୍କୁ ବ୍ୟକ୍ତିଗତ ଭାବେ ଚାଷୀମାନେ ଅଭିଯୋଗ କରିପାରିବେ ବୋଲି ମନ୍ତ୍ରୀ ଦୃଢୋକ୍ତି କରିଥିଲେ। ଅନ୍ନଦାତା ଓ ମହିଳାଙ୍କ ବିକାଶ ପାଇଁ ସରକାର ସଙ୍କଳ୍ପବଦ୍ଧ ହୋଇଥିବା ବେଳେ ସମସ୍ତ ମଣ୍ଡିରେ ଚାଷୀମାନେ କିପରି ସୁବିଧାରେ ସେମାନଙ୍କ ଉତ୍ପାଦିତ ଧାନକୁ ବିକ୍ରୟ କରିପାରିବେ ସେଦିଗରେ ସମସ୍ତ ଉଦ୍ୟମ କରାଯାଉଥିବା ମନ୍ତ୍ରୀ ପାତ୍ର କହିଥିଲେ। ସମବାୟ ସମିତି ପରିଚାଳନା ପରିଷଦ ସଭାପତି ନାରାୟଣ ପ୍ରସାଦ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜକାନ୍ତ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣି, ଜିଲ୍ଲା ସମବାୟ ସମୂହର ସହକାରୀ ନିବନ୍ଧକ ପ୍ରଭାକର ନାୟକ, ସହକାରୀ ଉପ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ, ଡେରାବିଶ ବିଡିଓ ନମିତା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଡେରାବିଶ ବ୍ଲକ ଅଞ୍ଚଳକୁ ମନ୍ତ୍ରୀଙ୍କ ପ୍ରଥମ ଗସ୍ତ ଅବସରରେ ଜିଲ୍ଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ସ୍ୱାଗତ କରିଥିଲେ। ଏହି ଅବସରରେ ସମବାୟ ସମିତି ସମ୍ପାଦକ ମତ୍ୟୁଞ୍ଜୟ ଦାସଙ୍କୁ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ମନ୍ତ୍ରୀ ପାତ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ଈଶ୍ୱରଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସହସମ୍ପାଦକ ମାନସ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ, ଡିଇଓ ଧ୍ରୁବଚରଣ ନାୟକ, ଅଗ୍ରଣୀ ଚାଷୀ ଫଗୁଚରଣ ସାହୁଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ ଓ ସମବାୟ ସମିତିର କର୍ମଚାରୀମାନେ ସହଯୋଗ କରିଥିଲେ।

## ପୁସ୍ତକ ମେଳାରେ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା

**କେନ୍ଦ୍ରାପଡ଼ା,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ତ୍ରୟବିଂଶ ରାଜ୍ୟ ସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାରେ ଓଡିଆ ସଙ୍ଗୀତ ଜଗତର ବେତାଜ୍ ବାଦ୍-ଶାହା ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ତ୍ରୟବିଂଶ ଚିର ସବୁଜ ଅକ୍ଷୟ ମହାନ୍ତି ସ୍ମୃତି ସଙ୍ଗୀତ ସନ୍ଧ୍ୟା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ମହୀପାଳ ଟେଲିକମ୍ ଗ୍ରାଉଣ୍ଡ୍‌ରେ ମହାସମାରୋହରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ତଥା ଅକ୍ଷୟଙ୍କ ଅନ୍ୟତମ ପଟ୍ଟଶିଷ୍ୟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତା ଏବଂ ସଂଯୋଜନାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମକୁ ଅକ୍ଷୟଙ୍କ ବନ୍ଧୁ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ବିମଳ ପ୍ରସାଦ ପରିଡା, ନିରୁପମା ଜେନା, ଉପେନ୍ଦ୍ର ପାଢ଼ୀ, ସନ୍ତୋଷ ଦାସ ପ୍ରମୁଖ ଅକ୍ଷୟଙ୍କ କାଳଜୟୀ ଭଜନ, ଲଘୁ ସଙ୍ଗୀତ ଏବଂ ଚଳଚ୍ଚିତ୍ର ସଙ୍ଗୀତ ପରିବେଷଣ କରି ଉପସ୍ଥିତ ସମସ୍ତଙ୍କୁ ଅକ୍ଷୟଙ୍କ ଅମ୍ଳାନ ସ୍ମୃତିରେ ଭାବ ବିହ୍ୱଳ କରିଥିଲେ। ଉପସ୍ଥିତ କଣ୍ଠଶିଳ୍ପୀମାନେ କେଣେ ଘେନି ଯାଉଛ, ପୁଣ୍ୟର ନଦୀ ତୀରେ, ଯାରେ ଭାସି ଭାସି ଯା, ନଦୀ ତୋର, ଜହ୍ନ ହସିଲେ ଯୋଜନା, ଫୁଲେଇ ରାଣୀ, ଲଚକମଣି ଆଦି ଗୀତରେ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲେ। ରଞ୍ଜନ ବରାଳ, ରଞ୍ଜନ ବିଶ୍ୱାଳ, ଅମର ବିଶ୍ୱାଳ, ଅଜୟ ଜେନା, ବଳରାମ ମଲିକ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ। କେମ୍ ସଭାପତି ଅକ୍ଷୟ ପାଣି, ସମ୍ପାଦକ ଜାହିଦ୍ ଖାନ୍, ବଂଶୀଧର ମହାନ୍ତି, କେମ୍ ପ୍ରତିଷ୍ଠାତା ବିରଜା ରାଉତରାୟ, ସୁଶିଲ ସାମଲ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଭବାନୀ ପ୍ରସାଦ ଓଝା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ସୁଦୀର୍ଘ ୨୩ ବର୍ଷ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ।

## ସମବାୟ ସମିତିରେ ଧାନମଣ୍ଡି

**ରାଜନଗର,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରୟଜନଗର ବ୍ଲକ ସଦର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲ ଓ ରାଜନଗର ସେବା ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍ଘାଟନ କରିଥିଲେ। ଏହି ଉଦଘାଟନି ଉତ୍ସବରେ ସମିତିର ନିର୍ଦ୍ଦେଶକ ରବିନାରାୟଣ ଲେଙ୍କା, ଅକ୍ଷୟ କୁମାର ନାୟକ, ଗଣେଶ୍ୱର ସାହୁ, ଚିତ୍ତରଂଜନ ଦାସ, ଦାମୋଦର ସାମଲ, ଖଗେଶ୍ୱର ସେଠୀ, ମାଳତୀ ସ୍ୱାଇଁ, ରଞ୍ଜନ ପ୍ରଧାନ, ରାଜେନ୍ଦ୍ର କୁମାର ପଢ଼ିଆରୀ, ବିଜୟ କୁମାର ଗୁପ୍ତାଙ୍କ ସମେତ ମହିଷାସୁର ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ମହାନ୍ତି, ଚାଷୀ ଅରକ୍ଷିତ ପ୍ରଧାନ, ବାଇଧର ସେଠୀ, ଗୌରାଙ୍ଗ ରାଉତ, ନୀଳମଣି ସାହୁ, ବିର କିଶୋର ଜେନା, ଚକ୍ରଧର ବିଶ୍ୱାଳ, ପ୍ରଶାନ୍ତ ସାହୁ, ବିଜୟ କୁମାର ପ୍ରଧାନ, ବୈକୁଣ୍ଠ ରାଉତ, ମଙ୍ଗୁଳି ଦାସ, ଭୀମସେନ ସ୍ୱାଇଁ, ନୀଳମଣି ରାଉତ, କୁଳମଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି କାର୍ଯ୍ୟକ୍ରମକୁ ସମିତିର ସଂପାଦକ ଜ୍ଞାନ ରଂଜନ ନାୟକ, ପ୍ରେମାନନ୍ଦ ସାହୁ, ନିଗମାନନ୍ଦ ପଢ଼ିଆରୀ, ନିରାକାର ପରିଡ଼ା, ଦିବାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ନୁଧା ବସନ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି। ସମିତିର ସଭାପତି ରତ୍ନାକର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ମଣ୍ଡିକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା ଓ କର୍ମଚାରୀମାନେ ପରିଚାଳନା କରିଥିଲେ। ଏଥିରେ ସମିତିର ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ସେହିପରି ବାଲିସାହିପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଭାପତି ବଂଶୀଧର ବରାଳ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ।ଏଥିରେ ସମିତିର ସମ୍ପାଦକ ଅମର କୁମାର ବଳ, ବୈକୁଣ୍ଠ ବିହାରୀ ପରିଡା, ନବ କିଶୋର ପାତ୍ର, ସଚ୍ଚିଦାନନ୍ଦ ବଳ, ମୃତ୍ୟୁଞ୍ଜୟ ମିଶ୍ର, କୈଳାଶ ଜେନା, ସର୍ବେଶ୍ୱର ନାୟକ, ନିମାଇଁ ଚରଣ ରାଉତ, ଦୁର୍ଯ୍ୟାଧାନ ରାଉତ, ଦର୍ପନାରାୟଣ ରାଉତ, ନରହରି ମଲିକ, ଉମେଶ ଚନ୍ଦ୍ର ଦାସ, ସବିତା ବଳ, ସନ୍ଧ୍ୟା ରାଣୀ ପରିଡା ଏବଂ ଚାଷୀ ଭାଇମାନେ ଯୋଗଦେଇ ଥିଲେ। ସେହିପରି ଚନ୍ଦିବାଉଶମୂଳ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି।

## ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ

**କେନ୍ଦୁଝର,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



କଳା ଏବଂ ସଂସ୍କୃତି ଯେକୌଣସି ସମାଜର ଆତ୍ମା। ଏହା ଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା ଏବଂ ଆମର ସ୍ୱପ୍ନକୁ ପ୍ରତିଫଳିତ ହୋଇଥାଏ ବୋଲି ଆଜି ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

କେନ୍ଦୁଝର ଜିଲ୍ଲା ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ ଏବଂ ଏହାର ସମସ୍ତ ଆନୁସଙ୍ଗିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବ। ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଏହା କେବଳ ମନୋରଞ୍ଜନ କରେ ନାହିଁ ବରଂ ଶିକ୍ଷା ମଧ୍ୟ ଦିଏ। ଏହା ପ୍ରଶ୍ନ ପଚାରେ, ସଚେତନତା ବାଣ୍ଟେ ଆଉ ଦର୍ଶକଙ୍କୁ ଭାବ ସହିତ ସମାଜର ଭାବକୁ ଯୋଡ଼ିଥାଏ। ନାଟକ ମାଧ୍ୟମରେ ଆମେ ସହାନୁଭୂତି, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ଆତ୍ମପ୍ରକାଶ ଶିଖୁ ବୋଲି ସେ କହିଥିଲେ। ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟଶାଳାକୁ ଗଠନ କରିବାରେ ଏବଂ କଳାକାରମାନଙ୍କୁ ପିଢ଼ି ପରେ ପିଢି ଅଭିନୟ କଳା ସହିତ ଯୋଡି ରଖିବାରେ ଏକ ଐତିହାସିକ ଭୂମିକା ଗ୍ରହଣ କରିଛି। କେନ୍ଦୁଝର ପ୍ରକୃତି, ପରମ୍ପରା ଏବଂ ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ ଭୂମି। ଲୋକ ସଙ୍ଗୀତ ଏବଂ ନୃତ୍ୟଠାରୁ କାହାଣୀ କହିବା ଏବଂ ରୀତିନୀତି ପର୍ଯ୍ୟନ୍ତ, ଏହି ଜିଲ୍ଲା ଏକ ଗଭୀର ସାଂସ୍କୃତିକ ଐତିହ୍ୟ ବହନ କରେ। ଯେତେବେଳେ ଏନଏସଡି ଭଳି ଜାତୀୟ ପ୍ରତିଷ୍ଠାନ କେନ୍ଦୁଝର ଭଳି ଜିଲ୍ଲାକୁ ଆସନ୍ତି, ସେମାନେ ପାରମ୍ପରିକ ଏବଂ ଆଧୁନିକ କଳା ମଧ୍ୟରେ ସେତୁ ସ୍ଥାପନ କରିବାରେ ସାହାଯ୍ୟ କରନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଳାକୁ ଏବଂ କଳାକାରକୁ ଉଚିତ ସମ୍ମାନ ଦେଖାଇ ଆମ ସରକାର କଳାକାରମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଯୁବ ପ୍ରତିଭାକୁ ସମର୍ଥନ କରିବା, ପାରମ୍ପରିକ ରୂପ ସଂରକ୍ଷଣ କରିବା ଏବଂ ସୃଜନଶୀଳ ପ୍ରକାଶନ ପାଇଁ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶୃତିବଦ୍ଧ। ଆମେ ଚାହୁଁଛୁ ଯେ ଆମର ଯୁବପିଢ଼ି ବଡ଼ ସ୍ୱପ୍ନ ଦେଖୁ, କିନ୍ତୁ ସେମାନଙ୍କର ମୂଳ ସହିତ ଜଡିତ ରୁହନ୍ତୁ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ କହି ଆସୁଛନ୍ତି, 'ବିକାଶ ଭି, ବିରାଶତ ଭି'। ଆମ ସରକାର ଏହି ମାନତାରେ ଉଦବୁଦ୍ଧ ହୋଇ ବିକାଶ ଏବଂ ଓଡିଶାର ସାଂସ୍କୃତିକ ପରିଚୟକୁ ପ୍ରଚାର ପ୍ରସାର କରିବା ପାଇଁ କାର୍ଯ୍ୟରତ। ଓଡିଆ ଭାଷା, ଓଡିଆ ସଂସ୍କୃତି, ଓଡିଆ ପରମ୍ପରା ଅନନ୍ୟ। ଏହାର ସୁରକ୍ଷା ସହିତ ଏହାର ପ୍ରଚାରପ୍ରସାର ପାଇଁ ଆମ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଓଡିଶାର କୋଣ ଅନୁକୋଣରେ ଭରିରହିଛି ଲୋକ ସଙ୍ଗୀତ, ଲୋକ କଳାର ମଧୁର ମୂର୍ଚ୍ଛନା। ଏଥିସହିତ ଓଡିଶୀ ଏବଂ ଛଉ ପରି ଶାସ୍ତ୍ରୀୟ ନୃତ୍ୟରେ ଓଡିଶାର ଲୋକକଳା ସମୃଦ୍ଧ। ଆଦିବାସୀ ସଂସ୍କୃତି ଉତ୍କଳୀୟ ପରମ୍ପରା ସହିତ ଅଙ୍ଗାଙ୍ଗି ଭାବେ ଜଡିତ। ତେଣୁ ଜନଜାତିଙ୍କ କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଥିଲେ।

ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଏହି ସମାରୋହରେ ସାଂସଦ ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ବିଶାଳ ସିଂହ, ଏନ୍ଏସଡି କୁଳସଚିବ ପ୍ରଦୀପ ମହାନ୍ତି, ସ୍ୱିରିଜାର ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥି ଥିଲେ।

## 'ସୁକିନ୍ଦା ବିକାଶର ରଥ ଆଗକୁ ବଢ଼ିବ'

**କଳିଙ୍ଗନଗର,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଯାଜପୁର ଲୋକସଭାର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ଓଡ଼ିଶା ସରକାରଙ୍କ ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଣତିରା ପଞ୍ଚାୟତର ରାବଣା ଗାଁରେ ନବନିର୍ମିତ ମା' ଖଣ୍ଡୁରାଇ ମନ୍ଦିରର ମୁଖ୍ୟ ତୋରଣ ଓ ସୀମାବର୍ତ୍ତି କାନ୍ଥ (ବାଉଣ୍ଡରୀ ୱାଲ)ର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ରାବଣା ତିନିଛକରୁ ଏକ ବିରାଟ ପଟୁଆର ସହ ପଦଯାତ୍ରା କରି ମା' ଖଣ୍ଡୁରାଇଙ୍କ ପୀଠରେ ପହଞ୍ଚିଥିଲେ। ଧାର୍ମିକ ଆସ୍ଥା, ଉତ୍ସାହ ଓ ଉଲ୍ଲାସର ମାହୋଲ ମଧ୍ୟରେ ମା'ଙ୍କ ଆଶୀର୍ବାଦ ଗ୍ରହଣ ପରେ ଉଦଘାଟନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ, ମନ୍ତ୍ରୀ ପ୍ରତିନିଧି ପ୍ରଶାନ୍ତ ରାୟ, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ବିଜେପିର ବରିଷ୍ଠ ନାରୀ ନେତ୍ରୀ ବ୍ରତତି ସାମଲ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ଭାରି ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ,'ଦୀର୍ଘଦିନ ଧରି ଗ୍ରାମବାସୀମାନଙ୍କର ଥିବା ଏହି ଦାବି ପୂରଣ କରି ପାରି ମୁଁ ଅତ୍ୟନ୍ତ ଆନନ୍ଦିତ। ଏହି ଅଞ୍ଚଳର ସର୍ବାଙ୍ଗୀଣ ବିକାଶ ନିଶ୍ଚୟ ମୋର ପ୍ରାଥମିକତା ରହିବ।' ସେ ଆହୁରି କହିଥିଲେ ଯେ, ରାଜ୍ୟ ଓ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ଅଞ୍ଚଳ ଓ ଲୋକଙ୍କ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛି। ସୁକିନ୍ଦା ଓ ଆସପାସ ଅଞ୍ଚଳର ବିକାଶ ପାଇଁ ଅର୍ଥ କେବେ ବାଧା ସୃଷ୍ଟି କରିବ ନାହିଁ ଏବଂ ସୁକିନ୍ଦା ବିକାଶର ରଥ ଆଗକୁ ଅବିରତ ଭାବେ ବଢ଼ିବ।

## ଯୁବ ମହୋତ୍ସବ 'ମହକ'



**ଦଶପଲ୍ଲା,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲାର ଏକମାତ୍ର ଯୁବ ଅନୁଷ୍ଠାନ ସୀତାରାମ ୟୁଥ କ୍ଲବର ବାର୍ଷିକ ଉତ୍ସବ ତଥା ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ୩ଦିନ ବ୍ୟାପି କାର୍ଯ୍ୟକ୍ରମର ବୁଧବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବ ପାଇଁ ନିର୍ଦ୍ଧାରିତ ଏକ ସଭାରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ନାଟ୍ୟକାର ଗୁରୁ ପ୍ରସାଦ ମିଶ୍ର, ସମାଜ ସେବୀ ଆସ୍ଥା-ବଂଶୀଧର ନାହାକ, ସଭାପତି ଶ୍ରୀକାନ୍ତ ସାହୁ, ସମ୍ପାଦକ ଚନ୍ଦନ କୁମାର ସାହୁ, ଉପଦେଷ୍ଟା ତ୍ରିନାଥ ସାହୁ, ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ପରେ ଇଶାନା ଓ ସାଥିଙ୍କ ନୃତ୍ୟ ସହ ନାଟକ 'ଆହେ ନୀଳ ଶଇଳ' ଦର୍ଶକଙ୍କୁ ବିମୋହିତ କରିଥିବା ବେଳେ ପ୍ରଚ୍ଛଦରେ ପ୍ରଭା ରଞ୍ଜନ ଦାଶ, ବ୍ରଜେନ୍ଦ୍ର କୁମାର ଧଳଙ୍କ ଚମତ୍କାରିତା ବାରିହୋଇ ପଡୁଥିଲା। ଶେଷରେ କଣ୍ଠ ଶିଳ୍ପୀ ଶରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲିଟିଲ ଷ୍ଟାର ଗ୍ରୁପର ଶିଶୁ ଓ ଯୁବ ମହୋତ୍ସବ

**ନିମାପଡ଼ା,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡ଼ାର ଅଗ୍ରଣୀ ଶିଶୁ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୨୩ତମ ଶିଶୁ ଓ ଯୁବ ମହୋତ୍ସବ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଅଣ୍ଡିଆ ସାହି ଦକ୍ଷିଣେଶ୍ୱରୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ନିଜ ଭିତରେ ନିଜକୁ ଖୋଜି ନିଜ ରୁଚି ଅନୁଯାୟୀ ନିଜ ଭବିଷ୍ୟତ ନିଜେ ଗଢିବାକୁ ସଂକଳ୍ପ ନେଇଥିଲେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ପତ୍ରଲିଖନ ଆଦି ବିଭାଗରେ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଏଥିସହ ଗ୍ରୁପର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା ୨୦୨୬ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ବରିଷ୍ଠ ମଞ୍ଚ କଳାକାର ଗୌର ଦାସ, ଅଭିନେତ୍ରୀ କାବେରୀ ପାଢ଼ୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ରାଉତ, ସମାଜସେବୀ ସନ୍ତୋଷ ଓଝା ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ତଥା ଦେଶମାତୃକା ପାଇଁ କର୍ତ୍ତବ୍ୟ, ଦାୟିତ୍ୱ ଆଦି ସମ୍ବନ୍ଧରେ ଉଦବୋଧନ ଦେବାସହ ପିଲାମାନଙ୍କ ପ୍ରତିଭାକୁ ବେଶ ପ୍ରଂଶସା କରିଥିଲେ। ଅତିଥିମାନଙ୍କ ବିଭିନ୍ନ ମଜାଦାର ଓ ଶିକ୍ଷଣୀୟ ଅଭିନୟ ପିଲାମାନଙ୍କୁ ବେଶ ଆମୋଦ ଦେଇଥିଲା। ପରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଗ୍ରୁପ ପକ୍ଷରୁ ଅଜୟ ମିଶ୍ର, ବସନ୍ତ ସ୍ୱାଇଁ, ଉର୍ମିଳା ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକରେ ଜନଶୁଣାଣି



**କାକଟପୁର,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କାକଟପୁର ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପରିଚାଳିତ ଶିବିରରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ସଚ୍ଚିନ ପଟେଲ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ତହସିଲଦାର ଅଙ୍କିତା ଅନିନ୍ଦିତା, ବିଡ଼ିଓ ନାରାୟଣ ଦୀକ୍ଷିତି, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ଜଳ ଓ ପରିମଳ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁ ସମ୍ପଦ, ଶ୍ରମ, ମୃର୍ତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଉପସ୍ଥିତ ଅଧିକାରୀ ୧୧ଟି ଅଭିଯୋଗ ସମାଧାନ ସଙ୍ଗେ ସଙ୍ଗେ କରିଥିଲେ। ଅଭିଯୋଗ ଶୁଣାଣିରେ ଆବାସ ଯୋଜନା, ଭିନ୍ନକ୍ଷମଙ୍କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଅନ୍ତ୍ୟୋଦୟ ଗୃହରୁ ବଞ୍ଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ବିଭିନ୍ନ କାର୍ଯ୍ୟର ବିଲ ପୈଠ ସମ୍ବନ୍ଧୀୟ ସହ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ରେ ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ଜିଲ୍ଲାସ୍ତରୀୟ ସହ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ସମୀକ୍ଷା ବୈଠକରେ ରାଜସ୍ୱ ଆଦାୟକୁ ଗୁରୁତ୍ୱ

**ବ୍ରହ୍ମପୁର,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯେଉଁ ସବୁ ବିଭାଗକୁ ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଛି ତାହାକୁ ପୁରୁଣ କରିବାକୁ କୁହାଯାଇଛି। ଜିଲ୍ଲାରେ ବେଆଇନ ଭାବେ ବାଲି, ପଥର, ମରମ ଆଦି ବିଭିନ୍ନ ଖଣିଜ ସାମଗ୍ରୀ ଚୋରା ଚାଲାଣ ହେଉଥିବା ଅଭିଯୋଗ ଆସୁଛି ତେଣୁ ଅଧିକରୁ ଅଧିକ ଏନଫୋସମେଣ୍ଟ କରିବାକୁ କୁହାଯାଇଛି। ଏହାକୁ ଗୁରୁତ୍ୱ ଦେଇ ପୋଲିସ, ଖଣି ବିଭାଗ ଓ ତହସିଲାଦର ଏକ ଟିମ ଗଠନ କରି ମିଳିତ ଭାବେ ଚଢାଉ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଭୂମିହୀନଙ୍କୁ ଜମି ଯୋଗାଇ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା। ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳ ହେଉ ଯିଏ ବି ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଛନ୍ତି ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ଏହା ସହିତ ମ୍ୟୁଟେସନ କେସ ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଫଇସଲା କରିବାକୁ କୁହାଯାଇଛି। କଲମ ଟୁ ଆର ଆର କରେକ୍ସନ (ଜମି ପଟ୍ଟା ଗୁଡିକ ଅପଡେଟ) କାର୍ଯ୍ୟ କରିବା। ସରକାରୀ ସ୍କୁଲ, କଲେଜ ଓ ଡିଗ୍ରୀ କଲେଜ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବାକୁ କୁହାଯାଇଛି। ଗ୍ରାମ କଣ୍ଟକ ପଟ୍ଟାର ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଗ୍ରହଣ କରିବା ସହିତ ସିକିମ ଓ ବନ୍ଦୋବସ୍ତ ଭଳି ଜମିର ସମସ୍ୟାର ସମାଧାନ କରିବାକୁ ବୈଠକରେ କୁହାଯାଇଛି। ୯ ତହସିଲର ୨୩ ଗାଁରେ ହାଇଟେକ ସର୍ଭେ କାମକୁ ତୁରନ୍ତ ଆରମ୍ଭ କରିବା। ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବା ନିମନ୍ତେ ଏନଫୋସମେଣ୍ଟ ଟିମ ଗଠନ କରି ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି। ମାପ ଓ ଓଜନ ବିଭାଗକୁ ମଧ୍ୟ ସହରାଞ୍ଚଳ ଗୁଡିକରେ ଅଧିକରୁ ଅଧିକ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ। ସେହିପରି ସଡକ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ହେଲମେଟ ଚେକିଂ ସହିତ ଅଧିକରୁ ଅଧିକ ଏନଫୋସମେଣ୍ଟ କରିବାକୁ କୁହାଯାଇଥିଲା।

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ

**ବ୍ରହ୍ମପୁର,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଆଧୁନିକ ଓଡିଶାର ଅନ୍ୟତମ ନିର୍ମାତା ତଥା ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୬ତମ ଜନ୍ମ ଜୟନ୍ତୀ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ଠାରେ ମହା ଆଡମ୍ବରରେ ପାଳନ କରାଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅତିଥିମାନେ ରାଜା ରାମଚନ୍ଦ୍ରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିବା ସହ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉପରେ ପ୍ରାରମ୍ଭିକ ସୂଚନାରେ ରାଜା ରାମଚନ୍ଦ୍ର ଜଣେ ଅତ୍ୟନ୍ତ ପ୍ରଜାନୁବତ୍ସଳ ଓ ପ୍ରଗତିଶୀଳ ଚିନ୍ତାଧାରାର ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଗଞ୍ଜାମ ଏବଂ ଓଡିଶା ପାଇଁ ଅବଦାନ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୯୨୧ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ। ୧୯୨୩ ମସିହାରେ ତତ୍କାଳୀନ ମାନ୍ଦ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ ଅବହେଳିତ ଓଡିଶାବାସୀଙ୍କ ଉନ୍ନତିମୂଳକ କାର୍ଯ୍ୟରେ ମନୋନିବେଶ କଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ସେ ମନ ପ୍ରାଣ ଢାଳିଦେଇଥିଲେ। ମରୁଡି ମୁକାବିଲା, ଜଳସେଚନ ନିମନ୍ତେ ବନ୍ଧବାଡର ବ୍ୟବସ୍ଥା, ଗମନାଗମନ ନିମନ୍ତେ ଅନେକ ପୋଲ ସେ ନିର୍ମାଣ କରାଇଥିଲେ। ୧୯୩୧ ମସିହାରେ ଓଡିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡୋନେଲଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା। ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ୧୯୩୨ ମସିହାରେ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡୋନେଲ କମିଟି ସୁପାରିଶ୍ ଅସମିଚୀନ ଓ ଅଟଲୀ ସବ୍ କମିଟିର ସୁପାରିଶ୍ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେଉ ବୋଲି ଦାବୀ ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା। ଓଡିଶାର ଏହି ମହାନ ବରପୁତ୍ର ଜନକଲ୍ୟାଣ ପାଇଁ କରିଥିବା ଅନେକ କାର୍ଯ୍ୟ ପାଇଁ ଓଡିଶାବାସୀଙ୍କ ଜନମାନସରେ ସଦା ସ୍ମରଣୀୟ ହୋଇ ରହିଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଖଲ୍ଲିକୋଟ ବିଦ୍ୟାଳୟ ଓ ମହା ବିଦ୍ୟାଳୟକୁ ନିଜ ନାମରେ ନାମିତ ନ କରି ଖଲ୍ଲିକୋଟ ନାମରେ ନାମିତ କରିବାକୁ ପ୍ରବର୍ତ୍ତାଇ ଥିଲେ। ଏଥିରୁ ରାଜାଙ୍କ ମହାନତା ସମ୍ପର୍କରେ ସମସ୍ତେ ଅବଗତ ହେବା ଆଜିର ଦିନରେ ଆବଶ୍ୟକତା ରହିଛି ବୋଲି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଏ ବିଶ୍ୱମ୍ଭର କହିଥିଲେ। ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ

**କେନ୍ଦ୍ରାପଡା,୧୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜଳସେଚନ ବିଭାଜନ ପକ୍ଷରୁ ଜଣ୍ଟିଲୋ ଜଳସେଚନ ଡାକବଙ୍ଗଳା ପରିସରରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ-୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟ ରଶ୍ମିରଞ୍ଜନ ରାଉତ, ନିର୍ମଳା ମହାନ୍ତି, ଜିଲ୍ଲା ମୁଖ୍ୟ ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସ୍ୱାଇଁ, ଡ୍ରେନେଜ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ବିଜୟ ସେଠୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ନିର୍ମଳ କୁମାର ଜେନା, ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘ ସ୍ଥାୟୀ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା, ଜଳ ବଣ୍ଟନ ଜନିତ ବିବାଦର ଗଣତାନ୍ତ୍ରିକ ପଦ୍ଧତିରେ ଆପୋଷ ସମାଧାନ କରିବା ସମ୍ପର୍କରେ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଫସଲ ବିବିଧକରଣ, ଅର୍ଥକରୀ ଫସଲ ଯଥା ଡାଲି ଜାତୀୟ ଫସଲ ଉତ୍ପାଦନ, ଜଳବାୟୁ ଅନୁକୂଳ, ଚାଷ ପଦ୍ଧତି ଏବଂ ସମନ୍ୱିତ ଚାଷ ପଦ୍ଧତି ଉପଯୋଗ କରିପାରିଲେ କୃଷକମାନେ ନିଜ ଜୀବିକାର ମାନ ବୃଦ୍ଧି କରିପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ବ୍ରାଜିଲ ଭଳି ଦେଶର କୃଷକମାନେ ଚଣା ବା ଡାଲି ଜାତୀୟ ଫସଲ ଉତ୍ପାଦନ କରି ବିଦେଶକୁ ରପ୍ତାନି କରନ୍ତି ଓ ନିଜର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିଛନ୍ତି ବୋଲି ତାଙ୍କ ଅଭିଭାଷରେ କହିଥିଲେ। ସହାଭାଗୀ ଜଳସେଚନ ପରିଚାଳନା ମାଧ୍ୟମରେ ସମସ୍ତ ପାଣି ପଞ୍ଚାୟତର ସଦଶ୍ୟମାନେ ମିଳିମିଶି ସେଚ ଅଞ୍ଚଳରେ ସୁଷମ ତଥା ସମାନୁପାତିକ ଜଳବଣ୍ଟନକୁ ଗୁରୁତ୍ୱ ଦେବା, ସେଚ ଅଞ୍ଚଳରେ ଥିବା କ୍ଷେତ୍ର ନଳୀ ଓ ନିଷ୍କାସନ ନଳୀ ଇତ୍ୟାଦିର ରକ୍ଷଣାବେକ୍ଷଣ, ଖରିଫ ଋତୁର ବଳକା ଜଳକୁ ସଞ୍ଚୟ କରି ରବି ଋତୁରେ ଉପଯୋଗ ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୃତ୍ତିକା ସରଂକ୍ଷଣ ଓ ଏହାର ଉର୍ବରତା ତଦାରଖ ନିମନ୍ତେ ଚାଷୀମାନେ ପ୍ରାକୃତିକ ସାରର ବ୍ୟବହାରକୁ ଗୁରୁତ୍ୱ ଦେବା ଆବଶ୍ୟକ। ଆୟୋଜିତ ଏହି ଦିବସ ଉପଲକ୍ଷେ ଜଳସେଚନ ବିଭାଜନ ପକ୍ଷରୁ ଜିଲ୍ଲାସ୍ତରୀୟ ରଚନା, କୁଇଜ, ଚିତ୍ରକଳା, ବକ୍ତୃତା ଓ ମଡେଲ ପ୍ରତିଯୋଗିତାର ୧୪ ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୩୦୦୦, ୨୫୦୦, ୨୦୦୦ ଟଙ୍କାର ଅର୍ଥ ରାଶି ସହ ପ୍ରମାଣ ପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ, ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଭାବଗ୍ରାହୀ କଳା ନିକେତନ ସମ୍ପାଦକ ବିମଳ ପ୍ରସାଦ ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କଳାକାରମାନେ ସ୍ୱାଗତ ସଂଗୀତ, ବନ୍ଦେ ମାତରଂ ସଂଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଡେରାବିଶ ବ୍ଲକ ଅନ୍ତର୍ଗତ ମଣିପୁରା ଗ୍ରାମର ମହିଳା କୃଷକ କେତକୀ ପ୍ରଭା ସାହୁ ଶ୍ରେଷ୍ଠ କୃଷକ ଭାବେ ମନୋନିତ ହୋଇଛନ୍ତି ଓ ସେ ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ ହେବେ।


# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର 15th January, 2026 Thursday RNI Regd. No. ODIODI/2006/23033 Postal Regd. No. : BN/169/13-15


## ହାଇ ବିପିର କାରଣ

**ହେଲ୍‌ଥ ଟନିକ୍**



ଡାକ୍ତର ନର୍ସଙ୍କୁ ପଚାରିଲେ- ୭ନଂ ବେଡ୍‌ରେ ଥିବା ରୋଗୀର ବ୍ଲଡ୍ ପ୍ରେସର୍ ଚେକ୍ କରିଥିଲ ?

ନର୍ସ କହିଲା- ହଁ ସାର୍, କରିଥିଲି

- କେତେଥର ଚେକ୍ କରିଛ ?
- ସାର୍ ଚାରିଥର ।
- କ'ଣ ଜଣାପଡ଼ିଲା ? ନର୍ମାଲ ଅଛି ତ ?
- ନାଇଁ ସାର୍, ପ୍ରେସର୍ ଭିଷଣ ହାଇ ରହୁଛି

ଡାକ୍ତର କିଛି ସମୟ ଚିନ୍ତା କରିବା ପରେ କହିଲେ- ତା'ର ତ ଲୋ ପ୍ରେସର ଥିଲା, ହାଇ ହୋଇଯାଉଛି କେମିତି ?

ଏକ କହି ଡାକ୍ତର ନର୍ସଙ୍କୁ କିଛି ନିରୀକ୍ଷଣ କରିବା ପରେ ଗମ୍ଭୀର ଗଳାରେ କହିଲେ- ଶୁଣ, ଏଥର ସେ ରୋଗୀର ପ୍ରେସର ନେବାବେଳେ ତୁମ ଆପ୍ରନ୍‌ର ଉପର ବୋତାମ ୨ଟା ଲଗାଇ ସାରିବା ପରେ ପ୍ରେସର ଚେକ୍ କରି ମତେ ଜଣାଇବ ।

## ଚେସ୍ ମାଧ୍ୟମରେ ଶୈକ୍ଷିକ ଓ ସାମାଜିକ ବିକାଶ କରାଯାଇପାରେ: ଆନନ୍ଦ

**ଭୁବନେଶ୍ୱର,୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କିଟ୍‌ରେ ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍‌ଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଉଦ୍‌ଘାଟିନ କରିଥିଲେ । ଭାରତରେ କିଟ୍‌ରେ ପ୍ରଥମ ଥର ଲାଗି ଚେସ୍‌ର ଏଭଳି ମହାକୁମ୍ଭ ଅନୁଷ୍ଠିତ ହେଉଛି । ଏଫ୍‌ଆଇଡିଇ ଓ ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚେସ୍‌ର ଏହି ମହାକୁମ୍ଭରେ ଏଫ୍‌ଆଇଡିଇର ସଭାପତି ତଥା ଋଷର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆର୍କାଡି ଭର୍କୋବିଚ୍, ଏଫ୍‌ଆଇଡିଇର ଡେପୁଟି ଚେୟାର ତଥା ଲଟଭିଆର ପ୍ରାକ୍ତନ ଅର୍ଥମନ୍ତ୍ରୀ ଦାନା ରେଜନିସ୍, ଏଆଇସିଏଫ୍ ଉପସଭାପତି ଦିବ୍ୟେନ୍ଦୁ ବରୁଆ, ସିଇଓ ଦେବ ପଟେଲ୍ ଓ

**କିଟ୍‌ରେ ଚେସ୍ ମହାକୁମ୍ଭ**

ଅଭିଜିତ କୁନ୍ତେ, ସଂପାଦକ ଦେବ ପଟେଲ୍ ଓ ଇଭେଣ୍ଟ କମିସନ୍ ସଦସ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଛନ୍ତି । ଉଭୟ କିଟ୍ କ୍ୟାମ୍ପସ୍ ଓ ହୋଟେଲ୍ ମେ ଫେୟାରରେ ଏହି କାର୍ଯ୍ୟକ୍ରମ ଚାଲିବ ।

ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଆନନ୍ଦ କହିଲେ, ଚେସ୍ ମାଧ୍ୟମରେ ଶୈକ୍ଷିକ ଓ ସାମାଜିକ ବିକାଶ କରାଯାଇପାରେ । ଚେସ୍‌ରେ ମନୋନିବେଶ କଲେ ଜଣକର ବୌଦ୍ଧିକ, ଗଭୀର ଚିନ୍ତନ ଓ ସ୍ଥିରତା ବୃଦ୍ଧି ପାଇଥାଏ । ଏଥିପାଇଁ ଜଣକୁ ବୃତ୍ତିଗତ ଚେସ୍ ଖେଳାଳି ହେବାର ଆବଶ୍ୟକତା ନାହିଁ ।

ଶ୍ରୀ ଆର୍କାଡି ସୂଚନାଦେଇ କହିଲେ, ଏଭଳି ସମ୍ମିଳନୀ ପ୍ରଥମଥର ଲାଗି ଭାରତରେ ଆୟୋଜନ କରାଯାଇଛି । ସେହିପରି ଶ୍ରୀମତୀ ଦାନା କହିଲେ, ବିଦ୍ୟାଳୟସ୍ତରରେ ଚେସ୍‌କୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ସମେତ ସମସ୍ତଙ୍କର ସହଯୋଗ ଆବଶ୍ୟକ । ପ୍ରଥମଥର ଲାଗି କିସ୍ ତାର ପାଠ୍ୟକ୍ରମରେ ଚେସ୍‌କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଶକ୍ତି, ଦକ୍ଷତା ଏବଂ ମାନସିକତା ସ୍ଥିରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ ।

ଶ୍ରୀ ସାମନ୍ତ ସୂଚନା ଦେଇ କହିଲେ, ଓଡ଼ିଶାରେ ଚେସ୍‌କୁ ପରିଚୟ ଓ ପ୍ରୋତ୍ସାହନ କରିବା କ୍ଷେତ୍ରରେ କିଟ୍ ଓ କିସ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । କିଟ୍ ଯୋଗୁଁ ଆଜି ଓଡ଼ିଶାରୁ ଅନେକ ଗ୍ରାଣ୍ଡ ମାଷ୍ଟର, ଇଣ୍ଟରନ୍ୟାସ୍‌ନାଲ୍ ମାଷ୍ଟର ଭଳି ଚେସ୍ ତାରକା ତିଆରି




ହୋଇପାରିଛନ୍ତି । ପ୍ରଥମଥର ପାଇଁ ଓଡ଼ିଶାରେ ଏଭଳି ଅନ୍ତର୍ଜାତୀୟ ସମ୍ମଳନୀ ଆୟୋଜିତ ହେଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ଓଡ଼ିଶାରେ ଚେସ୍‌କୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ । କିଟ୍ ସହଯୋଗରେ ଏଭଳି ସମ୍ମିଳନୀ ପ୍ରଥମ ଥର ଲାଗି ଓଡ଼ିଶାରେ ଆୟୋଜନ କରାଯାଉଥିବାରୁ ସେ ଫିଡେ ଓ ଏଆଇସିଏଫ୍‌କୁ ଧନ୍ୟବାଦ ଜଣାଇଥିଲେ ।

ଏହି ଅବସରରେ କିଟ୍ ପରିସରରେ ଥିବା ଇଣ୍ଟରନ୍ୟାସ୍‌ନାଲ୍ ଚେସ୍ ହଲ୍ ଓ ଚେସ୍ ଗ୍ରାଉଣ୍ଡକୁ ବିଶ୍ୱନାଥନ ଆନନ୍ଦ ଉଦ୍‌ଘାଟନ କରିଥିଲେ । ପରେ ଶ୍ରୀ ଆନନ୍ଦ ଓ ଦାନା କିସ୍ ବୁଲି ଦେଖିଥିଲେ । କିସ୍ ପରିଦର୍ଶନ କରିବା ସମୟରେ ଶ୍ରୀ କିସ୍‌ରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଓ କ୍ୟାମ୍ପସ ଦେଖି ଅଭିଭୂତ ହୋଇଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ତାଙ୍କ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଥିଲେ । ପିଲାମାନଙ୍କୁ ଗୁରୁମନ୍ତ୍ର ଦେଇ ସେ କହିଲେ, ତୁମକୁ ଯାହା ଭଲ ଲାଗୁଛି, ଯେଉଁଥିରେ ତୁମେ ପାରଙ୍ଗମ ତାହା ତୁମେ କର ।

ଏହି ମେଗା ଇଭେଣ୍ଟରେ ଭାରତର ୮୦ ଚେସ୍ ତାରକାଙ୍କ ସମେତ ବିଶ୍ୱର ୪୦ଟି ଦେଶର ବିଶିଷ୍ଟ ଚେସ୍ ତାରକା ଯୋଗ ଦେଇଛନ୍ତି । ଏହି ମହାକୁମ୍ଭରେ ମୋଟ ୫ହଜାର ୨ଶହ ଖେଳାଳି ଅଂଶଗ୍ରହଣ କରୁଥିବା ବେଳେ ଭାରତର ୫ହଜାର ଚେସ୍ ଖେଳାଳି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ।

## ରୋହିତଙ୍କୁ ହଟାଇ ଶୀର୍ଷ ସ୍ଥାନରେ ବିରାଟ

**ନୂଆଦିଲ୍ଲୀ,୧୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ଟିମ୍‌ର କିଙ୍ଗ୍‌ଖ୍ୟାତ ଖେଳାଳି ବିରାଟ କୋହଲି ପୁଣି ନିଜର ଚମକ ଦେଖାଇଛନ୍ତି । ସେ ଅନ୍ୟତମ ସାଥୀ ଖେଳାଳି ରୋହିତ ଶର୍ମାଙ୍କୁ ପଛରେ ପକାଇ ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରେ ୧ନଂ ସ୍ଥାନ ଦଖଲ କରିନେଇଛନ୍ତି । ରୋହିତ ଶର୍ମା ୩ ନମ୍ବର ସ୍ଥାନକୁ ଖସି ଯାଇଛନ୍ତି । ରବିବାର ଖେଳା ଯାଇଥିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଭାରତର ପ୍ରଥମ ଦିନିକିଆ ପରେ ଆଜି ରାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି ।

ପ୍ରଥମ ଦିନିକିଆକୁ ଭାରତ ୪ ୱିକେଟରେ ଜିତି ନେଇଥିଲା । ଏହି ବିଜୟରେ ବିରାଟ ୯୧ ବଲରେ ୯୩ ରନର ଇନିଂସ ଖେଳିଥିଲେ । ଭାରତ ୩୦୧ ରନର ପିଛା କରୁଥିବା ବେଳେ ବିରାଟ ଖେଳିଥିଲେ ମ୍ୟାଚ ବିଜୟୀ ଇନିଂସ ।




ଏହି ଇନିଂସ ପରେ ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସର୍ବାକାଳୀନ ରେକର୍ଡ ଭାଙ୍ଗିବାର ଆହୁରି ନିକଟବର୍ତ୍ତୀ ହୋଇଛନ୍ତି ବିରାଟ । ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ହାସଲକାରୀ କ୍ରିକେଟରଙ୍କ ତାଲିକାରେ ବିରାଟ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଠାରୁ ବିରାଟ ନିଜର ଜଲୱା ଦେଖାଇ ଚାଲିଛନ୍ତି । ଶେଷ ୫ଟି ଦିନିକିଆରେ ସେ ଅପରାଜି ୭୪, ୧୩୫, ୧୦୨, ୬୫ ଓ ୯୩ ରନ କରିଛନ୍ତି । କ୍ରମାଗତ ଦମଦାର ପ୍ରଦର୍ଶନ କରୁଥିବାରୁ ବିରାଟ କୋହଲି ଦୀର୍ଘ ୪ ବର୍ଷ ପରେ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି । ୨୦୨୧ ଜୁଲାଇ ମାସ ପରେ ବିରାଟ ପ୍ରଥମଥର ରାଙ୍କିଙ୍ଗର ୧ନଂ ସ୍ଥାନକୁ ଉଠିଛନ୍ତି ।

୨୦୦୮ରୁ ଭାରତ ପାଇଁ କ୍ରିକେଟ ଖେଳି ଚାଲିଥିବା ବିରାଟ ୨୦୧୩ ଅକ୍ଟୋବର ମାସରେ ପ୍ରଥମଥର ଆଇସିସି ଦିନିକିଆ ରାଙ୍କିଙ୍ଗର ୧ନମ୍ବର ସ୍ଥାନରେ ପହଞ୍ଚିଥିଲେ । ମୋଟ ଉପରେ ସେ ୧୧ଥର ଶୀର୍ଷ ସ୍ଥାନ ଦଖଲ କରିଥିବା ବେଳେ ୮୨୫ ଦିନ ଏହି ସ୍ଥାନରେ ରହିଛନ୍ତି । ଏହା ବିଶ୍ୱରେ ୧୦ମ ଦୀର୍ଘତମ ଓ ଭାରତୀୟଙ୍କ ମଧ୍ୟରେ ସବୁଠାରୁ ଅଧିକ ।

ବିରାଟ ଶୀର୍ଷ ସ୍ଥାନକୁ ଉଠିଥିବା ବେଳେ ରୋହିତ ୩ ନମ୍ବରକୁ ଖସିଛନ୍ତି । ପୂର୍ବରୁ ୩ ନମ୍ବରରେ ଥିବା ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲ ୨ୟ ସ୍ଥାନକୁ ଉଠିଛନ୍ତି । ଭାରତ ବିପକ୍ଷ ପ୍ରଥମ ଦିନିକିଆରେ ମିଚେଲ ୭୧ ବଲରେ ୮୪ ରନର ଇନିଂସ ଖେଳିଥିଲେ । ବିରାଟ ୭୮୫ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ୭୮୪ ପଏଣ୍ଟ ସହ ମିଚେଲ ଦ୍ୱିତୀୟରେ ରହିଛନ୍ତି । ରୋହିତଙ୍କ ପଏଣ୍ଟ ସଂଖ୍ୟା ୭୭୫ ରହିଛି । ପୂର୍ବରୁ ବ୍ୟାଟିଂ ରାଙ୍କିଙ୍ଗର ୪ର୍ଥ ସ୍ଥାନରେ ଆଫଗାନିସ୍ତାନର ଇବ୍ରାହିମ ଜର୍ଦାନ ଓ ୫ମରେ ଭାରତର ଶୁବମନ ଗିଲ ଅଛନ୍ତି । ୧୦ ନମ୍ବରା ଭାରତର ଶ୍ରେୟସ ଆୟର ଓ ୧୧ ନମ୍ବରରେ କେଏଲ ରାହୁଲ ରହିଛନ୍ତି ।

## ମାଞ୍ଜା ସୂତାରେ ବେକ କଟି ବାଇକ ଆରୋହୀଙ୍କ ମୃତ୍ୟୁ

**ବେଙ୍ଗାଲୁରୁ,୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଡି ଉଡାଇବାକୁ ବ୍ୟବହାର ହେଉଥିବା ଘାତକ ମାଞ୍ଜା ସୂତା ଗୋଟିଏ ପରିବାରକୁ ଉଜାଡି ଦେଇଛି । ଚାଇନିଜ ମାଞ୍ଜା ସୂତା ଉପରେ ସରକାର ବ୍ୟାନ ଲଗାଇଛନ୍ତି । ହେଲେ ମକର ସଂକ୍ରାନ୍ତିରେ ଲୋକମାନେ ମାଞ୍ଜା ସୂତାରେ ଗୁଡି ଉଡାଇ ନିୟମର ଧଜିଆ ଉଡାଇଛନ୍ତି ।

କର୍ଣ୍ଣାଟକାରେ ଜଣେ ନିରହୀ ବାଇକ ଆରୋହୀ ଏହାର ଶିକାର ହୋଇଛନ୍ତି । ୪୮ ବର୍ଷୀୟ ବ୍ୟକ୍ତି ଜଣଙ୍କ ବାଇକରେ ଯାଉଥିବା ବେଳେ ମାଞ୍ଜା ସୂତାରେ ତାଙ୍କ ତଣ୍ଟି କଟି ଯାଇଥିଲା । ସେ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡି ଛଟପଟ ହେବା ପରେ ଝିଅକୁ ଫୋନ କରିଥିଲେ । ଏହାପରେ ସେ ସବୁଦିନ ପାଇଁ ସମସ୍ତଙ୍କୁ ଛାଡି ପରପାରିକୁ ଚାଲି ଯାଇଛନ୍ତି ।

କର୍ଣ୍ଣାଟକାର ବିଦାର ଜିଲ୍ଲା ଅନ୍ତର୍ଗତ ତାଲାମାଡାଗି ବ୍ରିଜ ନିକଟ ରାସ୍ତାରେ ୪୮ ବର୍ଷୀୟ ସଞ୍ଜୁ କୁମାର ହୋସମଣି ବାଇକରେ ଯାଉଥିଲେ । ଏହି ସମୟରେ ଅନେକ ଲୋକ ସେଠାରେ ମକର ସଂକ୍ରାନ୍ତି ପାଇଁ ଗୁଡି ଉଡାଉଥିଲେ । ସଞ୍ଜୁ କୁମାର ରାସ୍ତାରେ ଯାଉଥିବା ବେଳେ ହଠାତ୍ ଗୋଟିଏ ଗୁଡିର ମାଞ୍ଜା ସୂତା ସିଧା ତାଙ୍କ ତଣ୍ଟିରେ ଲାଗି ଯାଇଥିଲା ।

ସୂତାରେ ତାଙ୍କ ଏମିତି କଟିଥିଲା ଯେ ସେ ବାଇକରୁ ସିଧା ତଳେ ପଡିଥିଲେ । ମାଞ୍ଜା ସୂତାରେ କଟିଥିବା ସ୍ଥାନରୁ ପିଚପିଚ ହୋଇ ରକ୍ତ ବାହାରିବାରେ ଲାଗିଥିଲା । ରାସ୍ତାରେ ପଡି କିଛି କ୍ଷଣ ପାଇଁ ସଞ୍ଜୁ କୁମାର ଛଟପଟ ହୋଇଥିଲେ । ରକ୍ତାକ୍ତ ଅବସ୍ଥାରେ ମଧ୍ୟରେ ସେ ନିଜ ମୋବାଇଲରୁ ଝିଅକୁ ଫୋନ କରି କଥା ହୋଇଥିଲେ । ରକ୍ତ ଜୁଡୁବୁଡୁ




ଅବସ୍ଥାରେ ସଞ୍ଜୁ କୁମାର ମୋବାଇଲରୁ ଝିଅକୁ ଫୋନ କରୁଥିବା ବେଳର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି ।

ସଞ୍ଜୁ କୁମାରଙ୍କ ଏପରି ଅବସ୍ଥା ଦେଖି ସେହି ବାଟେ ଯାଉଥିବା ଜଣେ ବ୍ୟକ୍ତି ଅଟକି ଥିଲେ । ସେ ତୁରନ୍ତ କଟି ଯାଇଥିବା ସ୍ଥାନରୁ ବାହାରୁଥିବା ରକ୍ତକୁ ବନ୍ଦ କରିବା ପାଇଁ କପଡାର ବ୍ୟବହାର କରିଥିଲେ । ସେହିପରି ଆଉ ଜଣେ ବ୍ୟକ୍ତି ଆମ୍ବୁଲାନ୍ସକୁ ମଧ୍ୟ ଖବର ଦେଇଥିଲେ । ହେଲେ ଆମ୍ବୁଲାନ୍ସ ଆସିବା ବେଳକୁ ସଞ୍ଜୁ କୁମାରଙ୍କ ମୃତ୍ୟୁ ହୋଇ ସାରିଥିଲା । ଘଟଣାକୁ ନେଇ ସଞ୍ଜୁ କୁମାରଙ୍କ ସମ୍ପର୍କୀୟମାନେ ସ୍ଥାନୀୟ ପ୍ରଶାସନ ଉପରେ କ୍ଷୁବ୍ଧ ହୋଇଛନ୍ତି । ଯଦି ଠିକଣା ସମୟରେ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଥାଆନ୍ତା, ତା'ହେଲେ ସଞ୍ଜୁ କୁମାରଙ୍କ ଜୀବନ ବଞ୍ଚି ଯାଇଥାଆନ୍ତା ବୋଲି ସେମାନେ କହିଛନ୍ତି ।

ଘଟଣା ବିରୋଧରେ ସ୍ଥାନୀୟ ଲୋକ ଓ ସଞ୍ଜୁ କୁମାରଙ୍କ ସମ୍ପର୍କୀୟ ବେଶ କିଛି ସମୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମାଞ୍ଜା ସୂତା ବ୍ୟବହାରକାରୀଙ୍କ ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମାନ୍ନା ଇଖେଲ୍ଲି ପୁଲିସ୍ ଷ୍ଟେସନରେ ଏନେଇ ଗୋଟିଏ ମାମଲା ରୁଜୁ ହୋଇଛି ଓ ପୁଲିସ୍ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି ।

## ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ



**ପାଟଣା,୧୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣ୍ୟତୋୟା ବୈତରଣୀରେ ମକର ବୁଡ ପକାଇଛନ୍ତି । କେନ୍ଦୁଝର ଜିଲ୍ଲା ପାଟଣାରେ ଥିବା ବୈତରଣୀ ନଦୀର ଶୈବ୍ୟା କାବେରୀ ଘାଟରେ ପତ୍ନୀଙ୍କ ସହ ମୁଖ୍ୟମନ୍ତ୍ରୀ ବୁଡ ପକାଇଛନ୍ତି । ବୁଡ ପକାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଘୁନାଥଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି ।

ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ପାଟଣା ରାଜନଗର ବୈତରଣୀ ନଦୀରେ ୭ ଥର ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିପାଇଁ ପାଟଣା ବୈତରଣୀ ନଦୀର ଶୈବ୍ୟା କାବେରୀ ଘାଟ ହୋଇ ଉଠିଥିଲା ଲୋକାରଣ୍ୟ । ମୁଖ୍ୟମନ୍ତ୍ରୀଙ୍କର ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ୭ଥର ମକର ସ୍ନାନ କରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଜଳ ଅର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର ସହଧର୍ମିଣୀ । ଏଥିସହ, ନଦୀକୂଳରେ ପ୍ରଭୁ ରଘୁନାଥଜୀଉଙ୍କ ଦର୍ଶନ ସହ ମକର ପିଠା ଖାଇଥିଲେ । ଏହି ଅବସରରେ ପ୍ରଭୁଙ୍କ ନିକଟରେ ଜିଲ୍ଲାରେ ଶିଳ୍ପର ବିକାଶ ସହ, ଜିଲ୍ଲା ତଥା ରାଜ୍ୟର ସାମଗ୍ରିକ ବିକାଶ କାମନା କରିଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୁଲିସ ଏବଂ ଅଗ୍ନିଶମ ବିଭାଗ ସୁରକ୍ଷା ଯାଞ୍ଚ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ତେଲୋକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ ଏବଂ ତାଙ୍କର ଦୁଇ ବାଲ୍ୟବନ୍ଧୁ ମଧ୍ୟ ମକର ବୁଡ଼ ପକାଇଥିଲେ । ସୂଚନାଯୋଗ୍ୟ, ଗତବର୍ଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈତରଣୀ ନଦୀର ଅନସୂୟା ତୀର୍ଥ ଘାଟରେ ବୁଡ ପକାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ଦୁଇଜଣ ବନ୍ଧୁ ମଧ୍ୟ ବୈତରଣୀରେ ବୁଡ ପକାଇଥିଲେ । ପୂର୍ବରୁ ମଧ୍ୟ ୨୦୨୨ରେ ବିଧାୟକ ଥିବା ବେଳେ ପାଟଣାରେ ଥିବା ବୈତରଣୀ ନଦୀର ଅନସୂୟା ତୀର୍ଥ ଘାଟରେ ବୁଡ ପକାଇଥିଲେ ସେ ।

## ଶ୍ରୀମନ୍ଦିରରେ ଧାଡ଼ିରେ ମହିଳା ଅସୁସ୍ଥ

**ପୁରୀ,୧୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରରେ ଅସୁସ୍ଥ ହୋଇପଡ଼ିଲେ ମହିଳା ଶ୍ରଦ୍ଧାଳୁ । ଧାଡ଼ିରେ ଠିଆ ହୋଇଥିବା ସମୟରେ ମହିଳା ଶ୍ରଦ୍ଧାଳୁ ଅସୁସ୍ଥ ହୋଇପଡ଼ିଥିଲେ । ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ଧାଡ଼ିରେ ଠିଆ ହୋଇଥିଲେ ମହିଳା ଶ୍ରଦ୍ଧାଳୁ । ଅସୁସ୍ଥ ଶ୍ରଦ୍ଧାଳୁଙ୍କୁ ତୁରନ୍ତ ପୋଲିସ କର୍ମଚାରୀ ମାନେ ଉଦ୍ଧାର କରି ଷ୍ଟ୍ରେଚର ଯୋଗେ ଚିକିତ୍ସା ପାଇଁ ଶ୍ରୀମନ୍ଦିର ପ୍ରଶାସନର ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ତାଙ୍କ ଚିକିତ୍ସା କରାଯାଇଥିଲା ସେପଟେ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ସମ୍ପନ୍ନ ହୋଇଛି । ବଡ଼ ମହାସ୍ନାନ ନୀତି ପରେ ଦର୍ଶନ ସ୍ୱାଭାବିକ ହେଲା । ଏଥିଯୋଗୁଁ ଦେଢ଼ ଘଣ୍ଟା ଧରି ଦର୍ଶନ ବନ୍ଦ ରହିଥିଲା । ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବାରୁ ଠାକୁରଙ୍କ ବଡ଼ ମହାସ୍ନାନ ହୋଇଥିଲା ।

## ଆଗ୍ନେୟଗିରିରେ ବିସ୍ଫୋରଣ: ବହିଲା ନିଆଁର ନଦୀ

**ନୂଆଦିଲ୍ଲୀ,୧୪।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ହାୱାଇର କିଲାଉଏରେ ଦୀର୍ଘଦିନ ଧରି ରହିଥିବା ଏକ ସକ୍ରିୟ ଆଗ୍ନେୟଗିରିରେ ବିସ୍ଫୋରଣ ହୋଇଛି । ଯାହାର ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି । ଏଥିରେ ଦେଖିବାକୁ ମିଳିଛି ଯେ, ମାଟି ତଳୁ ପ୍ରଚଣ୍ଡ ଶବ୍ଦ କରି ନିଆଁ ବାହାରୁଛି । ଏହା ପ୍ରାୟ ୧୫୦୦ଫୁଟ୍ ବା ୪୬୦ମିଟର ଯାଏଁ ଉପରକୁ ଉଠୁଛି । ଏହାର ଧୂଆଁ ଏବଂ ପାଉଁଶ ୨୦ହଜାର ଫୁଟ୍ ଯାଏଁ ଆକାଶକୁ ବ୍ୟାପିଯାଇଛି ।

ପ୍ରାୟ ୧୦ଘଣ୍ଟା ଧରି ଆଗ୍ନେୟ ଉଦଗୀରଣ ହୋଇଥିଲା । ଫଳରେ ଲାଭାର ନଦୀ ପ୍ରବାହିତ ହୋଇଛି । ଏଥିରୁ ନିର୍ଗତ ଗ୍ୟାସ ଏବଂ ପାଉଁଶ ଆକାଶରେ କୁହୁଡିର ଭ୍ରମ ସୃଷ୍ଟି କରିଛି । ଯେଉଁଥିପାଇଁ ହାୱାଇ ପ୍ରଶାସନ ଲୋକଙ୍କୁ ସତର୍କ ରହିବାକୁ କହିଛି । ଏହାସହ ମାସ୍କ ପରିଧାନ ପାଇଁ ପରାମର୍ଶ ଦିଆଯାଇଛି । ଏହାସହ ଆଗ୍ନେୟଗିରିରୁ କାଚ ଭଳି ଅତି କ୍ଷୁଦ୍ର ବସ୍ତୁ ବାହାରିଛି । ଯାହା ଜନତାଙ୍କ ଆଖିରେ ପଶିବାର ଆଶଙ୍କା ରହିଛି । ଏପରିକି ନିଶ୍ୱାସରେ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିପାରେ ।

ସୂଚନାଯୋଗ୍ୟ, ବର୍ଷେ ହେଲା ହାୱାଇର କିଲାଉଏରେ ଆଗ୍ନେୟ ଉଦଗୀରଣ ହୋଇଚାଲିଛି । ପୂର୍ବରୁ ଅଳ୍ପ ମାତ୍ରାରେ ଲାଭା ବାହାରୁଥିଲା । କିନ୍ତୁ ଏଥର ଏହା ଅଧିକ ଭୟଙ୍କର ରୂପ ଧାରଣ କରିଛି । ୧୯୮୩ରେ ଏଠାରୁ ମାସ ମାସ ଧରି ନିଆଁର ନଦୀ ବାହାରିଥିଲା । ଯାହା ସେତେବେଳେ ଅନେକ ପରିମାଣର କ୍ଷୟକ୍ଷତି କରିଥିଲା ।

## ପ୍ରଥମ ପୃଷ୍ଠାରୁ...

### ଇରାନ ଛାଡ଼ିବାକୁ...

ପହଞ୍ଚିଥିବା ବେଳେ ମୁଦ୍ରା ରସାତଳକୁ ଖସି ଯାଇଛି । ଦେଶର ଆର୍ଥିକ ସ୍ଥିତି ପୂରା ବିଗିଡି ଯାଇଥିବାରୁ ଇରାନବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି । ସେମାନେ ଖାମେନେଇ ସରକାରକୁ ବଦଳାଇବା ଜିଦରେ ୨୦ ଦିନ ହେଲା ବିକ୍ଷୋଭ ଜାରି ରଖିଛନ୍ତି । ଦେଶର ପ୍ରାୟ ୨୮୦ଟି ସ୍ଥାନରେ ସରକାର ବିରୋଧରେ ଆନ୍ଦୋଳନ ଚାଲିଛି ।

### ଆଦିତ୍ୟ ସାହୁ...

ଘୋଷଣା କରିଛନ୍ତି । ରାଜ୍ୟରୁ ୨୧ଟି ଜାତୀୟ ପରିଷଦ ସଦସ୍ୟ ପଦବୀ ପାଇଁ ନିର୍ବାଚିତ ପ୍ରମୁଖ ନେତାଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା, ରଘୁବର ଦାସ, ମଧୁ କୋଡା ଏବଂ ଚମ୍ପାଇ ସୋରେନ, ସାଂସଦ ସଞ୍ଜୟ ସେଠ, ଦୀପକ ପ୍ରକାଶ, କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ପୂର୍ବତନ ସାଂସଦ କାରିଆ ମୁଣ୍ଡା ଏବଂ ଗୀତା କୋଡା ଅନ୍ତର୍ଭୁକ୍ତ । ଜୁଏଲ ଓରାମ କହିଛନ୍ତି, 'ଝାଡ଼ଖଣ୍ଡ ରାଜ୍ୟ ସଭାପତି ପଦ ପାଇଁ ମୁଁ କେବଳ ଗୋଟିଏ ନାମାଙ୍କନ ପାଇଥିଲି । ଯାଞ୍ଚ ଏବଂ ରାଷ୍ଟ୍ରୀୟ ସଭାପତିଙ୍କ ଅନୁମୋଦନ ପରେ, ମୁଁ ଆଦିତ୍ୟ ସାହୁଙ୍କୁ ଝାଡ଼ଖଣ୍ଡ ବିଜେପିର ସଭାପତି ଭାବରେ ଘୋଷଣା କରୁଛି ।' ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାରାଣ୍ଡିଙ୍କ ସ୍ଥାନରେ ସାହୁଙ୍କୁ ଦଳର ରାଜ୍ୟ ସଭାପତି ଭାବରେ ନିଯୁକ୍ତି ଦିଆଯାଇଛି । ବାବୁଲାଲ ମାରାଣ୍ଡି ବିଧାନସଭାରେ ବିରୋଧୀ ଦଳର ନେତା ଅଛନ୍ତି । ଅକ୍ଟୋବର ୩ ତାରିଖରେ, ବିଜେପି ଆଦିତ୍ୟ ସାହୁଙ୍କୁ ଏହାର ଝାଡ଼ଖଣ୍ଡ ୟୁନିଟର କାର୍ଯ୍ୟକାରୀ ସଭାପତି ଭାବରେ ନିଯୁକ୍ତ କରିଥିଲା । ଝାଡ଼ଖଣ୍ଡ ବିଜେପି ସଭାପତି ଭାବରେ ଆଦିତ୍ୟ ସାହୁଙ୍କ ନାମ ଘୋଷଣା ପରେ ଦଳୀୟ କର୍ମୀ, ନେତା ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି । ଶୁଭେଚ୍ଛାର ସୁଅ ଛୁଟିଛି ।

### ମାଞ୍ଜାସୂତା ଲାଗି...

ବର୍ତ୍ତି ଯାଇଥିବା ସୂଚନା ରହିଛି । ଖବରପାଇ ଟାଉନ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରୁଛି । ସହରରେ ଗୁଡ଼ି ବିକ୍ରି ହେଉଥିବା ବିଭିନ୍ନ ଦୋକାନରେ ପୋଲିସ ଚଢାଉ କରି କିଛି ପରିମାଣରେ ମାଞ୍ଜା ସୂତାକୁ ଜବତ କରିଥିବା ନେଇ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁଙ୍କ ସୂଚନାରୁ ଜଣାପଡିଛି ।

### ବିଷ ଇଞ୍ଜେକସନ...

କରିଥିଲେ । ବିଷ ଯୁକ୍ତ ବିସ୍କୁଟ ଓ ବିଷାକ୍ତ ଇଞ୍ଜେକେସନ ଦେଇ ବୁଲା କୁକୁରମାନଙ୍କୁ ହତ୍ୟା କରିବା ପାଇଁ ୩ ଜଣ ଘରୋଇ କଣ୍ଟ୍ରାକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଥିଲା । ହାନମକୋଣ୍ଡା ପୁଲିସର କହିବା କଥା ଯେ ସମସ୍ତ ୧୫ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ପଶୁ ଅତ୍ୟାଚାର ନିରୋଧ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି । ସେହିପରି କିଛି କନିଷ୍ଠ କର୍ମଚାରୀଙ୍କୁ ଅଟକ ରଖି ଜେରା କରାଯାଉଛି । ୭ ଜଣ ସରପଞ୍ଚଙ୍କୁ ହାଜର ହେବାକୁ ନୋଟିସ କରାଯାଇଛି ।

### ବିଶୃଙ୍ଖଳିତ ସେବାୟତଙ୍କ...

ଏଥିପାଇଁ ମକର ସଂକ୍ରାନ୍ତି ପୂର୍ବ ଦିନ କ୍ଷୀର ଆଉଟା ନୀତି ହୋଇଥାଏ । ସନ୍ଧ୍ୟାଧୂପ ପରେ ଶ୍ରୀ ଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଓ ଶ୍ରୀ ବାସୁଦେବଙ୍କ ଚଳନ୍ତି ପ୍ରତିମା ମନ୍ଦିର ପରିସରରେ ଥିବା ଭୁବନେଶ୍ୱରୀ ମନ୍ଦିରକୁ ଯାଇଥା'ନ୍ତି । ଏହି କ୍ରମରେ ଗତକାଲି ସନ୍ଧ୍ୟା ଧୂପ ପାଇଁ ବେଶ ସରିଥିଲା ।

ବ୍ରାହ୍ମଣ ନିଯୋଗ ସେବାୟତ ଠା'(ଭୋଗ ସରଞ୍ଜାମ ସଜାଡିଥିଲେ) । ତେବେ ମେଘଡମ୍ବରୁ ଓ କ୍ଷୀର ଆସି ନ ଥିବା ବେଳେ ମନ୍ଦିର ପ୍ରଶାସନର ଅଧିକାରୀ ଅନୁପସ୍ଥିତ ଥିବା ଅଭିଯୋଗ କରି ଚର୍ଚ୍ଚେଇତ ସେବାୟତ ମନ୍ଦିର ଗର୍ଭଗୃହକୁ ଭୋଗ ପୂରାଇବାକୁ ମନା କରିଥିଲେ । ଏହାର କିଛି ସମୟ ପରେ ମେଘଡମ୍ବରୁ ଆସିଥିଲେ ହେଁ କ୍ଷୀର ଆସି ନଥିବା କଥା କହିଥିଲେ । ଗତବର୍ଷ ଏହି ତିଥିରେ କ୍ଷୀର ଆଉଟା ନୀତିକୁ ନେଇ ଠାକୁର ମନ୍ଦିର ବାହାରକୁ ଯିବା ପରେ ନୀତି ବିବାଦ ହୋଇ ଠାକୁର ବାହାରେ ଉପବାସରେ ରହିଥିଲେ । ଏଣୁ ମନ୍ଦିର ଅଧିକାରୀ ଆସିଲେ ନୀତି ଅଗେଇବ ବୋଲି ଚର୍ଚ୍ଚେଇତ ସେବାୟତ କହିଥିଲେ । ଏହାପରେ ସେଠାରେ ଠା' ଅଟକିଥିଲା । ରାତି ସାଢ଼େ ୯ଟା ପରେ ବଡୁ ସେବାୟତ ମନ୍ଦିର ପହୁଡ ପକାଇ ଦେଇଥିଲେ । ଫଳରେ ଠାକୁରଙ୍କ ନୀତି ଆଉ ହୋଇପାରିନାହିଁ ।

### ପଶ୍ଚିମବଙ୍ଗରେ ନିପା...

ପଶୁଠାରୁ ମଣିଷକୁ ରୋଗ ବ୍ୟାପିବାର ଆଶଙ୍କା ବଢିଛି । ତେଣୁ ଏଭଳି ରୋଗ ବା ଜୁନୋଟିକ୍ ଡିଜିଜ୍‌ର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଏକ ରଣନୀତି ପ୍ରସ୍ତୁତ କରିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି । ୨୦୨୩ ମସିହାରେ ଏ ସମ୍ପର୍କିତ ଏକାଧିକ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ୱାନ୍ ହେଲଥ୍ କାର୍ଯ୍ୟକ୍ରମ ଜରିଆରେ ଜୁନୋଟିକ୍ ରୋଗ ମୁକାବିଲା ପାଇଁ ରାଜ୍ୟର ୭ଟି ସେଣ୍ଟିନେଲ୍ ସାଇଟ୍ ରେ ଲ୍ୟାବ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି କରାଯାଇଛି । ଏହା ସହ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଆକ୍ସନ୍ ପ୍ରସ୍ତୁତ ହେବା ସହ କେଉଁ ଜୁନୋଟିକ୍ ରୋଗ ଅଧିକ ବ୍ୟାପୁଛି ତାହାର ମ୍ୟାପିଂ କରାଯିବ । ତେବେ ଏହି ଯୋଜନା ଉପରେ କଣ ପଦକ୍ଷେପ ନିଆଯାଇଛି ତାହା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗରେ କିଛି ସ୍ପଷ୍ଟ ସୂଚନା ନାହିଁ ।

### ମଦ ପିଆଇ ଟ୍ୟୁମର...

ଭାଇରାଲ ଭିଡିଓରେ, ପୀଡିତା ପୋଲିସ ସମ୍ମୁଖରେ କାନ୍ଦି କାନ୍ଦି କହୁଥିବାର ଦେଖାଯାଉଛି । ସେ ମୋତେ ପିଟିଥିଲେ ଏବଂ ମୋ ପ୍ରତି ଅନ୍ୟାୟ କରିଥିବା କଥା କହିଛନ୍ତି । ପୀଡିତା ପୋଲିସକୁ ଏହା ମଧ୍ୟ କହିଛନ୍ତି ଯେ ଅଭିଯୁକ୍ତ ତାଙ୍କୁ ଗୁଳି କରିବାକୁ ଧମକ ଦେଇଥିଲେ । ତାଙ୍କର ବ୍ରେନ ଟ୍ୟୁମର ରହିଥିବା ନେଇ ମଧ୍ୟ ସେ ସ୍ପଷ୍ଟ କରିଛନ୍ତି । ଏହି ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

### ସାକ୍ଷୀଗୋପିନାଥ ମନ୍ଦିରରେ...

ବନ୍ଦପନା କରିଥିଲେ । ମକର ଭାରରେ ପ୍ରସ୍ତୁତ ମକର ଚାଉଳ ପ୍ରଥମେ ପ୍ରଭୁ ସାକ୍ଷୀଗୋପୀନାଥ ଓ ମା ଶ୍ରୀରାଧାଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରାଯାଇ ବଳି ଆଟିକାରେ ନବାଙ୍କ ଚଣ୍ଡ ପ୍ରଦାନ କରାଯାଇଥିଲା । ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ମନ୍ଦିର ବେଢା ମଧ୍ୟରେ ମକର ଚାଉଳ ଭୋଗ ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ ।

## ପୋଙ୍ଗଲ ପାଇଁ କଟକ ସହର ଉତ୍ସବ ମୁଖର

**କଟକ,୧୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପବିତ୍ର ମକର ସଂକ୍ରାନ୍ତି ସହରରେ ପାଳିତ ହୋଇଯାଇଛି । ସେହିପରି ତେଲୁଗୁ ସଂପ୍ରଦାୟର ମୁଖ୍ୟ ପର୍ବ ପୋଙ୍ଗଲ ମଧ୍ୟ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଛି । ଓଡ଼ିଆ ପରମ୍ପରା ଅନୁଯାୟୀ ଆଜି ନୂଆ କରି ଅମଳ ହୋଇଥିବା ଚାଉଳ ଦେବାଦେବୀଙ୍କ ନିକଟରେ ପୂଜା କରାଯାଇଥିଲା । ସେହିପରି ତେଲୁଗୁ ସଂପ୍ରଦାୟର ଲୋକମାନେ ଆଜିର ଦିନରେ ସେମାନଙ୍କ ପୂର୍ବ ପୁରୁଷଙ୍କୁ ସ୍ମରଣ କରି ପୂଜାର୍ଚ୍ଚନା କରିଥିଲେ । ଅପର ପକ୍ଷରେ ଗୁଡ଼ି ଉଡା ପରମ୍ପରା ଭିତରେ ଆଜି କଟକ ସହର ଉତ୍ସବ ମୁଖର ହୋଇପଡ଼ିଥିଲା ।

ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହ ଦିନ ବଡ଼ ହେବା ଆରମ୍ଭ ହୋଇଥାଏ ବୋଲି କୁହାଯାଏ । ଅମଳ ହୋଇଥିବା ନୂଆ ଚାଉଳ ଆଜି ଦେବାଦେବୀଙ୍କ ପାଖରେ ଭୋଗ ଲଗାଯାଇଥିଲା । ସହରର ସବୁ ଦେବାଦେବୀଙ୍କ ମନ୍ଦିରରେ ମକର ଚାଉଳ ଭୋଗ ଓ ପୂଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଭୋଗ ହୋଇଥିବା ମକର ଚାଉଳକୁ ଘରର ସଦସ୍ୟମାନେ ଖାଇଥିଲେ । ସେହିପରି ତେଲୁଗୁ ସଂପ୍ରଦାୟର ଲୋକେ ମକର ସଂକ୍ରାନ୍ତିଙ୍କୁ "ପୋଙ୍ଗଲ" ଭାବେ ପାଳନ କରିଥାନ୍ତି । ଏହି ପର୍ବକୁ ୪ ଦିନ ଧରି ତେଲୁଗୁ ସଂପ୍ରଦାୟର ଲୋକେ ପାଳନ କରିଥାନ୍ତି । ପର୍ବର ପ୍ରଥମ ଦିନକୁ "ବୋଗି", ଦ୍ୱିତୀୟ ଦିନକୁ "ପେଦା ପଣ୍ଡୁଗା", ତୃତୀୟ ଦିନକୁ "କଣମୁ" ଓ ଚତୁର୍ଥ ଦିନକୁ "ମୁକ-କଣମୁ" କୁହାଯାଏ । ପ୍ରଥମ ଦିନରେ ଅଗ୍ନିକୁ ପୂଜା କରି ଛକମାନଙ୍କରେ ବଡ଼ ବଡ଼ କାଠ ଗଣ୍ଡି ଜଳା ଯାଇଥାଏ । ଦ୍ୱିତୀୟ ଦିନକୁ "ପେଦା ପଣ୍ଡୁଗା" ବୋଲି କୁହାଯାଇଥାଏ । ପର୍ବର ଦ୍ୱିତୀୟ ଦିନରେ ଘରର ପୂର୍ବପୁରୁଷଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଉଦ୍ଦେଶ୍ୟରେ ପିଠା ପଣା କରାଯାଇ ପ୍ରଥମେ ପୂର୍ବ ପୁରୁଷଙ୍କୁ ଦିଆଯାଇଥିଲା । ସହରର ଦେୱାନ ବଜାରରେ ଥିବା ଏକମାତ୍ର ବାଲାଜୀ ସ୍ୱାମୀ ମନ୍ଦିରରେ ଆଜି ତେଲୁଗୁ ସଂପ୍ରଦାୟର ଲୋକମାନଙ୍କର ଦିନତମାମ ଭିଡ଼ ଲାଗିରହିଥିଲା । ଏହାଛଡ଼ା ତେଲୁଗୁ ସଂପ୍ରଦାୟର ଲୋକେ ଘର ଆଗରେ ମୁରୁଜ ଓ ଝୋଟି ପକାଇଥିଲେ । ସେହିପରି ସମସ୍ତେ ନୂତନ ବସ୍ତ୍ର ପରିଧାନ କରିଥିଲେ । ପର୍ବର ତୃତୀୟ ଦିନକୁ "କଣମୁ" କୁହାଯାଏ । ଏହି ଦିବସରେ ଗୃହପାଳିତ ପଶୁଙ୍କୁ ପୂଜା କରାଯାଇ ବିଭିନ୍ନ ପ୍ରକାର ପିଠା ଓ ମିଠା ପ୍ରସ୍ତୁତ କରାଯାଏ । ପର୍ବର ଶେଷ ଦିନକୁ "ମୁକ କଣମୁ" କୁହାଯାଇଥାଏ । ଉକ୍ତଦିନ ନବବିବାହିତ ଜ୍ୱାଇଁଙ୍କୁ ଘରକୁ ନିମନ୍ତ୍ରଣ କରାଯିବା ସହ ସେମାନଙ୍କ ପରିବାର ସୁଖଶାନ୍ତି ପାଇଁ ପୂଜାର୍ଚ୍ଚନା କରାଯାଇଥାଏ । ଏହାଛଡ଼ା ସହରର ମର୍କତନଗର ଓ ଜଗତପୁର ନଈକୂଳିଆ ବସତିରେ ଆଦିବାସୀ ଲୋକେ ସେମାନଙ୍କ ବିଶେଷ ରୀତିରେ ମକର ପର୍ବ ପାଳନ କରିଛନ୍ତି । ଏହିପରି ଭିନ୍ନଭିନ୍ନ ପାଳନ ପର୍ବରେ କଟକ ସହର ମକର ସଂକ୍ରାନ୍ତି ଅବସରରେ ଉତ୍ସବ ମୁଖର ହୋଇପଡ଼ିଥିଲା ।

ମକର ସଂକ୍ରାନ୍ତିରେ ସହରରେ ଗୁଡ଼ି ଉଡାର ପର୍ବ ପାଳିତ ହୋଇଯାଇଛି । କଟକଣା ଭିତରେ ସବୁ ନିୟମକୁ ମାନି ସହରବାସୀ କଟକୀ ଓ ଦେଶୀ ସୂତାରେ ଗୁଡ଼ି ଉଡାଇଥିଲେ । ସହରର ମହାନଦୀପଠା, କାଠଯୋଡ଼ିପଠା ଓ ଛାତ ଉପରେ ମ୍ୟୁଜିକ ଲଗାଇ ଗୁଡ଼ି ଉଡା ଚାଲିଥିଲା । ରଂଗ ବେରଂଗ ଗୁଡ଼ିରେ ଆକାଶର ଦୃଶ୍ୟ ଆକର୍ଷଣୀୟ ହୋଇପଡ଼ିଥିଲା । ସୁଲୁସୁଲିଆ ପବନରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ କଟକିଆ ଗୁଡ଼ି ଉଡାରେ ବ୍ୟସ୍ତ ରହିଥିଲେ । ପବିତ୍ର ମକର ସଂକ୍ରାନ୍ତି ଅବସରରେ ରୌପ୍ୟନଗରୀ କଟକ ସହରରେ ଉତ୍ସବର ମାହୋଲ ପରିଲକ୍ଷିତ ହୋଇଥିଲା ।

## ଭୁବନେଶ୍ୱରରୁ କଟିଲା ୨ ବିମାନ ବନ୍ଦରର ସଂଯୋଗ

**ଭୁବନେଶ୍ୱର,୧୪।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିମାନ ସେବାକୁ ବଡ଼ ଝଟକା । ଭୁବନେଶ୍ୱରକୁ କଟିଲା ଦୁଇଟି ବିମାନ ବନ୍ଦରର ସଂଯୋଗ । ଲକ୍ଷ୍ନୌ ଓ ଜୟପୁରକୁ ବନ୍ଦ ହେଲା ବିମାନ ସେବା । ଏଣିକି ଏହି ଦୁଇ ସହରକୁ କନେକ୍ଟିଂ ଫ୍ଲାଇଟରେ ଯିବାକୁ ପଡ଼ିବ । ଯାହା ଯାତ୍ରୀଙ୍କ ପାଇଁ ସାଜିବ ମହଙ୍ଗା । ପୂର୍ବରୁ ଭୁବନେଶ୍ୱର ସହ ୩୦ଟି ସହରକୁ ସିଧାସଳଖ ବିମାନ ସଂଯୋଗୀକରଣ ଥିଲା । ହେଲେ ଏବେ ଏହା କମି ୨୮ରେ ପହଞ୍ଚିଛି । ଗତ ବର୍ଷ ଶେଷ ଆଡ଼କୁ ବିମାନ ସେବା ବନ୍ଦ ହୋଇଥିଲେ ବି ଯାତ୍ରୀ ସେବାକୁ ପ୍ରଭାବିତ କରିନି । ଗତ ବର୍ଷ ପ୍ରଥମ ଥର ପାଇଁ ରେକର୍ଡ ୫.୧୫ ମିଲିୟନ ଯାତ୍ରୀ ଭୁବନେଶ୍ୱର ଯିବା ଆସିବା କରିଥିଲେ । ଯାହା ଦେଶରେ ୧୩ ତମ । ୭୦ ମିଲିୟନ ଯାତ୍ରୀ ସହ ପ୍ରଥମ ସ୍ଥାନରେ ରହିଛି ଦିଲ୍ଲୀ । ଇଣ୍ଡିଗୋ ବିବାଦ ପରେ ମାନବ ସମ୍ବଳ ସାଙ୍ଗକୁ ଫ୍ଲାଇଟ ଅଭାବ ରହିଲାଣି । ତାସାଙ୍ଗକୁ ଫେବୃଆରୀରେ କୁହୁଡି ସମ୍ଭାବନା ରହିଛି । ଯାହା ଉତ୍ତର ଭାରତ ସହ ଭୁବନେଶ୍ୱରରୁ ବିମାନ ସେବାକୁ ପ୍ରଭାବିତ କରିବ । ଲକ୍ଷ୍ନୌକୁ ବିମାନ ସେବା ବନ୍ଦ ହେବା ଯୋଗୁଁ ଯାତ୍ରୀଙ୍କ ସଂଖ୍ୟା ବି ବହୁ ମାତ୍ରାରେ କମିବାର ଆଶଙ୍କା ରହିଛି । ଏଭଳି ସ୍ଥିତିରେ ଭୁବନେଶ୍ୱରରକୁ ଅଧିକ ବିମାନ ଚଳାଚଳର ଆବଶ୍ୟକତା ଅନୁଭବ କରିଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ । ସେପଟେ ଏହି ଦୁଇଟି ସହରକୁ ବିମାନ ସେବା ବନ୍ଦ ହେବା ପରେ ବଢ଼ିଛି ଟୁର୍ ଅପରେଟରଙ୍କ ଚିନ୍ତା । ଏଭଳି ସ୍ଥିତି ଲାଗି ରହିଲେ, ପୂର୍ବରୁ ହୋଇଥିବା ବୁକିଂ କଣ ହେବ । କେହି ବି ଅଧିକ ଟଙ୍କା ଦେଇ କନେକ୍ଟିଂ ଫ୍ଲାଇଟରେ ଯିବାକୁ ଚାହିଁବେନି । ସଂପୂର୍ଣ୍ଣ ଟଙ୍କା ଫେରାଇଲେ କ୍ଷତି ସହିବେ ଟୁର ଅପରେଟର । ଯଦି ଲକ୍ଷ୍ନୌ ଓ ଜୟପୁରକୁ ପୁଣି ବିମାନ ସେବା ସଂଯୋଗ ହୁଏ, ପାଖାପାଖି ଅଧିକ ୩ ଲକ୍ଷ ଯାତ୍ରୀ ସୁବିଧା ପାଇବେ । ଗତ ମାସ ଡିସେମ୍ବର ୩୦ରୁ ଜାନୁଆରୀ ୧ ତାରିଖ ଯାଏଁ ଦେଢ଼ ଲକ୍ଷ ଯାତ୍ରୀ ଅଯୋଧ୍ୟା ରାମ ମନ୍ଦିର ପାଇଁ ବୁକିଂ କରିଥିଲେ । ହେଲେ ବିମାନ ଚଳାଚଳ ପ୍ରଭାବିତ ହେବାରୁ କମିବାରେ ଲାଗିଲାଣି ଯାତ୍ରୀଙ୍କ ସଂଖ୍ୟା ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ